


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-354 ♦BHUBANESWAR ♦SUNDAY ♦22 JUNE 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୨ ♦ସଂଖ୍ୟା-୩୫୪ ♦ଭୁବନେଶ୍ୱର ♦ରବିବାର ♦୨୨ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# PRAYASH CLASSES

## NEET RESULT 2025

| 600+ MARKS | 550+ MARKS | 515+ MARKS | TOTAL NO. OF GOVT. MBBS | GOVT MBBS FROM INTEGRATED BATCH | TOTAL NO. OF AIIMS / SCB | IN AIR 1000 | IN AIR 10000 |
|---|---|---|---|---|---|---|---|
| 09 STUDENTS | 95 STUDENTS | 200 STUDENTS | 228 EXPECTED | 39 EXPECTED | 82 EXPECTED | 06 STUDENTS | 80 STUDENTS |

| MARKS | AIR | NAME |
|---|---|---|
| 634 | 180 | PABITRA |
| 631 | 219 | ABHISHEK |
| 620 | 456 | ABHAYA |
| 611 | 762 | RITISHA |
| 609 | 845 | JAYJEET |
| 607 | 967 | ALYSSA |
| 606 | 1007 | BISHAL |
| 605 | 1035 | SANDIP |
| 602 | 1250 | OMKAR |
| 599 | 1439 | DEEPAK |
| 595 | 1700 | SWETALINA |
| 594 | 1785 | AYUSHMAN |
| 592 | 2002 | PREETAM |
| 591 | 2070 | SAISUDHA |
| 591 | 2151 | SWAYAMBHU |
| 590 | 2276 | SWAYAMSU |
| 589 | 2295 | VANEESHA |
| 589 | 2339 | ARYAN |
| 588 | 2501 | BARSHARANI |
| 585 | 2769 | SAI SARANYA |
| 585 | 2800 | MANOJ |
| 584 | 2972 | UTTAM |
| 583 | 3018 | SWAYAM |
| 583 | 3076 | SWAYANSHREE |
| 583 | 3088 | SHIBSAGAR |
| 582 | 3177 | ABHIJIT |
| 581 | 3397 | BHRUTI |
| 580 | 3531 | SAAHIL |
| 580 | 3526 | SWAGATIKA |
| 579 | 3606 | ANNAPURNA |
| 578 | 3771 | RAJESH |
| 577 | 4055 | PRIYANSHU |
| 577 | 4064 | DIPTIREKHA |
| 575 | 4384 | MIHIR |
| 575 | 4468 | ASHISH |
| 574 | 4611 | IPSITA NAYAK |
| 572 | 4989 | ALIVA |
| 571 | 5158 | IPSITA KAR |
| 571 | 5158 | ANSUMAN |
| 570 | 5367 | KANHEI |
| 569 | 5596 | SUMIT ROUT |
| 568 | 5862 | TANMAY |
| 568 | 5898 | A.S ANSHUMAN |
| 568 | 5942 | P.J.SONALI |
| 568 | 6010 | KUMAR PRINCE |
| 567 | 6018 | RUDRA |
| 567 | 6078 | R.S. AMRUTA |
| 567 | 6129 | SONALI |
| 567 | 6291 | SIBASISH |
| 566 | 6487 | SUNAYANA |
| 565 | 6577 | JASHOBANT |
| 565 | 6734 | PANKAJ |
| 565 | 6831 | SMRUTI |
| 564 | 7032 | ANWESHA |
| 564 | 7135 | SUBHRANSU |
| 563 | 7245 | SUCHI |
| 563 | 7305 | SOUMYASMITA |
| 563 | 7335 | SRIKRISHNA |
| 562 | 7526 | MONALISA |
| 562 | 7568 | ANSUMAN |
| 562 | 7627 | SWABHIMAN |
| 562 | 7647 | AYUSHMAN |
| 562 | 7736 | SUMIT |
| 562 | 7747 | SWARAJ |
| 561 | 7959 | OM MEHER |
| 561 | 8007 | SWASTIK |
| 561 | 8138 | DEEPAK |
| 560 | 8386 | ARPITA |
| 560 | 8430 | ASUTOSH |
| 559 | 8574 | ROJALIN |
| 559 | 8579 | SUSHREE |
| 559 | 8725 | ABHISHEK |
| 557 | 9448 | PRIYANKA |
| 557 | 9457 | ROHIT |
| 557 | 9563 | PRATIK |
| 556 | 9569 | ANANTA |
| 556 | 9618 | SAI SUBHRA |
| 556 | 9821 | ANINDITA |
| 556 | 9835 | KISHAN |
| 556 | 9868 | SMRUTI |
| 554 | 10506 | SIMRAN |
| 554 | 10576 | HARSHIT |
| 554 | 10693 | RUDRA |
| 553 | 10804 | PRAGYAN |
| 552 | 11316 | NIHARIKA |
| 552 | 11343 | PRIYANSHU |
| 552 | 11409 | SHIBASHISH |
| 552 | 11570 | MRUTUNJAY |
| 551 | 11721 | MOTILIPSHA |
| 551 | 11868 | SOUBHAGYA |
| 551 | 11948 | SUNIL |
| 550 | 12000 | HEMANTA |
| 550 | 12067 | GOURAB |
| 550 | 12229 | NIHARIKA |
| 550 | 12295 | NATASHA |
| 549 | 12463 | SAIKISHAN |
| 549 | 12465 | SUBHASISH |
| 549 | 12627 | ABHISHEK |
| 549 | 12713 | SIDHARTHA |
| 549 | 12720 | SWOSTIK |
| 549 | 12772 | MRITYONJAY |
| 548 | 12935 | AYUSH |
| 548 | 13046 | KRISHNA |
| 548 | 13103 | UMASHANKAR |
| 548 | 13147 | ANWESHA |
| 548 | 13282 | PRIYANSHU |
| 548 | 13361 | PRIMESH |
| 547 | 13496 | PRAJAKTA |
| 547 | 13669 | SUBHASMITA |
| 547 | 13718 | OMM JYOTI |
| 546 | 14008 | SNEHASIS |
| 546 | 14083 | AJITESH |
| 546 | 14145 | ANIL |
| 546 | 14296 | BISWESWAR |
| 546 | 14301 | ULLASH |
| 545 | 14562 | ROHIT |
| 545 | 14563 | SANGRAM |
| 545 | 14661 | ARPITA |
| 545 | 14750 | SOUMIK |
| 544 | 14931 | ANKITA |
| 544 | 15061 | SWEET |
| 543 | 15778 | SWATI |
| 542 | 15930 | JYOTIRANJAN |
| 542 | 16027 | SATYASWARUP |
| 542 | 16057 | MANDEEP |
| 542 | 16142 | SUBHAM |
| 542 | 16754 | AAYUSH |
| 541 | 16626 | SUNITA |
| 541 | 16694 | PRIYANSHU |
| 540 | 17340 | MANJULATA |
| 540 | 17371 | YAGNYASENI |
| 540 | 17440 | HIMANSHU |
| 539 | 17787 | ASHUTOSH |
| 538 | 18239 | SWAYAM |
| 538 | 18649 | SUBHAJIT |
| 537 | 19169 | ARMAN |
| 536 | 19782 | ABHINAB |
| 535 | 20330 | PAYAL |
| 535 | 20528 | OM TIWARI |
| 534 | 20866 | NITISH |
| 533 | 21842 | SANJEEV |
| 533 | 22030 | SASWAT |
| 532 | 22305 | PRIYANKA |
| 532 | 22372 | ANSUMAN |
| 532 | 22434 | SHREYASEE |
| 531 | 23225 | ANUSKA |
| 531 | 23395 | BISWAJIT |
| 531 | 23437 | ADYASHA |
| 530 | 23731 | OMM PRATIK |
| 530 | 23942 | SOUBHAGYA |
| 529 | 24586 | JAGRUTI |
| 528 | 25583 | SUBHASMITA |
| 527 | 26034 | BARSHA |
| 527 | 26145 | HARMONY |
| 527 | 26309 | ASIM |
| 527 | 26463 | DIBYAJYOTI |
| 526 | 26487 | AYUSHMAN |
| 526 | 26657 | SUBHAM |
| 526 | 26821 | BISHNU |
| 526 | 27085 | SOBHALIN |
| 525 | 27601 | AADITYA |
| 525 | 27640 | SASMITA |
| 525 | 27702 | SPANDITA |
| 524 | 28179 | ANSHUMAN |
| 524 | 28186 | ANANYA |
| 524 | 28428 | RUPASHREE |
| 524 | 28476 | NIHARIKA |
| 524 | 28507 | RATNABALI |
| 524 | 28543 | SWAGAT |
| 523 | 29176 | SATWIK |
| 523 | 29466 | SUBHAM |
| 523 | 29533 | ANEESH |
| 523 | 29750 | DEBAJYOTI |
| 522 | 29933 | ABHILIPSA |
| 522 | 30004 | RAJNANDINI |
| 521 | 30737 | ANWESHA |
| 521 | 30887 | MONALISHA |
| 521 | 31269 | SOMYA |
| 520 | 31642 | REONA |
| 520 | 31854 | SOURAV |
| 520 | 31930 | DEBASMIT |
| 519 | 32449 | ARPITA |
| 519 | 32958 | SURYA |
| 519 | 32781 | SOUMYA |
| 518 | 33495 | MOUSUMI |
| 518 | 33832 | SWATI |
| 518 | 33990 | OMM |
| 517 | 34119 | SWAHA |
| 517 | 34135 | SWAYAM |
| 517 | 34273 | SWAPNAMOY |
| 517 | 34604 | RITESH |
| 516 | 35284 | BARSHA |
| 516 | 35290 | SUDEEP |
| 516 | 35340 | RUDRANARAYAN |
| 516 | 35448 | DIBYAJYOTI |
| 516 | 35475 | SAGARIKA |
| 516 | 35674 | ARPITA |
| 516 | 35890 | SUMAN |
| 515 | 36000 | SAMIKSHYA |
| 515 | 36539 | SAYAM |

JAJPUR : TANDARA, SANKHACHILA, JAJPUR, 755015, CONTACT US : +91 78538 48170 | BALASORE : GANESWARPUR, JANUGANJ, INFRONT OF TENTULIA THAKURANI, BALASORE , 756019, CONTACT +91 91247 95476

# ଆଜି ନବୀନଙ୍କ ଅସ୍ତ୍ରୋପଚାର

# ଶୁଭ ମନାସି ରାଜ୍ୟବାସୀ ଜାଳିଲେ ଅଖଣ୍ଡ ଦୀପ

■ ଉପବାସ ସହ ମନ୍ଦିରରେ ମା'ମାନଙ୍କ ପୂଜାର୍ଚ୍ଚନା ■ ବିଭିନ୍ନ ମନ୍ଦିର ନିକଟରେ ଗଣ ଦୀପଦାନ


ଚାନ୍ଦବାଲି, ଭଦ୍ରକ


ଯାଜପୁର


ଢେଙ୍କାନାଳ


ରାମମନ୍ଦିର, ଭୁବନେଶ୍ୱର


କଳାହାଣ୍ଡି



ରାୟଗଡ଼ା

ଭୁବନେଶ୍ୱର,୨୧।୬(ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀ ମୋର୍ ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ୨୪ ବର୍ଷ ଧରି ନିଜ ପରିବାରର ଲୋକମାନଙ୍କ ପାଇଁ ବିନା ବାକ୍ୟବ୍ୟୟରେ ସମର୍ପିତ ଭାବରେକାମ କରି ଆସିଛନ୍ତି । ପ୍ରତିଦାନରେ ଓଡ଼ିଶାବାସୀ ମଧ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି ଆଶୀର୍ବାଦ । କ୍ଷମତାରେ ନ ଥିଲେ ମଧ ରାଜ୍ୟର କୋଟିକୋଟି ପରିବାର ତାଙ୍କୁ ନିଜର ମୁଖିଆ ମଣୁଛନ୍ତି । ଆଉ ଏବେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ନବୀନଙ୍କ ପାଇଁ ସାରା ରାଜ୍ୟବାସୀ ଅଜାଡ଼ି ଦେଇଛନ୍ତି ଅସୁମାରୀ ଶ୍ରଦ୍ଧା, ଅଯୁତ ଅଯୁତ ଆଶିଷ । ସାରା ରାଜ୍ୟରେ ଜନସାଧାରଣ ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରି ଦୀପ ଜାଳିଛନ୍ତି । ଉପବାସ ରହି ମା' ମାନେ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି । ଆଜି ସଂଧ୍ୟାରେ ବିଭିନ୍ନ ମନ୍ଦିର ନିକଟରେ ସାଧାରଣ ଲୋକଙ୍କ ସହ ଦଳୀୟ କର୍ମୀ ଓ ନେତାମାନେ ମଧ ଗଣ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ସୂଚନା ଅନୁସାରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ନବୀନ ଆଜି ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇସାରିଛନ୍ତି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡ଼ାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ୱାବଧାନରେ ଏକ ଡ଼ାକ୍ତର ଦଳ ତାଙ୍କର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । ରବିବାର ସକାଳ ୬ଟାରେ ତାଙ୍କର ଅସ୍ତ୍ରୋପଚାର ହେବ। ନିଜ ଅସୁସ୍ଥତା ଓ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବା ସୂଚନା ନବୀନ 'ଏକ୍ସ'ରେ ଦେବା ପରେ ତାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ଓଡ଼ିଆ ଏବେ ବିବ୍ରତ। ଗତକାଲି ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯିବାବେଳେ ତାଙ୍କ ବାସଭବନଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଯେପରି ଲୋକାରଣ୍ୟ ହୋଇଥିଲା ଓ ମହିଳାମାନେ ଲୁହଗଡ଼ାଇ ନବୀନଙ୍କ ଆରୋଗ୍ୟ କାମନା କରୁଥିଲେ ତାହା ଅନେକଙ୍କୁ ଭାବପ୍ରବଣ କରି ଦେଇଥିଲା। ଆଉ ଆଜି ରାଜ୍ୟର କୋଣ ଅନୁକୋଣରେ ପୂଜାର୍ଚ୍ଚନା ଓ ଦୀପଦାନ କରି ତାଙ୍କର ମଙ୍ଗଳ ମନାସୀଛନ୍ତି ରାଜ୍ୟବାସୀ । ଦିଲ୍ଲୀସ୍ଥିତ ଜଗନ୍ନାଥମନ୍ଦିରରେ ଓଡ଼ିଆ ସମାଜର ବହୁ ବ୍ୟକ୍ତିବିଶେଷ ଏକାଠି ହୋଇ ନବୀନଙ୍କ ଉତ୍ତମ ଚିକିତ୍ସା ପାଇଁ ଅଖଣ୍ଡ ଦୀପ ଜଳାଇଛନ୍ତି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମଧ ଏହି ଅବସରରେ ଉପସ୍ଥିତ ଥିଲେ।

ବିଜେଡି ବିଧାୟକ କଳିକେଶ ସିଂହଦେଓଙ୍କ ସହ ଶତାଧିକ ଲୋକ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମନ୍ଦିରରେ ନବୀନଙ୍କ ପାଇଁ ଅଖଣ୍ଡଦୀପ ଜଳାଇଛନ୍ତି। ବାଲେଶ୍ୱର ଜିଲ୍ଲା ବାବା ବକ୍ରେଶ୍ୱର ଶୈବ ପୀଠରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ଶହଶହ ଲୋକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ଦାନ କରିଛନ୍ତି। ମହିଳାମାନେ ଉପବାସ ରହି ନବୀନଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡ଼ିଶାକୁ ଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଉଦଳାରେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ଉପଖଣ୍ଡର ବହୁ ଲୋକ ଉଦଳା ହନୁମାନ ମନ୍ଦିରରେ ପହଞ୍ଚି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଛନ୍ତି। ସେହିପରି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନୀଳଗିରିରେ ମଧ ମା' ଭୂଧାରଚଣ୍ଡୀଙ୍କ ନିକଟରେ ଦୀପଦାନ କରାଯାଇଛି। ଯାଜପୁରରେ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବିରଜା ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ସଫଳ ଅସ୍ତ୍ରୋପଚାର କାମନା କରି ବହୁ ଲୋକ ପୂଜାର୍ଚ୍ଚନା କରିଛନ୍ତି । ପୁରୀରେ ମଧ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଦାନ କରି ଲୋକମାନେ ନବୀନଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି । ସେହିପରି ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ବଲାଙ୍ଗିର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକମାନେ ଦୀପଦାନ ସହ ପୂଜାର୍ଚ୍ଚନା କରିଛନ୍ତି ।

ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ଶହ ଶହ ଲୋକ ରାମନ୍ଦିର ନିକଟରେ ଏକତ୍ର ହୋଇ ସନ୍ଧ୍ୟା ଆଳତୀ ସମୟରେ ନବୀନ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ବ୍ୟୋମକେଶ ରାୟଙ୍କ ସହିତ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସମେତ ବହୁ ନେତା ଓ ନେତ୍ରୀ ସାମିଲ ହୋଇଛନ୍ତି।

# ଦିନକୁ ୧୫ ଦୁଷ୍କର୍ମ ସରକାରଙ୍କ ଉପଲବ୍ଧି

## ଡବଲ ଇଞ୍ଜିନ, ଡବଲ ଧୋକା

ଭୁବନେଶ୍ୱର,୨୧।୬(ସମିସ): ଶୁକ୍ରବାର ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ଅନ୍ୟ ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟ ୧୫% ରଖାଯାଇଥିବାବେଳେ ଭିଜନ ଡ଼କୁମେଣ୍ଟରେ ଓଡ଼ିଶାର ବିକାଶ ହାର ୯ ପ୍ରତିଶତ ରଖାଯିବାକୁ ନେଇ ବିଜେଡ଼ି କଟାକ୍ଷ କରିଛି । ନବୀନ ସରକାରଙ୍କ ସମୟରେ ଓଡ଼ିଶା ୧୬ ପ୍ରତିଶତ ବିକାଶ ହାର ହାସଲ କରିଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ସରକାରଙ୍କ ଦୂରଦୃଷ୍ଟି ବା ଭିଜନ ଏତେ ସଂକୁଚିତ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି । ଡ଼ବଲ ଇଞ୍ଜିନ୍ ସରକାରରେ ବିକାଶ ନୁହେଁ, ଧୋକ୍କା ଡ଼ବଲ ମିଳିଛି ବୋଲି ବିଜେଡି କଟାକ୍ଷ କରିଛି ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଏବେ ପ୍ରତାରଣା ପାଲଟିଛି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ଯେ ଶ୍ରୀମନ୍ଦିର ତଥା ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଗତ ଏକ ବର୍ଷରେ ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଥିବା ଉଲ୍ଲେଖ କରି ପାତାଳରେ ବି ରହିଥିଲେ ମଧ ଆମେ ତାକୁ ଖୋଜି ଆଣିବୁ ବୋଲି ଦମ୍ଭୋକ୍ତି କରିଥିଲେ; କିନ୍ତୁ ସରକାରକୁ ଆସିବା ପରେ ସେମାନେ ସ୍ୱର ବଦଳାଇ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ସରକାର ଚାବି କଥା ସାର୍ବଜନୀନ କଥା ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ବିଜେପିକୁ ଘେରିଲା ବିଜେଡି

ସେହିପରି ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ପ୍ରତିଶ୍ରୁତି ମିଛ ପ୍ରମାଣିତ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଅବଧି ଶେଷ ହେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ ହୋଇପାରି ନାହିଁ। ଏପରିକି ଦର୍ଶନ ବ୍ୟବସ୍ଥା ମଧ ଅବ୍ୟବସ୍ଥିତ ହୋଇପଡ଼ିଥିବା ଖୋଦ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ ୧୮.୧୯ ପ୍ରତିଶତ ଅନୁଦାନ କମିବା ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ମହାମିଛ ବୋଲି ପ୍ରମାଣିତ ହୋଇଛି । ଗତ ବଜେଟରେ ଦେଶର ୧୨ଟି ସହରକୁ ଶିଳ୍ପ ସହର ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ ହେଁ ଏଥିରେ ଓଡ଼ିଶାରୁ କୌଣସି ସହର ସ୍ଥାନ ପାଇନାହିଁ।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଗତ ଏକ ବର୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ



■ ବର୍ଷକରେ କେନ୍ଦ୍ରୀୟ ଅନୁଦାନ ୧୮.୧୯ % ହ୍ରାସ
■ ଶ୍ରୀମନ୍ଦିର ସଂକ୍ରାନ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ

ହୋଇ ପଡିଛି। ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ମହିଳାମାନଙ୍କ ଉପରେ ନିର୍ଯାତନା ଘଟଣାରେ ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ପ୍ରତିଦିନ ୧୫ଟି ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦୁଷ୍କର୍ମ ପ୍ରାୟ ୮ ପ୍ରତିଶତ ବୃଦ୍ଧି ପାଇଥିବା ସରକାର ସ୍ୱୀକାର କରିଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟର ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନ ହାସଲ କରିଛି । ସୁଭଦ୍ରା ଯୋଜନାରେ ବିଜେପି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି କୁହା ଯାଇଥିଲା। ମାତ୍ର ଏବେ ବର୍ଷକୁ ପାଞ୍ଚ ପାଞ୍ଚ ହଜାର ଦୁଇ କିସ୍ତିରେ ଦେଇ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଥିବା ମିଛ ପ୍ରଚାର କରାଯାଉଛି। ନବୀନ ସରକାରଙ୍କ ସମୟରେ, ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏହାକୁ ବର୍ତ୍ତମାନର ସରକାର ବନ୍ଦ କରି ଦେଇଛନ୍ତି।

ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଗତକାଲି ରାଜ୍ୟ ସରକାର ବିଭ୍ରାନ୍ତ କରିଛନ୍ତି। ଓଡ଼ିଶାର ବାସ୍ତବ ଚିତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଯେଉଁ ଓଡ଼ିଶା ବିକାଶର ମୁଖଶାଳା ହେବ ବୋଲି କହୁଛନ୍ତି, ସେହି ରାଜ୍ୟ ଚାଳିଶ ବର୍ଷର ବ୍ୟବଧାନ ପରେ ଆଜି ମହାମାରୀ କଲେରାରେ ଆକ୍ରାନ୍ତ। ଅଧା ଓଡ଼ିଶାବାସୀ ଆଜି କଲେରା ଓ ଡ଼ାଇରିଆ ରୋଗରେ କଲବଲ ହେଉଛନ୍ତି। ଏପଟେ ରାଜ୍ୟ ସରକାର ଉତ୍ସବରେ ମାତିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାଇରିଆ ଡ୍ୟାନ୍ସ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯାହା କଲେରା ଓ ଡ଼ାଇରିଆ ରୋଗରେ ପୀଡିତ ରୋଗୀ ମାନଙ୍କ ପାଇଁ କଟା ଘାଆରେ ଚୂନ ସଦୃଶ୍ୟ ହୋଇଛି ବୋଲି ସେ ମତବ୍ୟକ୍ତ କହିଛନ୍ତି ।

## ଗୋପାଳପୁର ଗଣବଳାତ୍କାର

# ଓଡ଼ିଶାରେ ଏଆଇସିସିର ଚାରିଜଣିଆ ତଥ୍ୟ ଅନୁସନ୍ଧାନ କମିଟି

ଭୁବନେଶ୍ୱର,୨୧।୬(ସମିସ): ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବା ଏକବର୍ଷ ପୂର୍ଣ୍ଣ ହୋଇଛି। ଏହି ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା, ବାଳିକା ଅପହରଣ ଓ ଗଣଧର୍ଷଣ ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଇଛି। ଏହି ସବୁ ଘଟଣାକୁ ଅନୁଧ୍ୟାନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଦୀପା ଦାସମୁନସୀଙ୍କ ଆବାହକତ୍ୱରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣତି ସିନ୍ଧେ, ସାଂସଦ ଏସ ଯଥୀମଣି ଓ ଶୋଭା ଓଜାଙ୍କୁ ନେଇ ଗଠିତ ଏକ ତଥ୍ୟ ଅନୁସନ୍ଧାନ କମିଟି ଓଡ଼ିଶା ଆସିଛନ୍ତି। କମିଟି ରାଜ୍ୟ ବିଭିନ୍ନ ସ୍ଥାନକୁ ଗସ୍ତ କରିଥିବା ବେଳେ ୨୪ ତାରିଖ ସକାଳ ୧୦ ଟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛନ୍ତି। ଏଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତଥ୍ୟ ଅନୁଧ୍ୟାନ କମିଟି ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବାପାଇଁ ଚାହୁଛନ୍ତି ବୋଲି ଦର୍ଶାଇଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ସମୟ ମାଗିଲେ ପିସିସି ସଭାପତି**

■ ବଢିଲା ଓମ୍‌ଫେଡ୍ କ୍ଷୀର ଦର

# ଲିଟର ପିଛା ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୨୧।୬(ସମିସ): ଓମ୍‌ଫେଡ୍‌ର କ୍ଷୀର ଦର ବଢିବ କି ନାହିଁ ତାହାକୁ ନେଇ ଯେଉଁ ଆଲୋଚନା ଲାଗି ରହିଥିଲା, ତାହାର ଅନ୍ତ ଘଟିଛି। ଆଜି ଓମ୍‌ଫେଡ୍ କ୍ଷୀର ଦରୁ ବୃଦ୍ଧି ଘୋଷଣା କରାଯାଇଛି। ଖାଉଟିମାନେ ଲିଟର ପିଛା ୫୨ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଶନିବାରଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମ୍‌ଫେଡ୍‌ର ନୂଆ ଦର। ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ଟଙ୍କା ବୃଦ୍ଧି ପାଇଛି।

ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ଓମ୍‌ଫେଡ୍ ଏହାର କ୍ଷୀର ଦର ବଢାଇବ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିମାନଙ୍କୁ ଝଟକା ଦେଇଥିଲେ। ଦୁଃଗ୍ଧ ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ନାଳରୁ ଗଳିତ ମୃତଦେହ ଉଦ୍ଧାର

କପ୍ତିପଦା, ୨୧।୬(ସମିସ): ଠାକୁରମୁଣ୍ଡା-ଶରତ ରାସ୍ତା ନୋଟ ଛକ ନିକଟରେ ଥିବା ଏକ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ଶରତ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୌଣସି ବ୍ୟକ୍ତି ନିଖୋଜ ଥିଲେ ସେମାନଙ୍କ ପରିବାର ଶରତ ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଅପରାଧ ଦୁନିଆରେ ବଢୁଛି ନାବାଳକଙ୍କ ଉତ୍ପାତ

■ ସାଢେ ୫ ମାସରେ ୩୦୦ ଦୁଷ୍କର୍ମ ମାମଲାରେ ନାବାଳକ ସଂପୃକ୍ତ
■ ହତ୍ୟା ଓ ନିଶା କାରବାରରେ ମଧ ଧରାପଡୁଛନ୍ତି
■ ନାବାଳକଙ୍କୁ ଢାଲ କରୁଛନ୍ତି ପେଶାଦାର ଅପରାଧୀ

ଭୁବନେଶ୍ୱର,୨୧।୬(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ନେଇ ସାରାଦେଶରେ ଓଡ଼ିଶା ଲଜ୍ଜିତ ହୋଇଥିବା ବେଳେ ଏହି ଘଟଣାରେ ନାବାଳକଙ୍କ ସଂପୃକ୍ତି ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଗଣଦୁଷ୍କର୍ମ ଘଟଣାରେ ୧୦ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ନାବାଳକ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହାପୂର୍ବରୁ ମଧ ଅନେକ ଦୁଷ୍କର୍ମ ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଗିରଫ କରି ସୁଧାରଗୃହକୁ ପଠାଯାଉଥିଲେ ମଧ ଅପରାଧ ଦୁନିଆରେ ସେମାନଙ୍କର ସଂପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ଖାଲି ଦୁଷ୍କର୍ମ ନୁହେଁ, ହତ୍ୟା ଓ ନିଶା କାରବାରରେ ମଧ ସେମାନେ ସକ୍ରିୟ ହେଉଛନ୍ତି। ତେବେ ଅଧିକାଂଶ ମାମଲାରେ ପେଶାଦାର ଅପରାଧୀ ସେମାନଙ୍କୁ ବ୍ୟବହାର କରୁଥିବାର ମଧ ଦେଖାଯାଉଛି।

ପୁଲିସ ଠାରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଜାନଆରୀ ମାସରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୦୦ ପାର୍ କରିଛି ଦୁଷ୍କର୍ମ ମାମଲା। ବିଶେଷ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝି ୨୦୨୪ ଡିସେମ୍ବର ମାସରେ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୫ ମାସରେ ୭୬୯ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୫୦୯ ମହିଳା ଦୁଷ୍କର୍ମ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧ଜଣ ମହିଳା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ବର୍ତ୍ତମାନ ଏହି ସାଢେ ୫ମାସରେ ଦୁଷ୍କର୍ମ ମାମଲା ୯ଶହ ପାର କଲାଣି। ଯାହାକି ପୁଲିସ ପାଇଁ ଚିନ୍ତାର କାରଣ। ତେବେ ଉଦବେଗର ବିଷୟ ହେଲା ଯେ ଏହି ୯୦୦ ଦୁଷ୍କର୍ମ ମାମଲା ମଧ୍ୟରୁର ୩୦୦ ମାମଲାରେ ନାବାଳକଙ୍କ ସଂପୃକ୍ତି ରହିଛି।

ସରକାରୀ ତଥ୍ୟରୁ ଜଣଶପଡ଼ିଛି ଯେ ପ୍ରତିବର୍ଷ ନାବାଳକ ଅପରାଧରେ ସାମିଲ ହେବା ସଂଖ୍ୟା ବଢିବଢି ଚାଲିଛି। ଗତ ୨୨ ବର୍ଷ ମଧ୍ୟରେ ୨୦ ହଜାର ନାବାଳକଙ୍କୁ ବିଭିନ୍ନ ଅପରାଧ ଘଟଣାରେ ଗିରଫ କରି ସୁଧାରଗୃହକୁ ପଠାଯାଇଛି। ଛୋଟ ଅବସ୍ଥାରୁ ନାବାଳକମାନେ ଅପରାଧରେ ପାଦ ଦେବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ନାବାଳକମାନେ ଅପରାଧୀମାନଙ୍କ ସହ ମିଶିବା ଦ୍ୱାରା ଅପରାଧ ଘଟାଇବା ମନବୃତ୍ତି ଆସୁଛି। ଅନେକ ପେଶାଦାର ଅପରାଧୀମାନେ ନିଜ ସ୍ୱାର୍ଥ ପାଇଁ ନାବାଳକଙ୍କୁ ବ୍ୟବହାର କରୁଛନ୍ତି। ନାବାଳକଙ୍କ ପାଇଁ ଆଇନ୍ କୋହଳ ଥିବାରୁ ସେମାନଙ୍କୁ ଅପରାଧୀମାନେ ବ୍ୟବହାର କରୁଛନ୍ତି। ଅନେକ ଗରିବ ଏବଂ ଅପାଠୁଆ ପିଲା ଏଭଳି ଅପରାଧରେ ସାମିଲ ହେଉଛନ୍ତି। ସେମାନେ ଗିରଫ ହୋଇ ସୁଧାରଗୃହ ଗଲେ ମଧ ସେଠାରେ ସେମାନଙ୍କୁ ବଦଳିବା ପାଇଁ ଉଚିତ ଶିକ୍ଷା ଦିଆଯାଉନଥିବା ଅଭିଯୋଗ ହେଉଛି। ସେଠାରେ ଏକାଧିକ ଅପରାଧିକ ମନବୃତ୍ତି ଥିବା ପଲାଙ୍କ ସହ ମିଶିବା ଯୋଗୁଁ ସେମାନେ ଆହୁରି ବିଗିଡ଼ି ଯାଉଛନ୍ତି। ସୁଧାରଗୃହରୁ ବାହାରିବା ପରେ ପୁଣି ଅପରାଧରେ ସାମିଲ ହେଉଛନ୍ତି। ଗତ ଏପ୍ରିଲ ୨୨ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଶିଶୁକୁ ଅପହରଣ କରାଯାଇ ମୁଣ୍ଡ ଜାମିନ୍ ମଗା ଯାଇଥିଲା। ଏହି ଅପରାଧରେ ଜଣେ ନାବାଳକ ମଧ ସାମିଲଥିଲା। ସେହିପରି ପଟିଆ ଅଞ୍ଚଳରେ ଥିବା ଏକ ବାରରେ ଗଣ୍ଡଗୋଳରେ ମଧ ନାବାଳଙ୍କ ସଂପୃକ୍ତି ଥିଲା।

ପିଲାମାନଙ୍କ ମଧ୍ୟରେ ଏଭଳି ମନୋବୃତ୍ତିକୁ ନେଇ ଅନେକ ପୁଲିସ ଅଧିକାରୀ ଏବଂ ସାମାଜିକ କର୍ମୀ ଚିନ୍ତା ପ୍ରକଟ କରିଛନ୍ତି। ସୁଧାରଗୃହରେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବା ସହିତ ଯେଉଁ ଅପରାଧୀ ଏହି ପିଲାମାନଙ୍କୁ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିବାକୁ ସେମାନେ ଦାବି କରିଛନ୍ତି। ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ସେମାନେ ସତର୍କ କରାଇଛନ୍ତି।




ପନ୍ତଙ୍କ ରେକର୍ଡ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-354 ♦BHUBANESWAR ♦SUNDAY ♦22 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୪ ♦ଭୁବନେଶ୍ୱର ♦ରବିବାର ♦୨୨ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


### ନିବେଶ ନିମନ୍ତେ କମ୍ପାନୀଙ୍କୁ ମିଳୁନାହାନ୍ତି ପ୍ରମୋଟର

# ନିବେଶକଙ୍କ ବିଶ୍ୱାସ ହରାଉଛି ଓଡ଼ିଶା

- ଆର୍ସେଲର ମିତ୍ତଲ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ରାସ୍ତାରେ ୱାରୀ
- ଢେଙ୍କାନାଳ ୱାରୀ ପ୍ରକଳ୍ପର ହୋଇଛି ଦୁଇଥର ଶିଳାନ୍ୟାସ
- ଗୁଜରାଟ ଓ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇପାରେ ପ୍ରକଳ୍ପ
- ନିଷ୍ପତ୍ତିର ଦିନକ ପରେ କମ୍ପାନୀର ସ୍ପଷ୍ଟୀକରଣ ବଢ଼ାଇଲା ଦ୍ୱନ୍ଦ୍ୱ

■ **ଭୁବନେଶ୍ୱର, ୨୧।୬ (ସମିସ):** ସରକାର ଓଡ଼ିଶାରେ ବିପୁଳ ନିବେଶର ସ୍ୱପ୍ନ ଦେଖାଉଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟ ଶିଳ୍ପ ସମୃଦ୍ଧ ହେବ ବୋଲି କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ଶିଳ୍ପ ସ୍ଥାପନ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଅନେକ କମ୍ପାନୀ ଓ ନିବେଶକଙ୍କୁ ପ୍ରମୋଟର ମିଳୁନାହାନ୍ତି। ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜନୈତିକ ଅସ୍ଥିରତା, ଆଇନଶୃଙ୍ଖଳା ପରିସ୍ଥିତି ଓଡ଼ିଶାରେ ନିବେଶ ନିମନ୍ତେ ନିବେଶକଙ୍କୁ ଅନାଗ୍ରହୀ କରିଛି। ନିବେଶକମାନେ ଓଡ଼ିଶା ଉପରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ଗତ ସରକାର ସମୟରେ ଶିଳ୍ପ ସ୍ଥାପନ ନିମନ୍ତେ ବୁଝାମଣା କରିଥିବା ଅନେକ ସଂସ୍ଥା ଏଯାଏ ଜମି ଅଧିଗ୍ରହଣ କ୍ଷେତ୍ରରେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ନେତାମାନଙ୍କ ରାଜନୈତିକ ହସ୍ତକ୍ଷେପ ଓ ଆଇନଶୃଙ୍ଖଳା ସ୍ଥିତି ସେମାନଙ୍କୁ ଓଡ଼ିଶାରେ ଶିଳ୍ପ ସ୍ଥାପନ ନିମନ୍ତେ ବୀତସ୍ପୃହ କରିଛି। ପରିଣାମ ସ୍ୱରୂପ କଟକ ଜିଲ୍ଲାର ନରାଜରେ ପ୍ରସ୍ତାବିତ ଜେଏସ୍‌ଡ଼ବ୍ଲ୍ୟୁ ଇଭି କାରଖାନା, କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କାରଖାନା ବିଳମ୍ବିତ ହୋଇ ଚାଲିଛି। ଏହି ଦୁଇ ପ୍ରକଳ୍ପର ଭବିଷ୍ୟତ ଏବେ ବି ଅନିଶ୍ଚିତ। ଏହି ସମୟରେ ସୌର ମଡ୍ୟୁଲ୍ ନିର୍ମାତା ୱାରୀ କମ୍ପାନୀର ଢ଼େଙ୍କାନାଳ ପ୍ରକଳ୍ପ ମଧ୍ୟ ଅନିଶ୍ଚିତା ମଧ୍ୟକୁ ଠେଲି ହୋଇ ଯାଇଛି।

ଦେଶର ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ୱାରୀ ଢେଙ୍କାନାଳ ପ୍ରକଳ୍ପ ଗୁଜରାଟ, ମହାରାଷ୍ଟ୍ରକୁ ସ୍ଥାନାନ୍ତର କରିବା ନିମନ୍ତେ ବିଏସ୍‌ଇ ଓ ଏନ୍‌ଏସ୍‌ଇକୁ ଅବଗତ କରିଛି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ଏହି ପ୍ରକଳ୍ପରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ୱାରୀ ପକ୍ଷରୁ ପ୍ରାୟ ୨୫ ହଜାର କୋଟି ଟଙ୍କା ନିବେଶରେ ଢ଼େଙ୍କାନାଳରେ ▶ପୃଷ୍ଠା-୭

# ୨୪ରୁ ପୁଣି ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇଛି। ମାତ୍ର ରବିବାରଠାରୁ ମୌସୁମୀ ନିମ୍ନ ଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇବ। ତେବେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ଥିବାରୁ ୨୪ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ଘୂର୍ଣ୍ଣିବଳୟ ▶ପୃଷ୍ଠା-୭


SIKSHA ‘O’ ANUSANDHAN

SAAT-2025

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


**ଫୁଲୁଛି ସୁବର୍ଣ୍ଣରେଖା; ବଢ଼ୁଛି ବିପଦ**

# ବାଲିଆପାଳରେ ସ୍ଥିତି ଗମ୍ଭୀର

**ପାଣିଘେରରେ ୮ ପଞ୍ଚାୟତର ୨୦ହଜାର ଲୋକ**

**ସୁଅରେ ଭାସି ଯୁବକ ନିଖୋଜ**

■ **କାଳିପଦା/ଲଙ୍ଗଳେଶ୍ୱର/ଭୋଗରାଇ, ୨୧।୬ (ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡିହି ବ୍ୟାରେଜ୍ ଗେଟ୍ ଖୋଲାଯିବାରୁ ଗତକାଲିଠୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ବ୍ଲକ୍‌ରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବାଲେଶ୍ୱର ଜିଲ୍ଲା ରାଜଘାଟଠାରେ ସୁବର୍ଣ୍ଣରେଖା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଥିବା ବେଳେ ବାଲିଆପାଳ, ଭୋଗରାଇ, ବସ୍ତା ଓ ଜଳେଶ୍ୱର ବ୍ଲକ୍‌ରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବନ୍ୟା ଯୋଗୁଁ ବାଲିଆପାଳ ▶ପୃଷ୍ଠା-୭



## ନେଦାର ୨ ହଜାର ଲୋକ ସ୍ଥାନାନ୍ତର

■ **ସାରସକଣା, ୨୧।୬ (ସମିସ):** ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତ ନେଦା ଗ୍ରାମର ତଳିଆ ଅଞ୍ଚଳରେ ନଈବଢ଼ି ପାଣି ପଶିଯିବା ସହ ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତରେ ବାଧା ଉପୁଜିଛି। ସୁବର୍ଣ୍ଣରେଖାର ଜଳସ୍ତର ବଢୁଥିବାରୁ ନେଦା ଗ୍ରାମରୁ ପ୍ରାୟ ୨୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ମାଗଣା ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ▶ପୃଷ୍ଠା-୭


Join EXCELSIOR to RISE HIGHER




Result Analysis AHSE-2025

| PERCENTAGE | MARKS | STRENGTH |
|---|---|---|
| 90% & ABOVE | 540 & ABOVE | 73 |
| 85% & ABOVE | 510 & ABOVE | 133 |
| 500 & ABOVE | | 148 |
| 80% & ABOVE | 480 & ABOVE | 199 |
| 75% & ABOVE | 450 & ABOVE | 239 |
| 70% & ABOVE | 420 & ABOVE | 273 |
| 60% & ABOVE | 360 & ABOVE | 314 |

| | | |
|---|---|---|
| TOTAL STUDENTS APPEARED | 314 | % |
| TOTAL STUDENTS PASSED | 314 | 100% |
| TOTAL 1st DIVISION | 314 | 100% |
| HIGHEST INDIVIDUAL SCORE IN AHSE 2025 | | 570 |
| NO. OF STUDENTS WHO EXCEEDED THEIR 10th% | | 221 |
| NO. OF STUDENTS WHO MAINTAINED THEIR 10th% | | 76 |

26 STUDENTS WITH 90% IN 10TH HAD JOINED WITH US.
73 STUDENTS HAVE SECURED 90% IN A.H.S.E. EXAM.

IMPROVEMENT ANALYSIS

| 10TH DATA | PERCENTAGE | 12TH RESULT DATA |
|---|---|---|
| 26 STUDENTS | ABOVE 90% | 73 STUDENTS |
| 53 STUDENTS | ABOVE 85% | 60 STUDENTS |
| 84 STUDENTS | ABOVE 80% | 66 STUDENTS |
| 103 STUDENTS | ABOVE 75% | 40 STUDENTS |
| 33 STUDENTS | ABOVE 70% | 34 STUDENTS |
| 15 STUDENTS | ABOVE 60% | 41 STUDENTS |

OUR BEST ACADEMIC ACHIEVEMENT IN A.H.S.E. 2025 - PRANAKRUSHNA MAHANTA, WHO HAD SECURED 72% IN MATRIC
SECURED 92% IN A.H.S.E. EXAM.

ଉତ୍ତିଷ୍ଠତ ଜାଗ୍ରତ

Excelsior Science Residential Higher Secondary School (CHSE)
Permanently Recognized by Govt. of Odisha
Chhotraypur, Jajpur Road, Jajpur

For Admission please Contact:

| | |
|---|---|
| CHSE - | 9437189122, 9437064112, 8457022795, 9437071103, 7978075324, 8328948954. |
| CBSE - | 7008136699, 8249205993, 8596846553. |

ସକାଳ
THE SAKALA



# କୋଟିଆରେ ଆନ୍ଧ୍ର ସିପିଏମ୍ ଦଳର ପଦଯାତ୍ରା

ପଟ୍ଟାଙ୍ଗି, ୨୧।୬(ସମିସ)



କୋରାପୁଟ ଜିଲ୍ଲାପାଳ ଭି କିର୍ତିଭାସନ କିଛି ଦିନ ପୂର୍ବେ କୋଟିଆ ପହଞ୍ଚି ଲୋକଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକୁ ପଚାରି ବୁଝିବା ପରେ ଆଜି ଆନ୍ଧ୍ର ସିପିଏମ ଦଳର ନେତୃମଣ୍ଡଳୀ କୋଟିଆରେ କଲେ ଅନୁପ୍ରବେଶ । ସ୍ଥାନୀୟ ଲୋକଙ୍କୁ ଏକତ୍ରିତ କରି ଓଡ଼ିଶା ବିରୁଦ୍ଧରେ କୋଟିଆ ବାସୀଙ୍କୁ ପ୍ରବର୍ତ୍ତାଇବା ସହ ଓଡ଼ିଶା ବିରୁଦ୍ଧରେ ଓଗାଳିଲେ ବିଷ ।

ସୂଚନା ଅନୁଯାୟୀ ଆଜି ଓଡ଼ିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶର ସିପିଏମ ଦଳର ନେତୃମଣ୍ଡଳୀ କୋଟିଆର ଉପରସେମ୍ବି ଗ୍ରାମରେ ଅନୁପ୍ରବେଶ କରି କିଛି ଗ୍ରାମବାସୀଙ୍କୁ ଏକତ୍ରିତ କରିଥିଲେ । ସେଠାରୁ ସେମାନେ ନିଜ ଦଳୀୟ ପତାକା ଧରିବା ସହ ପଦଯାତ୍ରା ମାଧ୍ୟମରେ କୋଟିଆ, ମାଡକାର, ବର୍ଣ୍ଣାପାଡୁ, ଫଗୁନସିନେରି, ଫାଟୁ ସିନେରି, ଆଦି ଗ୍ରାମରେ ପହଞ୍ଚି ପ୍ରତ୍ୟେକ ଗ୍ରାମରେ ଲୋକଙ୍କୁ ଏକତ୍ରିତ କରିଥିଲେ । ଦୁଇ ରାଜ୍ୟ ମଧ୍ୟରେ ଆଦିବାସୀମାନେ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଓଡ଼ିଶା ସରକାର କୋଟିଆ ବାସି ଙ୍କ ଉପରେ ଆକ୍ରମଣ ବୃଦ୍ଧି କରିଛନ୍ତି ଏବଂ ଆଦିବାସୀଙ୍କ ଉପରେ ଆକ୍ରମଣ ଆରମ୍ଭ କରୁଥିବା ନେଇ ମିଥ୍ୟା ବାର୍ତ୍ତା ଦେବା ସହ । କୋଟିଆବାସୀଙ୍କୁ ଆନ୍ଧ୍ରପ୍ରଦେଶ ସରକାର ସୁରକ୍ଷା ନେଉନାହାନ୍ତି ଏବଂ ଆଦିବାସୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଘୋର ଅବହେଳା ପ୍ରଦର୍ଶନ କରୁଥିବା ନେଇ ଲୋକଙ୍କୁ ବୁଝାଇଥିବା ନେଇ ଜଣାପଡ଼ିଛି । ଦୁଇ ରାଜ୍ୟ ସରକାରଙ୍କୁ ଆଲୋଚନା ପାଇଁ ପ୍ରସ୍ତୁତ କରିବା ଏବଂ ସମସ୍ୟାର ସମାଧାନ ଖୋଜିବା ପାଇଁ ମଧ୍ୟ ଦାବି କରିଥିବା ନେଇ ଜଣାପଡ଼ିଛି । କାର୍ଯ୍ୟକ୍ରମରେ ସାର୍ବଜନୀନ ସଂଗଠନର ନେତା, ଏନୱାଇ ନାଇଡୁ କୋରାଡା ଈଶ୍ୱର ରାଓ ମାରି ଶ୍ରୀନିବାସ ରାଓ, ସଂଘ ମଣ୍ଡଳ କମିଟିର ନେତା ତାଡାଙ୍ଗି ସାନ୍ନାମୁ କୋମ୍ମୁଲୁ, ବିମା ରଞ୍ଜିଥ ସୀଥୈୟ, ଏବଂ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ନେଇ ସୂଚନା ମିଳିଛି ।

# ନଳକୂଅ ଖନନକୁ ଗ୍ରାମବାସୀଙ୍କ ବିରୋଧ

ପୋଡ଼ାଗଡ଼, ୨୧।୬(ସମିସ): ବ୍ୟକ୍ତିଗତ ଜମିରେ ନଳକୂଅ ଖନନକୁ ବିରୋଧକରି ଆଜି ଅପରାହ୍ନରେ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ବିଡିଓ ମିଳନ କୁମାର ଝାଙ୍କର କାର୍ଯ୍ୟ କ୍ଷେତ୍ରକୁ ଯାଇଥିବା ବେଳେ ବରିଷ୍ଠ କିରାଣିକୁ ଗାଁରେ ଆଉ ଏକ ନଳକୂଅ ଖଦନ କରିବା ଲାଗି ଦାବିପତ୍ର ଦିଆଯାଇଛି । କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମା ପଞ୍ଚାୟତ ଅଧିନସ୍ଥ ରହି ଆମ୍ବ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । ସୂଚନା ମୁତାବକ, ଗାଁ ଠାରୁ କିଛି ଦୂର ଥିବା ଏକ ବ୍ୟକ୍ତିଗତ ଜମିରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ନଳକୂଅ ଖନନ କରା ଯାଇଛି । ଗାଁ ପାଖରେ ନଳକୂଅ ଖନନ କରିଥିଲେ, ଗ୍ରାମବାସୀ ଉପକୃତ ହୋଇ ପାରିଥାନ୍ତେ । ବର୍ତମାନ ପାଣି ପାଇଁ ଗ୍ରାମବାସୀ ସମସ୍ୟା ଭୋଗୁଥିବା କହିଛନ୍ତି । ଗାଁରେ ଥିବା ପାଇପ୍ ପାନୀୟ ଜଳ ପ୍ରକଳ୍ପ, ୪ ମାସ ହେଲା ଅଚଳ ହୋଇଯାଇଛି । ଗୁହାରି କଲେ କେହି କର୍ଣ୍ଣପାତ କରୁନାହାନ୍ତି । ତେଣୁ ଆମକୁ ଆଉ ଏକ ନଳକୂଅ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜିବ କୁମାର ଅଲିଙ୍କୁ ଯୋଗାଯୋଗ କରାଯିବାରେ ଗତ କିଛି ବର୍ଷ ତଳେ ୩୦ ଲକ୍ଷ ଟଙ୍କା ବ୍ୟୟ କରି ୨୦ ହଜାର ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ନିର୍ମାଣ କରି, ଗାଁ ଲୋକଙ୍କୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଇଛି । ତାହା ଯଦି ଅଚଳ ହୋଇଛି । ତେବେ ଖୁବଶୀଘ୍ର ମରାମତି କରି ଗାଁ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା କରାଯିବ । ପୁଣି ଅନ୍ୟ ପଟେ ଗାଁରେ ତିନିଟି ନଳକୂଅ ରହିଛି । ଗାଁ ଲୋକଙ୍କ ପାଇଁ ସେତେଟା ପାଣି ସମସ୍ୟା ନାହିଁ । ଆବଶ୍ୟକ ହେଲେ ଆଉ ଏକ ନଳକୂଅ ଯୋଗାଇ ଦିଆଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି ।

# ହାଲ୍ ଇଞ୍ଜିନ ପାର୍ଟ ଚୋରାଚାଲାଣ, ଗାଡ଼ି ଜବତ

ସୁନାବେଡ଼ା, ୨୧।୬(ସମିସ): ଶନିବାର ହାଲ ଇଞ୍ଜିନ ପାର୍ଟସ ଚୋରା ଚାଲାଣ ବେଳେ ପୁଲିସ ଏକ ଗାଡ଼ି ଜବତ କରିଛି ।

ସୂଚନା ଅନୁଯାୟୀ ସୁନାବେଡ଼ା ସ୍ଥିତ ହାଲ ବିମାନ କାରଖାନା ଭିତରୁ ମୂଲ୍ୟବାନ ଇଞ୍ଜିନ ସରଞ୍ଜାମ ଚୋରି ହୋଇ ବିଶାଖାପାଟଣା ଠାରୁ ବିଭିନ୍ନ ଖବର କାଗଜ ପରିବହନ କରୁଥିବା ଏକ ଭ୍ୟାନ ଯୋଗେ ଆନ୍ଧ୍ର ପ୍ରଦେଶକୁ ଚାଲାଣ ହେଉ ଥିବାବେଳେ ପୁଲିସ ପଞ୍ଝାରେ ପଡ଼ିଛି । ହାଲ କାରଖାନାରୁ ଚୋରି ହୋଇଥିବା କିଛି ମୂଲ୍ୟବାନ ଇଞ୍ଜିନ ସରଞ୍ଜାମ ଶନିବାର ସକାଳେ ଆନ୍ଧ୍ର ପ୍ରଦେଶ ଚାଲାଣ କରାଯାଉଥିବା ଖବର ବିଶ୍ୱସ୍ତ ସୂତ୍ରରୁ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ପାଇଥିଲେ । ତୁରନ୍ତ ସେ ସେମିଳିଗୁଡା ଥାନା ଅଧିକାରୀ ଅନୀତା କୁଜୁରଙ୍କୁ ଜଣାଇଥିଲେ । ଉକ୍ତ ଗାଡିଟିକୁ ସେମିଳିଗୁଡ଼ା ଠାରେ ଧରା ଯାଇଥିଲା । ପୁଲିସ ଗାଡ଼ି ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି । ସୁରକ୍ଷା ବ୍ୟବସ୍ଥା ଥାଇ ସୁଦ୍ଧା ମୂଲ୍ୟବାନ ଧାତୁ ହାଲରୁ ବାହାରକୁ କିପରି ଆସୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



# ବଡ଼ଦାଣ୍ଡରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ, ଏସ୍‌ପି

କୋରାପୁଟ, ୨୧।୬ (ସମିସ): ଆସନ୍ତା ୨୭ ତାରିଖରେ ରଥଯାତ୍ରା ହେବାକୁ ଥିବା ବେଳେ ଶାବର ଶ୍ରୀକ୍ଷେତ୍ର କୋରାପୁଟ ବଡ଼ଦାଣ୍ଡରେ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଭି କିର୍ତ୍ତୀ ୱାସନ ଓ ଏସ୍‌ପି ରୋହିତ ବର୍ମା । ସେମାନେ ରଥଖଳାଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବୁଲିଦେଖିବା ସହ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଭକ୍ତମାନେ କିପରି ଶୃଙ୍ଖଳିତ ଭାବରେ ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ଶ୍ରୀ ୱାସନ କହିଛନ୍ତି । ରଥଖଳାଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ପଡୁଥିବା ନାଳ ଗୁଡିକରେ ସ୍ଲାବ୍ ପକାଯିବ ବୋଲି ସେ କହିଛନ୍ତି । ଏହାସହିତ ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତାଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ରଥଯାତ୍ରା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ପି ଶ୍ରୀ ବର୍ମା କହିଛନ୍ତି । ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି । ଶାନ୍ତି ଶୃଙ୍ଖଳାର ସହ ପହଣ୍ଡି ଠାରୁ ରଥଟଣା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁରୁଖୁରରେ ହେବା ନେଇ ପୁଲିସ ପ୍ରଶାସନ ପ୍ରସ୍ତୁତ ଥିବା ସେ କହିଛନ୍ତି । କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟଙ୍କ ସହ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।



# ସାର, ବିହନ ଦୋକାନରେ ଚଢ଼ଉ

କୋଷାଗୁମୁଡା, ୨୧।୬(ସମିସ): ଶନିବାର ଦିନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କୃଷିବିଭାଗ ଟିମ୍ କୋଷାଗୁମୁଡା ବ୍ଲକର କୋଡ଼ିଙ୍ଗାଠାରେ ଥିବା ଏକ ସାର ବିହନ ଦୋକାନ ଉପରେ ଚଢ଼ଉ କରି ପ୍ରାୟ ୨ଲକ୍ଷ ୨୬ ହଜାର ଟଙ୍କାର ବିହନ ଓ ପ୍ରାୟ ୪ ଲକ୍ଷ ୬୫ ହଜାର ଟଙ୍କାର ସାର ଓ ସିଞ୍ଚନ ଔଷଧ ଗୁଡିକୁ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାପଡ଼ିଛି । ଆଗକୁ ଏଭଳି ବ୍ଲକରେ ଥିବା ସାର ଓ ବିହୀନ କେନ୍ଦ୍ର, ଦୋକାନ, ଲ୍ୟାମ୍ପସ ଗୁଡିକକୁ ବିଭାଗ ପକ୍ଷରୁ ଯାଞ୍ଚ କରାଯିବ ବୋଲି କୁହାଯାଇଛି । ଆଜିର ଏହି ଜବତ ସାର ଓ ବିହନ ର ମୂଲ୍ୟ ପ୍ରାୟ ୬ ଲକ୍ଷ ୯୧ହଜାର ଟଙ୍କାର ହୋଇଥିବା ବେଳେ ଆଗକୁ ଆହୁରି ଜୋରଦାର ଯାଞ୍ଚ ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି । ଏହିପରିପ୍ରେକ୍ଷୀରେ ନବରଙ୍ଗପୁର ଏଡିଓଅନୀଲ କୁମାର ପ୍ରହରାଜ, ପାପଡ଼ାହାଣ୍ଡି ଏଡିଓ ବିଶ୍ୱଜିତ ସାହୁ, କୋଡ଼ିଙ୍ଗା ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ପ୍ରସାଦ ଭୂୟାଁ, ସିଡିଏଓ ରାମ ଚନ୍ଦ୍ର ମୁଦୁଲି, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ, ବ୍ଲକ କୃଷିଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ଭିଏଡବ୍ଲୁ ଅଜୟ କୁମାର ମହନା, ଏଟିଏମ ଅନୀଲ କୁମାର ପଣ୍ଡା ପ୍ରମୁଖଙ୍କ ସହ କୋଡ଼ିଙ୍ଗା ପୁଲିସ ଟିମ ଚଢ଼ଉରେ ଉପସ୍ଥିତ ଥିଲେ ।




## ଟାଲେଣ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ




କୋରାପୁଟ, ୨୧।୬(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରତିଷ୍ଠିତ କୋରାପୁଟ ଗାନ୍ଧି ନଗର ସ୍ଥିତ ଟାଲେଣ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଏଥିରେ ସାମିଲ ହୋଇ ଯୋଗ ପ୍ରାଣାୟମ କରିଥିଲେ । ଯୋଗ ଗୁରୁ ଦୂର୍ଯ୍ୟଧନ ଭୋଇ ବିଭିନ୍ନ ପ୍ରକାର ଯୋଗ ପ୍ରଦର୍ଶନ କରି ସେଗୁଡ଼ିକର ସୁଫଳ ସମ୍ପର୍କରେ ଅବଗତ କରାଇ ଥିଲେ ।

## ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ



ନବରଙ୍ଗପୁର, ୨୧।୬(ସମିସ): ସ୍ଥାନୀୟ ମଣ୍ଡେଇ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦେଇ ଥିବା ବେଳେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯଦୁମଣି ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ନବରଙ୍ଗପୁର ସହରର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଗ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚରେ ତିନି ଜଣ ଯୋଗ ଶିକ୍ଷକ ରାଜ ମୋହନ ଭତରା, ସତ୍ୟ ସେଠୀ ଏବଂ ଉଷାରାଣୀ ପ୍ରଧାନ ମଞ୍ଚରେ ଯୋଗ ଅଭ୍ୟାସ ପ୍ରଦର୍ଶନ କରିଥିଲେ । ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ପରେ ଶାନ୍ତି ମନ୍ତ୍ର ପାଠ ସହ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମ ନିମନ୍ତେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ପାତ୍ର ଆୟୋଜନ କରିଥିଲେ ।

## ନବରଙ୍ଗପୁର ଷ୍ଟାଡିୟମ୍



**ନବରଙ୍ଗପୁର :** ନବରଙ୍ଗପୁର ଷ୍ଟାଡିୟମରେ ୧୩ (ଓଡ଼ିଶା) ବାଟାଲିୟନ ଏନ୍‌ସିସି ଦ୍ୱାରା ଯୋଗ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୟୁନିଟ୍ ଅଧୀନରେ ନବରଙ୍ଗପୁର ସହରର ବିଭିନ୍ନ ଅନୁଷ୍ଠାନର ୨୫୦ ଜଣ ଏନ୍‌ସିସି କ୍ୟାଡେଟ୍ ଏବଂ କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଥିମ୍ ସହିତ ପ୍ରତିଧ୍ୱନିତ୍ୱ ହୋଇଥିଲା ।

## ବିଏସ୍‌ଏଫ୍

**ବୈପାରିଗୁଡ଼ା:** ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପୀଠରେ ଶବରୀ ନଦୀ କୂଳରେ ବିଏସଏଫ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ବିଏସଏଫ ଏସି. ଅମିତକୁମାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରରେ ସୁରକ୍ଷା କର୍ମୀମାନେ ଅଂଶଗ୍ରହଣ କରିଥିଲେ । ବ୍ଲକର ମାଝୀଗୁଡା ପଞ୍ଚାୟତ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ସେହିପରି ରାମଗିରି ପଞ୍ଚାୟତର ଭାଲୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଯୋଗ କରିଥିଲେ ।

## ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା

ମାଲକାନଗିରି, ୨୧।୬(ସମିସ): ମାଲକାନଗିରି ସଦର ଥାନା ଅନ୍ତର୍ଗତ ମାଟାପାକା ପଞ୍ଚାୟତର କତାମାଟେରୁ ଅଞ୍ଚଳରେ ଦୁଇ ନିର୍ଦ୍ଦିଷ୍ଟ ଧର୍ମର ଗୋଷ୍ଠୀ ମଧ୍ୟରେ କୌଣସି ଏକ କାରଣ କୁ ନେଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି । ତେବେ କେଉଁ କାରଣରୁ ଏହା ହେଲା ତାହା ଯଦିଓ ସ୍ପଷ୍ଟ ହୋଇନି, କିନ୍ତୁ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ହୋଇ ୬ ରୁ ୭ ଜଣ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି । ଆହତ ବ୍ୟକ୍ତି ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି । ତେବେ ଏନେଇ କୌଣସି ମାମଲା ବର୍ତ୍ତମାନ ସୁଦ୍ଧା ରୁଜୁ ହୋଇ ନଥିବା ଜଣାପଡ଼ିଛି ।

# ପୁରୀ ରଥଯାତ୍ରା ପାଇଁ ରାୟଗଡ଼ା ଦେଇ ଯିବ ୨ଟି ସ୍ୱତନ୍ତ୍ର ଟ୍ରେନ୍

ରାୟଗଡ଼ା, ୨୧।୬(ସମିସ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ପୂର୍ବତଟ ରେଳପଥ ତରଫରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯିବାକୁ ନିଷ୍ପତି କରାଯାଇଛି । ଯେଉଁଥିରେ ବିଶାଖାପାଟଣମ-ପୁରୀ-ବିଶାଖାପାଟଣମ, ଜଗଦଲପୁରୀ-ପୁରୀ-ଜଗଦଲପୁର ଏବଂ ରାୟଗଡ଼ା-ଖୋର୍ଦ୍ଧା ରୋଡ-ରାୟଗଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ ପାଇଛି । ଜଗଦଲପୁର-ପୁରୀ ସ୍ୱତନ୍ତ୍ର ହରିପୁରଗ୍ରାମ, ଅର୍ଗୁଳ ସ୍ୱତନ୍ତ୍ର ଟ୍ରେନ (୦୮୪୪୫) ଆସନ୍ତା ଜୁନ ୨୬ ଓ ଜୁଲାଇ ୪ତାରିଖରେ ଜଗଦଲପୁରରୁ ସକାଳ ୯ଟାରେ ଛାଡି ଭାୟା ରାୟଗ?ା, ବିଜୟନଗରମ ଦେଇ ମଧ୍ୟରାତ୍ରିରେ ୧.୧୫ଘଣ୍ଟା ସମୟରେ ପୁରୀରେ ପହଞ୍ଚିବ । ସେହିପରି ଫେରିବା ଦିଗରେ ଟ୍ରେନ ନମ୍ବର ୦୮୪୪୬ ପୁରୀ- ଜଗଦଲପୁର ସ୍ୱତନ୍ତ୍ର ଟ୍ରେନ ଉକ୍ତ ରୁଟରେ ଆସନ୍ତା ଜୁନ୍ ୨୮ ଏବଂ ଜୁଲାଇ ୬ତାରିଖରେ ପୁରୀରୁ ରାତ୍ର ୧୨ଟା ୪୫ମିନିଟରେ ଛାଡିବ ଏବଂ ସେହି ଅପରାହ୍ନ ୪ଟା ୪୫ମିନିଟରେ ଜଗଦଲପୁରରେ ପହଞ୍ଚିବ । ସେହିପରି ଟ୍ରେନ ନମ୍ବର ୦୮୫୯୩ ରାୟଗଡ଼ା ଖୋର୍ଦ୍ଧା ରୋଡ ସ୍ୱତନ୍ତ୍ର ଟ୍ରେନ ଆସନ୍ତା ଜୁନ ୨୬ ତାରିଖ ଓ ଜୁଲାଇ ୪ତାରିଖରେ ରାୟଗଡ଼ାରୁ ୧୧ ଘଣ୍ଟା ସମୟରେ ଟିଟିଲାଗଡ଼, ସମ୍ବଲପୁର ଦେଇ ଉକ୍ତ ଦିନର ରାତ୍ର ୧୧ଟା ୫୫ ମିନଟରେ ଖୋର୍ଦ୍ଧା ରୋଡରେ ପହଞ୍ଚିବ । ଫେରିବା ଦିଗରେ ଟ୍ରେନ ନମ୍ବର ୦୮୫୯୪ ଖୋର୍ଦ୍ଧା ରୋଡ- ରାୟଗଡ଼ା ସ୍ୱତନ୍ତ୍ର ଟ୍ରେନ ଆସନ୍ତା ଜୁନ ୨୮ ଓ ଜୁଲାଇ ୬ତାରିଖରେ ଖୋର୍ଦ୍ଧା ରୋଡରୁ ୧ ଘଣ୍ଟା ସମୟରେ ଛାଡି ଉକ୍ତ ରୁଟ ଦେଇ ଉକ୍ତ ଦିନ ଅପରାହ୍ନ ୩ଘଣ୍ଟା ସମୟରେ ରାୟଗଡ଼ାର ପହଞ୍ଚିବ । ଉକ୍ତ ଦୁଇଟି ଟ୍ରେନରେ ୪ଟି ସ୍ଲିପର କୋଚ ସମେତ ସାଧାରଣ ଦ୍ୱିତୀୟ ଶ୍ରେଣୀ ୬ ଟି ଏବଂ ୨ଟି ଦ୍ୱିତୀୟ ଶ୍ରେଣୀ ସହ ଦିବ୍ୟାଙ୍ଗଜନ ସହ ଲଗେଜ କୋଚ ରହିଥିବା ନେଇ ପୂର୍ବତଟ ରେଳବାଇର ବରିଷ୍ଠ ଖଣ୍ଡିୟ ବାଣିଜ୍ୟ ପ୍ରବନ୍ଧକ କେ.ସନ୍ଦୀପ ପ୍ରେସ ବିବୃତିରେ ସୂଚନା ପ୍ରଦାନ କରିଛନ୍ତି ।

# ମଣ୍ଡିରୁ ଉଠୁନି ଧାନ, ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ

ବୈପାରୀଗୁଡ଼ା, ୨୧।୬(ସମିସ): ବୈପାରୀଗୁଡ଼ା ଧାନ ମଣ୍ଡିରୁ ଉଠୁନି ଧାନ । ଚିନ୍ତାରେ ଚାଷୀ । ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ । ବୈପାରୀଗୁଡା ସଦର ମହକୁମା ସ୍ଥିତ ହାଟପଦାରେ ଚାଷୀ ଅସନ୍ତୋଷ ପ୍ରକଶ ପାଇଛି । ରବି ମଣ୍ଡି ନିମନ୍ତେ ବ୍ଲକର ପଖାପଖି ୮ ହଜାର କିଣ୍ଟାଲ ଧାନ ପାଇଁ କୋଟେନ ମିଳିଛି । ମାତ୍ର ଏକ ହଜାର କ୍ୱିଣ୍ଟାଲ କିଣାଯାଇଛି । ଆଉ ସାତ ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି । ୨୦ ଦିନ ବିତିଲା, ତଥାପି ମିଲର୍ସ ଆସୁନାହାନ୍ତି । ସେପଟେ ମଣ୍ଡି ଶେଷ ତାରିଖ ପାଖେଇ ଆସିଲାଣି । ବୈପାରୀଗୁଡା ହାଟପଦା ଗୋଦାମ ଗୃହରେ ଧାନ ପଡ଼ିରହିଛି । ଗୋଦାମ ଘରେ ବି ଗଳୁଛି ପାଣି । ବର୍ଷା ଋତୁ ପହଁଚିଲା । ଏଣୁ ଧାନ ନଷ୍ଟ ହେବା ଆଶଙ୍କା ରହିଛି । ଏଥିପାଇଁ ଧାନ ଅତି ଶୀଘ୍ର ନ ଉଠିଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ ତଥା କୋରାପୁଟ ସାଂସଦଙ୍କ ପ୍ରତିନିଧି ଜଗନ୍ନାଥ ବିଶୋଇ ।



■ ଥାନାରେ ପହଞ୍ଚିଲା ଗଛକଟା ଘଟଣା

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଏତଲାଦେଲେ ଗାଁ ଲୋକେ




ବୈପାରୀଗୁଡ଼ା, ୨୧।୬(ସମିସ): ଥାନାରେ ପହଞ୍ଚିଲା ଗଛ କଟା ମାମଲା । ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଗାଁ ଲୋକେ ଦେଲେ ଏତଲା । ବୈପାରୀଗୁଡା ଥାନ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତ କାକଲପଡ଼ା ଗାଁ ଲୋକେ ବୈପାରୀଗୁଡା ଥାନାରେ ପହଞ୍ଚି କାକଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧନ ଶିକ୍ଷକ ଆଲୋକ ରଞ୍ଜନ ମହାରଣାଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାକଲପଡ଼ା ପରିସରରେ ପଚାଶରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଶାଗୁଆନ ଗଛ ସହ ଆକାଶିଆ ଏବଂ ନିଳଗିରି ଗଛ କଟା ଯାଇଛି । ଯାହାକି ବେନିୟମରେ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଗତକାଲି ସ୍ଥାନୀୟ ୱାର୍ଡ ମେମ୍ବର ରାମଚନ୍ଦ୍ର ମୁର୍ଜିଆଙ୍କ ନେତୃତ୍ୱରେ ଗାଁ ଲୋକେ ପ୍ରଧାନ ଶିକ୍ଷକଙ୍କୁ ଭେଟି ପଚାରିଥିଲେ । କିନ୍ତୁ ପ୍ରଧାନ ଶିକ୍ଷକଙ୍କ ଠାରୁ ସନ୍ତୋଷ ଜନକ ଉତ୍ତର ନପାଇ ଫେରିଯାଇଥିଲେ । ପରେ ପ୍ରଧାନ ଶିକ୍ଷକ ୱାର୍ଡ ମେମ୍ବରଙ୍କୁ ଗଛ କଟା ବିଷୟରେ କାହାକୁ କିଛି ନ କହିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ବାବଦକୁ ଦେବା ପାଇଁ ଚେଷ୍ଟା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ୱାର୍ଡ ମେମ୍ବର ଲାଞ୍ଚକୁ ବିରୋଧ କରି ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ । ଏହାପରେ ଆଜି ଦଶମନ୍ତପୁର ସରପଞ୍ଚ ଆର ରହିତ କୁମାରଙ୍କ ସହ ୱାର୍ଡ ମେମ୍ବର ରାମଚନ୍ଦ୍ର ମୁର୍ଜିଆ ଏବଂ ଗ୍ରାମବାସୀ ଥାନାରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏତଲା ଦେଇଛନ୍ତି ।

# ନିଖିଳ ଉତ୍କଳ ବଞ୍ଜାରା ସମାଜର କର୍ମକର୍ତ୍ତା ନିର୍ବାଚନ

ଉମରକୋଟ, ୨୧।୬ (ସମିସ)




ଉମରକୋଟ ଅନ୍ତର୍ଗତ ସେମଳା ଗ୍ରାମର ମା' କଙ୍କାଲୁଣୀ ମନ୍ଦିର ପରିସରରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ଦଶ ଗୋଟି ବ୍ଲକର ସମସ୍ତ ବ୍ୟକ୍ତି ଓ ବ୍ଲକ କର୍ମକର୍ତ୍ତ । ସଭାପତି ସମ୍ପାଦକ ଓ ପ୍ରତ୍ୟେକ ପରିବାରର ମୂଖ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସଭାରେ ସଭାପତିତ୍ୱ ଶ୍ରୀଛେଡୁରାମ ନାୟକ କରିଥିଲେ ।। ସଭା ପରିଚାଳନା ଶ୍ରୀନାରାୟଣ ବଞ୍ଜାରା କରିଥିଲେ । ଜିଲ୍ଲା ସମ୍ପାଦକ ସେନିଜର ଅଭିଭାଷଣ ପ୍ରଦାନ କରିବାପରେ ଦଶଗୋଟି ବ୍ଲକର ସମୀକ୍ଷା କରି ପ୍ରତ୍ୟେକ ବ୍ଲକର ସଭାପତିଠାରୁ ନିଜର ଅଭିଭାଷଣ ଓ ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କୁହାଯାଇଥିଲା । ଜିଲ୍ଲା କମିଟିକୁ ପୁନଃଗଠିତ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ଠାରୁ ମତାମତ ଲୋଡ଼ାଯାଇଥିଲା । କିନ୍ତୁ କୌଣସି ନିଷ୍କର୍ଷ ବାହାରିଲା ନାହିଁ । ବହୁ ସମର୍ଥନକ୍ରମେ ପୂର୍ବ କମିଟିକୁ ପୁଣି କିଛି ପରିବର୍ତ୍ତନ କରି ନୂତନ କମିଟି ଗଠନ ପାଇଁ ଚୟନ ପ୍ରକ୍ରିୟା କରିବାପାଇଁ ନିଷ୍ପତ୍ତି ନିଆଗଲା । ମିଟୁରାମ ନାୟକ (ସଭାପତି) ବଳରାମ ନାୟକ ଉପସଭାପତି, ମନୁ ବଞ୍ଜାରା (ଫୁଫୁଗାଁ) ପରମାନନ୍ଦ ବଞ୍ଜାରା, ସମ୍ପାଦକ ନାରାୟଣ ବଞ୍ଜାରା ସହ ସମ୍ପାଦକ ଧନିରାମ ନାୟକ, ଯଦୁମଣୀ ବଞ୍ଜାରା କୋଷାଧ୍ୟକ୍ଷ, ଉପଦେଷ୍ଟା କମଳବଞ୍ଜାରା(କୋଇଲିମୁଣ୍ଡା) ଛେଡୁରାମ ନାୟକ, ଲକ୍ଷ୍ମଣ ବଞ୍ଜାରା' ମୂରା ନାଏକ(ମାଲଗାଁ), ଚପରାଣି ଡମ୍ବୁ ବଞ୍ଜାରା (ଡାବୁଗାଁ) ଲାଲୁ ବଞ୍ଜାର । ଚମରୁ ବଞ୍ଜାରା, ଜିଲ୍ଲା ସଭ୍ୟ ହରେଲାଲ ବଞ୍ଜାରା. ମହେଶ୍ୱର ବଞ୍ଜାରା (କନ୍ଦଗୁଡ଼ା). ବିଶ୍ୱନାଥ ବଞ୍ଜାରା, କହଁରଲାଲ ବଞ୍ଜାରା, ବନମାଳୀ ( କୋଷାଗୁମୁଡ଼ା). ବମ୍ବୁ ବଞ୍ଜାରା (କେନ୍ଦୁ ଗୁଡ଼ଷ). ଦେବୀସିଂ.ଡାବୁଗାଁ.ଶ୍ୟାମଲାଲ ବଞ୍ଜାରା (ସରପଞ୍ଚ ପ୍ରତିନିଧି) ରାଖିରାମ ବଞ୍ଜାରା (ପୂର୍ବତନ ଭିକ୍ଷା ସରପଞ୍ଚ), ମିଡିଆ ସଂଯୋଜକ ରାମେଶ୍ୱର ନାୟକ, କର୍ମଚାରୀ ସେଲ-ରମେଶ ନାୟକ. ଜିଲ୍ଲାସଂଯୋଜକ- ଫଗୁ ବଞ୍ଜାରା ଏବଂ ଅନ୍ୟାନ୍ୟ ସମାଜ ପ୍ରେମୀ ମୁନସୀ ନାୟକ, କାନ୍ଦୁ, ବାସ. ଗୁରୁବାରୁ, ଧନେଶ୍ୱର, ମାଧୁ, ପୂରେନ, ଚୈତନ୍ୟ, କୁଶ, ଗୌରଚନ୍ଦ, ଅମୃ ଲାଲା, ନରେନ୍ଦ୍ର, ସମାଜର ନାୟକ ଖଗପତି ବଞ୍ଜାରା ରହିଛନ୍ତି । ଉକ୍ତ ବୈଠକରେ ଉମରକୋଟ ବ୍ଲକର ସାତଟି ଗ୍ରାମର ଲୋକମାନେ ଏବଂ ଝରିଗାଁ ବ୍ଲକର ସମସ୍ତେ ଉପସ୍ଥିତ ରହିଥିଲେ । ଚନ୍ଦାହାଣ୍ଡି, ପାପଡ଼ାହାଣ୍ଡି. ନବରଙ୍ଗପୁର, ଡାବୁଗାଁ, କୋଷାଗୁମୁଡ଼ା, ରାଇଘର, ଉମରକୋଟ, ଝରିଗାଁ ସମେତ ପ୍ରତ୍ୟେକ ବ୍ଲକର ଲୋକ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲାର ସମସ୍ତ ବ୍ଲକର ସହମତି କ୍ରମେ ସମ୍ପୂର୍ଣ୍ଣଭାବେ ନୂତନ କମିଟି ଗଠନ କରାଯିବା ପାଇଁ ନିଷ୍ପତି ନିଆଯାଇଛି ।। ଶେଷରେ ସେମଳା ସରପଞ୍ଚ ଲକ୍ଷ୍ମଣ ବଞ୍ଜାରା ଧନ୍ୟବାଦ ଜଣାଇ ସଭାସାଙ୍ଗ କରିଥିଲେ ।

## ୩ ମାଓବାଦୀଙ୍କୁ କାବୁ କଲେ ଯବାନ



ମାଲକାନଗିରି, ୨୧।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓ ବିରୋଧୀ ଅଭିଯାନ ସମୟରେ ଯବାନଙ୍କ ଦ୍ୱାରା ୨ ଜଣ ଇନାମୀ ମାଓବାଦୀ ଗିରଫ ସହ ଜଣେ ନାବାଳକ ମାଓବାଦୀଙ୍କୁ କାବୁ କରାଯାଇଛି।

ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲା ବାସାଗୁଡ଼ା ଥାନାର ଫର୍ସେଗଡ଼ ଏବଂ ଭୈରାମଗଡ଼ର ଏକ ଡିଆରଜି ଯବାନ ଓ ପୋଲିସର ମିଳିତ ଦଳ ପୃଥକ ପୃଥକ ସ୍ଥାନରେ ଅପରେସନ କରିବା ସମୟରେ ମୋଟ ୩ ଜଣ ମାଓବାଦୀଙ୍କୁ ଯବାନ ମାନେ କାବୁ କରିଥିଲେ। ପଚରା ଉଚରା ବେଳେ ଏହି ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ରହିଥିବା ଅନ୍ୟ ଦୁଇଜଣ ହେଲେ ହାଡମା କୁଞ୍ଜାମ ଓ ସୁରେଶ ପୋଡିଆମ। ତେବେ ଏହି ଦୁଇ ମାଓବାଦୀଙ୍କ ନାମରେ ୧ଲକ୍ଷ ଲେଖାଏଁ ମୋଟ ୨ଲକ୍ଷ ଟଙ୍କାର ଇନାମ ରହିଥିଲା। ମାଓବାଦୀଙ୍କ ନିକଟରୁ ବିସ୍ଫୋରକ, କର୍ଡେକ୍ସ ତାର, ମାଟି ଖୋଳିବା ଉପକରଣ ଏବଂ ମାଓ ସାମଗ୍ରୀ ଜବତ କରାଯାଇଥିବା ବେଳେ ଦୁଇଜଣ ଗିରଫ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଜଣେ ନାବାଳକ ମାଓବାଦୀଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

### ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ରାୟଗଡ଼ା ବିଜେଡି ପରିବାର

# ସୁସ୍ଥ ହୋଇ ଫେରିବାକୁ ମନ୍ଦିରରେ ପୂଜାର୍ଚ୍ଚନା

ରାୟଗଡ଼ା, ୨୧।୬(ସମିସ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଶୁକ୍ରବାର ମୁମ୍ବାଇ ଯାଇଛନ୍ତି। ରବିବାର ୨୨ତାରିଖରେ ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆଥ୍ରାଇଟିସ ଅପରେସନ ହେବ। ଯାହାକୁ ନେଇ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରତିଟି ଜିଲ୍ଲାବାସୀ ଶୁଭକାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ବିଜୁ ଜନତା ଦଳ ପରିବାର ତଥା ସାଧାରଣ ଲୋକେ ମଧ୍ୟ ନବୀନ ପଟ୍ଟନାୟକଙ୍କ ସୁସ୍ଥତା କାମନା ସହ ନିଜ ଲୋକପ୍ରିୟ ନେତା ପାଇଁ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ରାୟଗଡ଼ା ବିଜେଡି ପରିବାର ଓ ସ୍ଥାନୀୟ ଲୋକେ ଆଜି ଅପରାହ୍ନରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣୀ ଏବଂ ରାୟଗଡ଼ାର ଗ୍ରାମ ଦେବତା ଶ୍ରୀ ଶ୍ରୀ ବୁରୁଦଲା ପୋଲାମ୍ମାଙ୍କ ମନ୍ଦିରରେ ଏକତ୍ରିତ ହୋଇ ନୀବନ ପଟ୍ଟନାୟକ ଉତ୍ତମ ଚିକିତ୍ସା ସହ ଶୀଘ୍ର ସୁସ୍ଥ ହୋଇ ଫେରିଆସିବା ପାଇଁ ଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରିବା ସହ ପ୍ରାର୍ଥନା କରି ତାଙ୍କର ଶୁଭ ମନାସିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାୟଗଡ଼ା ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିବାରୁ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜୀବନଜୀବିକା, ଶିଳ୍ପାନୁଷ୍ଠାନ, ଦକ୍ଷତା ବିକାଶ, ନିଯୁକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଆଜି ଜିଲ୍ଲାର ବିକାଶ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଯୋଗ ଦେଇ କହିବା ସହ ନବୀନଙ୍କ ସୁସ୍ଥତା କାମନା କରିଥିଲେ। ସେହିପରି ସାଢେ ୪କୋଟି ଓଡିଆଙ୍କ ମଉଡ଼ମଣି ତଥା ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଜେଡିର ଟୁନି ହୁଇକା, ହରପ୍ରସାଦ ହେପୃକା, ଚନ୍ଦ୍ରକାନ୍ତ ସାମଲ, ଗଙ୍ଗାଧର ପୁଆଲା, ବି.ତିରୁପତି, ଏମ.ଗଙ୍ଗାଧର, ବି.ଜଗନମୋହନ, ଅବିନାଶ ବିଷୋଇ, ଶ୍ରୀନିବାସ ରାଓ, ଶ୍ରୀମତି ଶର୍ମିତା ପାଢ଼ୀ, ସୁଜାତା ପାଲ, ବିନାୟକ କର, ଗୋପିନାଥ ଗୌଡ, ପ୍ରବୀଣ କୁମାରଙ୍କ ସମେତ ଅନ୍ୟ ବିଜେଡି କର୍ମୀ ଓ ସାଧାରଣ ଲୋକେ ପୂଜାର୍ଚ୍ଚନା କରିଥିଲେ।




### ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ଯୋଗ ଆମ ସାଂସ୍କୃତିକ ଐତିହ୍ୟର ଅବିଚ୍ଛେଦ ଅଙ୍ଗ'










ମାଲକାନଗିରି, ୨୧।୬(ସମିସ): ଯୋଗ ଆମର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ। ଯାହା ଶରୀର ଏବଂ ମନକୁ ସନ୍ତୁଳିତ କରେ ଏବଂ ବ୍ୟକ୍ତିବିଶେଷଙ୍କୁ ଏକ ପରିପୂର୍ଣ୍ଣ ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଆଡକୁ ନେଇଯାଏ। ଯୋଗ ଶାରୀରିକ ଏବଂ ମାନସିକ ଭାବରେ ସଶକ୍ତ ନାଗରିକମାନଙ୍କୁ ଗଠନ କରି ଏକ ବିକଶିତ ଭାରତର ସାମୂହିକ ସ୍ୱପ୍ନ ପୂରଣ ଦିଗରେ ଏକ ଶକ୍ତିଶାଳୀ ଭୂମିକା ଗ୍ରହଣ କରି ପାରିଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପିଏ ଆଇଟିଡିଏ ହଳଧର ଶବର ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏହି ଯୋଗ ଶିବିରରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଆଜି ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତର ସ୍କୁଲ, ଅଙ୍ଗନୱାଡି, ପଞ୍ଚାୟତ ଭବନ ଏବଂ ସାର୍ବଜନୀନ ସ୍ଥାନରେ ସ୍ୱତନ୍ତ୍ର ଯୋଗ ଅଧିବେଶନ, ସାମୁଦାୟିକ ପ୍ରସାର କାର୍ଯ୍ୟ ଏବଂ ସାଧାରଣ ଯୋଗାଭ୍ୟାସ ପ୍ରଦର୍ଶନ କରାଯାଇଛି। ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ କର୍ମଚାରୀ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସେହିପରି ମାଲକାନଗିରି ମହାବିଦ୍ୟାଳୟରେ ମଯୋଗ ଶିକ୍ଷକ ଅଭିମନ୍ୟୁ ଦଳ ବେହେରା ସମସ୍ତଙ୍କୁ ଯୋଗାଭ୍ୟସ କରାଇଥିଲେ।

ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କୋରୁକୋଣ୍ଡା ବ୍ଲକ ତରଫରୁ ଏହି ଯୋଗ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକଶିକ୍ଷୟତ୍ରୀ, କୋରୁକୋଣ୍ଡା ମହିଳା ଶିଶୁବିକାଶ ଅଧିକାରୀ ରେଖା ଶୋଭା ସୁନ୍ଦର ଏବଂ ଉକ୍ତ ବିଭାଗର କର୍ମଚାରୀ ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ, କମ୍ପ୍ୟୁଟର ପ୍ରୋଗ୍ରାମର ସତ୍ୟନାରାୟଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗାଭ୍ୟାସ କରିଥିଲେ। କୋରୁକୋଣ୍ଡା ସରସ୍ୱତୀ ଶିଶୁ ବଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ରଜନୀ କାନ୍ତ ନାୟକ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସେହିପରି ଭାବେ ବାଲିମେଳା ସହର ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ବାଲିମେଳା ଏନଏସି ପକ୍ଷରୁ ଏହି ଯୋଗ ଦିବସ ପାଳନ କରାଯାଇଛି। ଯୋଗ କରିବା ନିମନ୍ତେ ଏନଏସି କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଏସଏଚଜି ଗ୍ରୁପ ସଦସ୍ୟା ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## କୁଡୁମୁଲୁଗୁମ୍ମା ଯୁକ୍ତ ତିନି ମହା ବିଦ୍ୟାଳୟ

**କୁଡୁମୁଲୁଗୁମ୍ମା:** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା, ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଗଣ୍ଡ, ମହାବିଦ୍ୟାଳୟର ଅଧ୍ୟକ୍ଷ

ଉଚିତ ବୋଲି ଅଧିକାରୀ ମାନେ ପ୍ରକାଶ କରିଥିଲେ।

## ସେଞ୍ଚୁରିଆନ୍ ଶିକ୍ଷାନୁଷ୍ଠାନ

**ରାୟଗଡ଼ା:** ରାୟଗଡ଼ା ସହର ଉପଖଣ୍ଡ ପିତାମହଲ ସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ଭାରତୀ ନୃସିଂହ ବାସ୍ତୁ ଓ ଯୋଗ ଏକାଡେମି ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଭାରତୀ ନୃସିଂହ ବାସ୍ତୁ ଓ ଯୋଗ ଏକାଡେମି ପକ୍ଷରୁ ନୃସିଂହ ଚରଣ ବାହିନୀପତି, ଟୁନି ମହାକୁଡ଼, ବିନୟ ସ୍ୱାଇଁ ଓ ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡ଼ଃ ରାଜେଶ କୁମାର ପାଢ଼ୀ, ଅଧ୍ୟକ୍ଷ ରାଧାକୃଷ୍ଣ ମହାପାତ୍ର, ଉପାଧ୍ୟକ୍ଷ ଧୀରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପତାଞ୍ଜଳି ଯୁବ ଭାରତ ପକ୍ଷରୁ ୧୫ଜଣ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗୋଦେଇ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ ଯୋଗାସନ ଅଭ୍ୟାସ ପୂର୍ବକ ଉପସ୍ଥିତ ଛତ୍ରଛାତ୍ରୀଙ୍କ ପାଇଁ ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେଞ୍ଚୁରିଅନ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ସହ ସମସ୍ତ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଯୋଗ ବିଷୟରେ ଛାତ୍ରଛାତ୍ରୀଙ୍କ ଜ୍ଞାନ ଜାଣିବା ପାଇଁ କୁଇଜ୍ ପ୍ରତିଯୋଗିତା ଏବଂ ବିତର୍କ ପ୍ରତିଯୋଗିତା କରାଯାଇଥିଲା।

## ମା'ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟ

ବିଷମକଟକ: ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ

ଆଦର୍ଶ ବିଦ୍ୟାଳୟ, ସମସ୍ତ ସରକାରୀ ବେସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ରଠାରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଯୋଗ ହୋଇଥିଲା। ଥାନା, ଅଗ୍ନିଶମ ଠାରେ ମଧ୍ୟ ଯୋଗ କରାଯାଇଥିବା ଦେଖିବାକୁ ମିଳିଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ବାଲା ରାଜୁ ପାଢ଼ିଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ବିବସ ପାଳିତ ହୋଇଯାଇଛି। ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ର କୋଷାଧ୍ୟକ୍ଷ ସାଥୀ ଆର୍. ଶ୍ରୀନିଭାସନଙ୍କର ଚେନାଇ ଠାରେ ଅକାଳ ବିୟୋଗ ଯୋଗୁଁ ତାଙ୍କ ଆତ୍ମାର ସଦଗତି ପାଇଁ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ସଂଘର ସମ୍ପାଦକ ତଥା ଯୋଗ ଗୁରୁ ଅଶୋକ ସାମଲ ଯୋଗ ଶିକ୍ଷା ଦେଇଥିଲେ। ଏହି ଯୋଗ ଶିବିର ରେ ଶଶାଙ୍କ ମିଶ୍ର, ଦୀନବନ୍ଧୁ ଜେନା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର କୁମାର ମଲ୍ଲିକ, ବାବାଜୀ ଚରଣ ସ୍ୱାଇଁ, ଲଡୁ କିଶୋର ପଣ୍ଡା, ଏମ୍. ଧବଳେଶ୍ୱର ରାଓ, ଚିରଞ୍ଜିବୀ ମହାପାତ୍ର, ନବ କୁମାର ସାହୁ, ବିଚିତ୍ରାନନ୍ଦ ରାଉତ, ମାଧବାନନ୍ଦ ବିଶ୍ୱାଳ, ଏସ୍. ୱିରା ସ୍ୱାମୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, କେ. ଶିବ ଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ବିଷମ କଟକ ବ୍ଲକ ପ୍ରଶାସନ

ବିଷମ କଟକ: ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହାକୁ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ଯୋଗ ଗୁରୁ ସୁଦାମ ଚରଣ ଦାଶ ଓ ନେତ୍ରାନନ୍ଦ ଶତପଥୀ ଯୋଗ ସମ୍ବନ୍ଧୀୟ ଉପକାରିତା ବିଷୟରେ ଉପସ୍ଥିତ ପୁରୁଷ ମହିଳା ମାନଙ୍କୁ ବୁଝାଇଥିଲେ। ବିଷମ କଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରାସାଦ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ, ଯନ୍ତ୍ରୀ ନିରଞ୍ଜନ ବେହେରା, ଜିପିଡିଓ ମୀନକେତନ ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷକ ଦେବଦତ ଲେଙ୍କା, ମୁନା ତାଡିଙ୍ଗିଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ମିଶନ ଶକ୍ତି ମହିଳାମାନେ ଯୋଗ ଦେଇଥିଲେ।







ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ ଶଢଙ୍ଗୀ, ଜାତୀୟ ସେବା ଯୋଜନାର ଜୁନିୟର ପ୍ରୋଗ୍ରାମ ଅଫିସର ଗୌତମ ନାୟକ, ଅଧ୍ୟାପକ ରଞ୍ଜନ ସ୍ୱାଇଁ, ଉମେଶ ଚନ୍ଦ୍ର ରାଉତ, ଅଧ୍ୟାପିକା ଆରତି ଲୁଗୁନ, ଲିପ୍ସା ରାଣୀ ନାୟକ ଓ ଅନ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କାରାଗାର ପରିସର

**ମାଲକାନଗିରି:** ମାଲକାନଗିରି ଜିଲ୍ଲା କାରାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କାରାଗାର ସୁପରିଟେଣ୍ଡେଣ୍ଟ ଦିଲୀପ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁଶ୍ରୀସଙ୍ଗୀତା ପାତ୍ର ଯୋଗ ଦେଇଥିଲେ। ପ୍ରଶିକ୍ଷକ ନିରଞ୍ଜନ ମିଶ୍ର ସମସ୍ତଙ୍କୁ ଯୋଗାଭ୍ୟସ କରାଇଥିଲେ। ନୀତିଦିନ କାରାଗାରରେ ଅନ୍ତେବାସୀ ମାନଙ୍କୁ ଯୋଗ ଗୁରୁ ଶ୍ରୀ ମିଶ୍ର ଯୋଗ ଶିକ୍ଷା ଦେଉଥିବା ବେଳେ ଯୋଗର ସୁଫଳ ବିଷୟରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେଲର ଦିଲୀପ କୁମାର ବେହେରା, ମଙ୍ଗଳ ବିଭାଗ ଅଧିକାରୀ ସଂଗ୍ରାମ କୁମାର ମଲ୍ଲିକ, ଅତିରିକ୍ତ ଜେଲର ନକୁଳ ଚରଣ କବି, ସବ୍‌ଜେଲର ମାନସ ରଞ୍ଜନ ତ୍ରିପାଠୀ, ଫାର୍ମାସିଷ୍ଟ ସଦଶିବ ଶତପଥୀ, ମୁଖ୍ୟ ୱାର୍ଡର ନଇମେନ କୁମାର ପଣ୍ଡା, ୱାଡର କୈଳାସ ମାଝି, ଲକ୍ଷ୍ମଣ ବେହେରା, ମହିଳା ୱାଡର ସସ୍ମିତା ସାହୁ ଓ ସୁଭଦ୍ରା ଖରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ

**କୋରୁକୋଣ୍ଡା:** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ

ଅଶୋକ କୁମାର ପ୍ରଧାନ, ଯୋଗ ଶିକ୍ଷକ ବିବେକାନନ୍ଦ ଜେନା, ଯୋଗ ଶିକ୍ଷକ ଭଗବାନ ସାହୁ, ସମାଜସେବୀ ବାଳକୃଷ୍ଣ ପ୍ରଧାନ ଓ ଜ୍ୟୋତି ରଞ୍ଜନ ବେହେରାଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଜୀବନ ପଦ୍ଧତି ରେ ଯୋଗର ଆବଶ୍ୟକତା ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ମହାବିଦ୍ୟାଳୟ ଅଧ୍ୟାପକ ବିଶ୍ୱଜିତ ମହାନ୍ତି, ଜନ୍ କରା, ଅଧ୍ୟାପିକା ସଞ୍ଚିତା ଖୋସଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନଏସ୍‌ଏସ୍ ୟୁନିଟ ତରଫରୁ ମହାବିଦ୍ୟାଳୟର ସଫେଇ ଅଭିଯାନରେ ସାମିଲ ହୋଇ ସମ୍ପୂର୍ଣ୍ଣ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ।

## ବିଏସ୍‌ଏଫ୍

ମାଲକାନଗିରି: ବିଏସଏଫ ବାହିନୀ ପକ୍ଷରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ନକ୍ସଲ ପ୍ରଭାବିତ ଅଞ୍ଚଳ ଚିତ୍ରକୋଣ୍ଡା, ସାଲିମି, ଟେକଗୁଡା ଏବଂ ଭେଜାଙ୍ଗିଓ୍ୱାଡା ସହ ଜିଲ୍ଲା ମୁଖ୍ୟାଳୟ ଶିବିରରେ ଯବାନମାନେ ସାମୂହିକ ଭାବେ ଯୋଗ ଅଭ୍ୟାସ କରିଥିଲେ। ଯବାନମାନେ କହିଥିଲେ ଯେ ଯୋଗ ସେମାନଙ୍କ କର୍ତ୍ତବ୍ୟରେ ସନ୍ତୁଳନ ବଜାୟ ରଖିବା ଏବଂ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହି ଅବସରରେ, ବିଏସଏଫ ମୁଖ୍ୟାଳୟ ଡିଆଇଜି ବିଜୟ ସିହ୍ନା ଯବାନଙ୍କୁ ଉତ୍ସାହିତ କରିଥିଲେ ଏବଂ କହିଥିଲେ ଯେ 'ଯୋଗ ହେଉଛି ଭାରତୀୟ ସଂସ୍କୃତିର ଅମୂଲ୍ୟ ଐତିହ୍ୟ, ଯାହା ଶରୀର, ମନ ଏବଂ ଆତ୍ମାକୁ ସନ୍ତୁଳିତ କରିବାର ପଥ। ତେଣୁ, ପ୍ରତିଦିନ ଯୋଗ ଅଭ୍ୟାସ କରାଯିବା

ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଦିବସରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଏନସିସି, ଯୁବ ରେଡକ୍ରସ ଏବଂ ସ୍କାଉଟ ଗାଇଡ୍‌ର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱନୀ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଦିବସଟିକୁ ପାଳନ କରାଯାଇଥିବା ବେଳେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ ସ୍ଥାନୀୟ ନିବାସୀ ମକରଧ୍ୱଜ ଉତ୍ତରାସିଲ୍ଲୀ। ଯୋଗ ଶରୀରକୁ କିଭଳିଭାବରେ ସୁସ୍ଥରଖେ ତାହା ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଏନସିସି ଅଧିକାରୀ କ୍ୟାପଟେନ୍ ବି. ରବିଶଙ୍କର ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଦୈନନ୍ଦିନ ଜୀବନରେ ଯୋଗ ଅଭ୍ୟାସ ଜାରି ରଖିବା ପାଇଁ କହିଥିଲେ। ଏହିଁ କାର୍ଯ୍ୟକ୍ରମରେ ଏନଏସଏସ ଅଧିକାରୀ ବିନନ୍ତ ଡଙ୍ଗ୍ରୀ, ସସ୍ମିତା କୁମାରୀ ମହାନ୍ତି, ରେଡକ୍ରସ ଅଧିକାରୀ ସଞ୍ଜୟ କୁମାର ତ୍ରିପାଠୀ, ସ୍କାଉଟ୍ ଗାଇଡ୍ ଅଧିକାରୀ ବୃନ୍ଦାବନ ସାହୁ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ।

## କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳ

**କଲ୍ୟାଣସିଂହପୁର:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପରିସରରେ ପଞ୍ଚାୟତ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ହାତ ଗଣତି ଦଶରୁ ପନ୍ଦର ଜଣ ମଧ୍ୟରେ ଯୋଗ କରିଥିଲେ। ଦିବାକର ପରିଛା ଯୋଗ ଶିଖାଇଥିବା ଜଣାପଡ଼ିଛି। ପ୍ରତ୍ୟେକ ଆଶ୍ରମ ବିଦ୍ୟାଳୟ,










ସୃଜନିକା

ସକାଳ
THE SAKALA
www.sakalaepaper.com

# ପୁସ୍ତକ ଓ ପତ୍ରିକା ପରିଚୟ

## ବାପାଙ୍କ ସହ ଶେଷ ଜହ୍ନରାତି

ବିପ୍ଲବ




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୯ ଟଙ୍କା

ପ୍ରତିଟି ସନ୍ତାନଙ୍କ ପାଇଁ ବାପା ଜଣେ ମାର୍ଗଦର୍ଶକ, ଶୁଭଚିନ୍ତକ, ପ୍ରେରଣାଦାତା । ବାପାଙ୍କ ଉପସ୍ଥିତିରେ ଜହ୍ନରାତି ବି ଅଧିକ ଆକର୍ଷଣୀୟ ଲାଗିଥାଏ । ପୁଣି ସେ ନ ଥିଲେ ସବୁଠି ଖେଳି ଯାଏ ନିରବତା, କରୁଣର ସ୍ୱର । ଗାଳ୍ପିକ ବିପ୍ଲବଙ୍କ 'ବାପାଙ୍କ ସହ ଶେଷ ଜହ୍ନରାତି' ପୁସ୍ତକର ଗପଗୁଡ଼ିକ ଏହାର ଏକ ଏକ ଜ୍ୱଳନ୍ତ ଉଦାହରଣ । ଏହି ପୁସ୍ତକର ଅଧିକାଂଶ ଗପରେ ବାପାଙ୍କ ସହିତ ନିବିଡ଼ ସଂପର୍କର ଚିତ୍ର ପ୍ରତିଫଳିତ ହୋଇଛି । ବୁଢ଼ା ବୟସରେ ରୋଗୀଣା ବାପାଙ୍କୁ କୌଣସି ଔଷଧ ସୁସ୍ଥ କରି ପାରେନା, ବରଂ ଟିକିଏ ଭଲ ପାଇବା, ଦି' ପଦ କଥା, ଟିକେ ହସଖୁସି, ଆଉ କିଛି ସମୟର ଆବଶ୍ୟକତା ଥାଏ । ଏହା ପ୍ରମାଣିତ ହୋଇଛି 'ବାପା' ଗପରେ । ପୁଅର ଟିକିଏ ଆତ୍ମୀୟପୂର୍ଣ୍ଣ କଥାବାର୍ତ୍ତା କିଭଳି ଜଣେ ଅସୁସ୍ଥ ବୁଢ଼ା ବାପାକୁ ବିଛଣାରୁ ଉଠାଇ ଦେଉଛି, ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଏହି ଗପରେ । ଏହି ପୁସ୍ତକରେ ସଂକଳିତ 'ବାପା ନଥିବା ପୃଥିବୀ', 'ଶେଷ ମାଣବସା', 'ବିଜୟ ଉତ୍ସବ', 'ବାପାଙ୍କ ସହ ଶେଷ ଜହ୍ନରାତି', 'ଘାସଫୁଲ', 'ଅମଣିଷ', 'ପିତା ଓ ପୁତ୍ର', 'ବାପା', 'ମୁଖା', 'ଧୋବେଇ କୋରଟିଆ', 'ଭାଇଭାଗ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । କାହାଣୀରେ ନୂତନତ୍ୱ, ସରଳ ଭାଷା, କଥନୀୟ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ରେବତୀ

ସଂପାଦିକା : ସୁବାସିନୀ ଜେନା




ଓଟି ରୋଡ୍
ବାଲେଶ୍ୱର -୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ'ର ୨୦୨୫ ଜୁନ୍ ସଂଖ୍ୟାର ସାହିତ୍ୟଠାରୁ ରୋଷେଇଶାଳ ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମୁକ୍ତିକାମୀ ସାହିତ୍ୟର ମୁଖବନ୍ଧ'ରେ ଫକୀରମୋହନଙ୍କ କଥା ସାହିତ୍ୟ ସଂପର୍କରେ ଏକ ତଥ୍ୟଭିତ୍ତିକ ଉଚ୍ଚକୋଟୀର ଆଲୋଚନା ପ୍ରକାଶ ପାଇଛି । ସେହିପରି ସ୍ୱାଗତିକା ସେଠୀଙ୍କ 'ତନ୍ତର ତନୁମନ'ରେ ଓଡ଼ିଶା ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଉପରେ ମାର୍ମିକ ଉପସ୍ଥାପନା କରାଯାଇଛି । ସେଭଳି ସୁରଚିତା ବେହେରାଙ୍କ 'ଚିନାମାଟିର ଚମକ'ରେ ଉତ୍ତର ପ୍ରଦେଶର ଖୁର୍ଜା ସହରରେ ଚିନାମାଟିର ସାମଗ୍ରୀ ପ୍ରସ୍ତୁତି, ବ୍ୟବସାୟ ଆଦି ସଂପର୍କରେ ମନଛୁଆଁ ବର୍ଣ୍ଣନା କରାଯାଇଛି । ସେହିପରି ସବିତା ବାରିକଙ୍କ 'କରୋନା କବିତା କାରୁଣ୍ୟର ଗାଥା', ଐତିହାସିକ ସତ୍ୟବାଦୀ ବଳିଆସିଂହଙ୍କ 'ମଣିନାଗଙ୍କ ମହିମା', ଲଳିତ ମୋହନ ମିଶ୍ରଙ୍କ 'ମହେନ୍ଦ୍ରଗିରିର ମୋହ', ପାରମିତା ଷଡ଼ଙ୍ଗୀଙ୍କ 'ମଥାନର ମାୟା' ଆଦି ପ୍ରବନ୍ଧ ଓ ଫିଚରଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ବାସୁଦେବ ସୁନାନୀ,ରତ୍ନାକର ରାଉତ, ମୋହିତ ଚକ୍ରବର୍ତ୍ତୀ, ପ୍ରଭାତ ନଳିନୀ ମହାପାତ୍ର, ଡକ୍ଟର ସିନ୍ଧୁ ସେନ୍, ଲିପିକା ଦାସ ପ୍ରମୁଖଙ୍କ କବିତାରେ ଜୀବନ, ଦର୍ଶନ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବିଜୟ ନାୟକ, ବିରଜା ରାଉତରାୟ, ସିଗ୍ମା ନାୟକଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ରେବତୀ'ର ନିୟମିତ ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ସୁଖପାଠ୍ୟ ହୋଇଛି । 'ରେବତୀ'ର ଜୁନ୍ ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

## ପଲ୍ଲୀପୁଷ୍ପ

ସଂପାଦକ : ସତ୍ୟବ୍ରତ ସାହୁ



ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ
ପଲ୍ଲାସାହି, ଯାଜପୁର- ୭୫୫୦୩୬
ମୂଲ୍ୟ: ୧୦୦ ଟଙ୍କା

ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ ତୃତୀୟ ବାର୍ଷିକ ମୁଖପତ୍ର ୨୦୨୫ 'ପଲ୍ଲୀପୁଷ୍ପ' ଆମର ହସ୍ତଗତ ହୋଇଛି । ଓଡ଼ିଶାର ଅନେକ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା,ଗପ, ପ୍ରବନ୍ଧ ଆଲୋଚନା, ଅନୁବାଦ, ଏକାଙ୍କିକା ଆଦିରେ ଏହି ପତ୍ରିକାଟି ସମୃଦ୍ଧଶାଳୀ ହୋଇଛି । କବିତା ବିଭାଗରେ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ଶ୍ରୀହରି ଧଳ, ଡକ୍ଟର ସତ୍ୟ ନାୟକ, ଡକ୍ଟର ସୁମନ କଲ୍ୟାଣ ବେହେରା, ଡ. କଳ୍ପନା ମଞ୍ଜରୀ ବେଉରିଆ, ହେମନ୍ତ ନାୟକ, ବନ୍ଦନା ସାହୁ ପ୍ରମୁଖଙ୍କ କବିତାରେ ମାନବୀୟ ଭାବାବେଗ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ଅଧ୍ୟାପକ ଅଶୋକ କୁମାର ନାୟକଙ୍କ 'ଫକୀରମୋହନ ସାହିତ୍ୟରେ ବ୍ୟଞ୍ଜନା', ଡକ୍ଟର କବିତା ମହାନ୍ତିଙ୍କ 'ଭାରତର ଆଲୋକ ସ୍ୱାମୀ ବିବେକାନନ୍ଦ', ମଧୁସୂଦନ ମହାପାତ୍ରଙ୍କ 'ଯାଜପୁରର ଯୁଗାନ୍ତକାରୀ ନାରୀକବି 'ରେବା ରାଏ', ଡକ୍ଟର ରଶ୍ମିତା ତ୍ରିପାଠୀଙ୍କ 'ଜାତୀୟତାର ବାର୍ତ୍ତାବହ ଗୋପବନ୍ଧୁ ଦାସ' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଗବେଷଣାଧର୍ମୀ ହୋଇଛି । ସେଭଳି ରାମଚନ୍ଦ୍ର ଦାଶଙ୍କ 'ଭୋକର ପୃଥିବୀ',ସ୍ନେହଲତା ଧୀରଙ୍କ 'ପାହାନ୍ତି ସ୍ୱପ୍ନ', ଭାଗିରଥୀ ପାଣିଗ୍ରାହୀଙ୍କ 'ପୁଅ ପାଇଥିଲି ଦିଅଁକୁ ପୂଜି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ଗୀତି କବିତା, ଶିଶୁ କବିତା, ଏକାଙ୍କିକା, ଅନୁବାଦ ଆଦି ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ପଲ୍ଲୀପୁଷ୍ପ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ପ୍ରାର୍ଥନା



ଛନ୍ଦା ମିଶ୍ର



ନୂଆବର୍ଷର ପ୍ରଥମ ଦିନରେ ଏପରି ଘଟଣାଟିଏ ଦେଖିବ ବୋଲି ବିଲ୍‌କୁଲ ବି ଭାବି ନଥିଲା ଅବନୀ । ସେ ଭାବିଥିଲା, ଆଉ ଯାହା ହେଉ କି ନହେଉ ଏଥର ନୂଆବର୍ଷରୁ ସେ ନିଜ ଶରୀରର ଠିକ୍ ଭାବେ ଯତ୍ନ ନେବ, ନହେଲେ ଯେମିତି ତା'ର ସାଙ୍ଗ ଦୁଇ ଜଣଙ୍କୁ ଡାଇବେଟିସ୍ ହେଲାଣି ନା... । ହେଲେ ଭୋର୍‌ରେ ମର୍ଣ୍ଣିଂ ୱାକ୍ ସମୟରେ ଏ ଅଭାବନୀୟ ଦୃଶ୍ୟଟି, ହୃଦୟକୁ ତା'ର କୋରି ପକାଇଲା । ମନ ତା'ର ବିକଳ ହୋଇ ଉଠିଲା । ଏଡେ ସୁନ୍ଦର କଅଁଳିଆ ଶିଶୁଟିକୁ କିଏ ଏତେ ନିଷ୍ଠୁର ଯେ, ଏମିତି କପଡ଼ା ଗୁଡ଼େଇ ରାସ୍ତା କଡ଼ ଆମ୍ବ ଗଛ ତଳେ ଛାଡ଼ି ଦେଇ ଯାଇଛି !

କଳା ମଚମଚ ଗୋଛାଏ ବାଳ ମୁଣ୍ଡରେ, ଗୋରା ତକତକ ଚେହେରା, ନିଦରେ ଶୋଇ ବି ଶିଶୁଟି ଗୋଲାପି ଓଠରେ ମୁରୁକି ମୁରୁକି ହସି ଦେଉଥିଲା । ଅବନୀ ଦେଖିବା ପୂର୍ବରୁ ଆଉ ଚାରି ପାଞ୍ଚ ଜଣ ସେଠାରେ ପହଞ୍ଚି ଯାଇଥିଲେ । ଗଛ ଉପରେ ଥାଇ ଆଠ ଦଶଟି ମାଙ୍କଡ଼ ବି ଚାହିଁ ରହିଥିଲେ ତଳକୁ । ଭାଗ୍ୟକୁ ବୁଲା କୁକୁରଙ୍କ ଆଖିରେ ପଡ଼ିନି, ନହେଲେ... । ଓଃ ଆଉ ଆଗକୁ ଭାବି ପାରୁନଥିଲା ଅବନୀ । ଲୋକେ ବି ସେଇ କଥା କହୁଥିଲେ, "କୁକୁର ଝୁଣି ଖାଇ ଯାଇଥାନ୍ତେ ଛୁଆଟିକୁ, କେମିତି ହେଇଥିବ ସେ ମାଆଟି କେଜାଣି, ନିଜ ଗର୍ଭରୁ ଜନ୍ମ ଦେଇ କେହି କ'ଣ ଏମିତି ଫୋପାଡ଼ି ଦେଇ ପାରେ !"

ଧୀରେ ଧୀରେ ଭିଡ଼ ବଢୁଥିଲା । କିଏ କହୁଥିଲା, "କାହାର ପାପର ଫଳ ହେଇଥିବ... ଆଉ କିଏ କହୁଥିଲା, ବୋଧେ ପୁଅ ଭାବିଥିଲା, ଝିଅ ଜନ୍ମ ହେଲା, ତେଣୁ... ।" ତେବେ ସମସ୍ତେ କଳିକାଳକୁ ଦୋଷ ଦେଉଥିଲେ, ସତେ ଯେମିତି ଆଗରୁ କେବେ ଏମିତି ହୋଇ ନଥିଲା, ଏଇ ପ୍ରଥମ କରି ଏପରି ଘଟଣା ଘଟିଛି! କେହି କିନ୍ତୁ ଛୁଆଟିକୁ ଛୁଉଁ ନଥିଲେ । କି ଜାତି ନେଇ କି ଜାତି ହେଇଥିବ, କହି । ଅବନୀ ଭାବୁଥିଲା, ଯଦି ସମ୍ଭବ ହେଇଥାନ୍ତା, ତେବେ ସେ ନିଶ୍ଚୟ ଛୁଆଟିକୁ କୋଳେଇ ନେଇଥାନ୍ତା । କିନ୍ତୁ ସେ ତ ନିଜେ ଅବିବାହିତ, ବେକାର...ନିଜ ରକ୍ଷଣ ଯେଉଁଠି ଅସମ୍ଭବ... । ଜଣେ ସ୍ଥାନୀୟ ପୋଲିସ୍‌କୁ ଫୋନ୍ କରିଥିଲେ ।

"ପୋଲିସ୍ ଆସି କ'ଣ କରିବ କରୁ, କାଇଁ କାଦୁଅକୁ ଯିବା ଗୋଡ଼ ଧୋଇବା ।" ମନ୍ତବ୍ୟ ଦେଇଥିଲେ, ସବ୍‌ଜାନତା ପରି ଅଣ୍ଟାରେ ହାତ ଦେଇ ଛିଡ଼ା ହୋଇଥିବା ବୃଦ୍ଧ ଜଣେ ।

ଏଇ ସମୟରେ ଘଟିଗଲା ଆଉ ଗୋଟିଏ ଅଘଟଣ । ମା' ମାଙ୍କଡ଼ଟିଏ ଗଛ ଉପରୁ ନିଜ ଛୁଆ ସହିତ ପାଖ ଗଛକୁ ଡେଇଁଲା ବେଳକୁ ତାକୁ ଜାବୁଡ଼ି ଧରିଥିବା ଛୁଆଟି ଖସି ପଡ଼ିଥିଲା ତଳକୁ । ଆଉ ଠିକ୍ ଏଇ ସମୟରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌ଟିଏ ତାକୁ ଧକ୍କା ଦେଇ ଚାଲିଗଲା । ଛୁଆଟି ସେଇଠି କୁଁ କୁଁ ହୋଇ ପ୍ରାଣ ତ୍ୟାଗୀ ଦେଲା ପରି ମନେ ହେଲା । ଲୋକମାନେ ଆହାଃ ଚୁ ଚୁ କରୁଥିଲେ ବି ମାଙ୍କଡ଼ ପଲ ଗଛ ଉପରେ ଥିବାରୁ ଛୁଆଟି ପାଖକୁ ଆସିବାକୁ କେହି ସାହସ କଲେ ନାହିଁ । କିନ୍ତୁ ଦୁଇଟି ବୁଲା କୁକୁର ନୂଆ ବର୍ଷରେ ଭଲ ଆହାରଟିଏ ମିଳିଲା ଭାବି ତାକୁ ଟାଣି ନେବାକୁ ଧାଇଁ ଆସିଲେ ।

ହେଲେ ମାଆ, ଯେତେ ଯା' ହେଲେ ମାଆ ନା...

ଦୁର୍ବଳିଆ ମାଆ ମାଙ୍କଡ଼ଟି ଖିଁ ଖିଁ କରି ଖିଙ୍କାରି ହୋଇ ଦୌଡ଼ି ଆସିଲା, ଆଉ ବୁଲା କୁକୁରମାନେ ନେବା ପୂର୍ବରୁ ମଲା ଛୁଆଟିକୁ ନିଜ ଛାତିରେ ଜାକି ଚଢ଼ିଗଲା ଗଛ ଉପରକୁ । ଛୁଆଟିର ମୁହଁକୁ ବିକଳ ହୋଇ ଆଉଁସି ପକାଇଲା । ବାରମ୍ବାର ତା' ମୁହଁକୁ ଏପଟ ସେପଟ କରି ଦେଖୁଥିଲା । ସେଠାରୁ ଆଖି ଫେରେଇ ଆଣିଲା ଅବନୀ । ପେଟ ଭିତରଟା ତା'ର ଘାଣ୍ଟି ହେଇଗଲା ।

ଏବେ ସମସ୍ତଙ୍କ ଧ୍ୟାନ ପୁଣି ଫେରି ଆସିଲା ମଣିଷ ଶିଶୁ ନିକଟକୁ । ପୋଲିସ୍ ଆସି ସାରିଥିଲା । କ'ଣ କ'ଣ ଲେଖା ପଢ଼ା କରି ଦୁଇ ଚାରି ଜଣଙ୍କ ଦସ୍ତଖତ ନେଇ ଛୁଆଟିକୁ ନେଇ ପୋଲିସ୍ ଗାଡ଼ି ଚାଲିଗଲା । ପୋଲିସ୍ ନେଲା ବେଳେ ଜଣାପଡ଼ିଲା, ଶିଶୁଟି ପୁଅ ବୋଲି । ତାହେଲେ ନିଶ୍ଚେ ଅବୈଧ ହେଇଥିବ ବୋଲି ସବ୍‌ଜାନତା ଜଣକ ନିଜ ମତ ଦେଇ, "ଦେଖୁଛ ମୁଁ କେତେ କଥା ଜାଣିଛି!" ଏଇ ଭଙ୍ଗୀରେ ସମସ୍ତଙ୍କ ଉପରେ ନିଜର ଆଖି ବୁଲେଇ ଆଣିଲେ । ଭିଡ଼ ଭାଙ୍ଗିଲା ।

ଉଦାସ ମନ ନେଇ, ଆଉ ଆଜି ଚାଲିବାକୁ ଯିବନି ଭାବି, ଅବନୀ ଫେରିଲା ତା' ମେସ୍‌କୁ । ନୂଆବର୍ଷରେ ଚାଲିବା ନହେଲା ନାହିଁ, ଆଜି ଟିକେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବ ଭାବି ଗାଧୋଇ ସାରି ମନ୍ଦିରରେ ପହଞ୍ଚିଲା । ଭାବିଥିଲା, ତା'ର ଚାକିରି ଓ ଆର୍ଥିକ ଅନାଟନ ବିଷୟରେ କହି ଠାକୁରଙ୍କୁ କିଛି ମାଗୁଣି କରିବ । ହେଲେ ଠାକୁରଙ୍କ ଆଖିରେ ତା' ଆଖି ମିଶିଗଲା ଯେମିତି, ଆଖିରେ ତା'ର ଲୁହ ଭରି ଗଲା । ଆଖି ଆଗରେ ନାଚି ଉଠିଲା ମଲା ଛୁଆକୁ ଧରି ବିକଳ ହେଉଥିବା ମା' ମାଙ୍କଡ଼ର ମୁହଁଟି, ମନେ ପଡ଼ିଗଲା, କପଡ଼ାରେ ଗୁଡ଼େଇ ହୋଇ ଶୋଇଥିବା ନିଷ୍ପାପ ମଣିଷ ଶିଶୁଟି । ଥାକ ଥାକ କରି ରଖିଥିବା ନିଜର ସବୁ ଅଳି ଅର୍ଦ୍ଦଳିକୁ ପାଶୋରି ଦେଇ ତା' ହୃଦୟ ବ୍ୟାକୁଳ ହୋଇ କହି ଉଠିଲା, ଠାକୁରେ, ପୁନର୍ବାର ଯଦି ଜନ୍ମ ଦେବ, ତେବେ ମତେ ମଣିଷପଣିଆ ଥିବା ମାଙ୍କଡ଼ଟିଏ ପଛେ କରିବ, ହୃଦୟହୀନ ମଣିଷଟିଏ ନୁହେଁ... । ■

ମୋ: ୯୪୩୭୪୫୩୬୧୦

## ପୂର୍ବପୁରୁଷ

ଭଗବାନ ଜୟସିଂହ



ସେମାନେ ଆଉ ନାହାଁନ୍ତି । ଏକ ଏକ
ହୋଇ ଚାଲିଗଲେଣି କେଉଁକାଳୁ ।
ସେମାନଙ୍କ
ଫେରିବା ରାସ୍ତାର ଆଲୁଅ ଲିଭିଗଲାଣି
ଯିବା ପରେ ପରେ ।

ସେମାନଙ୍କୁ ଭୁଲିଯିବାର ମୁରୁଜ
ଲିପି ହେଇଗଲାଣି ଆକାଶ ସାରା
ସେମାନଙ୍କ ପୂରାପୂରି ଶୁଖି ଯାଇଥିବା କ୍ଷତରେ
କ୍ଷୟ ହୋଇଗଲାଣି ରାତି
ଚନ୍ଦ୍ରର ପାଦ ଛନ୍ଦି ହୋଇଗଲାଣି
ଛନ୍ଦହୀନ ପବନ ଫାଶରେ ।

ଯେଉଁମାନେ ଗଲେଣି ମାନେ
ଗଲେଣି, ଭୟରେ ହେଉକି ଭ୍ରାନ୍ତିରେ
ସେମାନଙ୍କର ଆଉ ଫେରିବାର ନାହିଁ
ଆଉ ଲେଉଟିବାର ନାହିଁ ନଦୀଙ୍କର
ସମୁଦ୍ର ଆଁ-ରୁ ।

ସେମାନେ ଏବେ କେଉଁଠି କେଜାଣି
ହସହୀନ ପୃଥିବୀର
ଏପାଖେ ନା ସେପାଖେ
ନା ନୀରବି ଯାଇଥିବା ବୀଭତ୍ସ ଝଡ଼ରେ
ଯଦିଓ ସେମାନଙ୍କ ଚାଲିଯିବାର ଚିତ୍ର
ଲିଭି ଯାଇଛି ଅସ୍ତାଚଳରୁ ।

ଆଜି ସେମାନେ ନାହାନ୍ତି
ତଥାପି ସେମାନଙ୍କୁ ନିଘା କରି ପାଣି
ଫାଟିଗଲାଣି ରକ୍ତ
ରକ୍ତର ପ୍ରତିଟି କୋଷରେ ଜମାଟ
ବାନ୍ଧି ଗଲାଣି ମେଘ
ଏବେ କିନ୍ତୁ ସୂର୍ଯ୍ୟ ଉଇଁବାର ନାହିଁ ।

ଆଜି ଏତେ ବର୍ଷ ପରେ
ଆଉ ଖୋଜନା ସେମାନଙ୍କୁ
ସେମାନେ କେବେଠୁଁ ମିଳେଇ ଗଲେଣି ପବନରେ
ଫିକା ଅନ୍ଦାଜରେ ଫିକା ଦିଶିଲାଣି ଫଟୋଫ୍ରେମ
ଆଜି, ଏତେ ବେଶୀ ଆଲୁଅରେ
ମତେ ଆଉ ଡାକନା ଥରକୁ ଥର

ମୋର ଏବେ ଯିବାର ନାହିଁ । ■

ସେଣ୍ଟ୍ରାଲ ସ୍କୁଲ ରୋଡ୍
ତାଳବଣିଆ
ପୁରୀ, ୭୫୨୦୦୨
ମୋ: ୯୫୫୬୭୬୨୩୦୦

## ଉତ୍ସବ

ଗଜାନନ ମିଶ୍ର



କୋଉଥିପାଇଁ?
କୋଉଥିପାଇଁ ଉତ୍ସବ?

ମାଆଠୁ ଦୂରରେ,
ମାଆଙ୍କ ଭାଷାକୁ ଅନାଦର,
ମାତୃଭୂମି ଖଣ୍ଡିତ, କ୍ଷତାକ୍ତ,
ଲୁଣ୍ଠିତ, ଅବହେଳିତ
ଆଉ ଆମେ ପରଧନରେ
ମନାଉଛେ ଖୁସି ଆଉ
ଆନନ୍ଦ, ମଦନମସ୍ତ!

କିଏ ଏ ରାଜ୍ୟର ମାଲିକ?
କିଆଁ ପାଟି ବନ୍ଦ ଏମାନଙ୍କର?
ଭୃତ୍ୟର ଭୟାନକ ଷଡ଼ଯନ୍ତ୍ର!
ଚାଲିଛି ହରିଲୁଟ ପ୍ରତିମୁହୂର୍ତ୍ତ ।

ମାଟିକୁ ମାଟିରେ ମାପି
ଆକାଶରେ ଖଞ୍ଜିବା
ଆମର ଭାଗ୍ୟ ।
ଆକାଶରେ ଆକାଶରେ
ପବନ ହେବା ଲେଖା ।


ଓଜନିଆ ଆଉ ହାଲୁକା
ପବନ ଆଉ ପାଣି
ବସିଲାବେଳେ ନିଆଁ ସହ
ମିତ୍ର ଦେଖି ପରଖି ସମୟକୁ
ଚିହ୍ନି ହୁଏ କିଏ କାହାର! ■

ତପୋବନ, ଟିଟିଲାଗଡ଼-୭୬୭୦୩୩



# ଓଡ଼ିଶାରେ ନାଥ ସାହିତ୍ୟର ପରମ୍ପରା

ଡକ୍ଟର ସତ୍ୟଜିତ ଦାସ



ଅନେକ ଧର୍ମାବଲମ୍ବୀ ଓଡ଼ିଶାରେ ସୃଷ୍ଟି ହୋଇ ସର୍ବଧର୍ମର ସମନ୍ୱୟର ବାର୍ତ୍ତା ଦେଇଛନ୍ତି । ଓଡ଼ିଶାରେ ନାଥଧର୍ମ ଅତିପ୍ରାଚୀନ । ଅନୁସନ୍ଧାନରୁ ଜଣାଯାଏ, ଦ୍ୱାଦଶ ଶତାବ୍ଦୀରୁ ନାଥଧର୍ମର ବିକାଶ ଘଟିଛି । ୮୪ ସିଦ୍ଧାଚାର୍ଯ୍ୟଙ୍କର ବିବରଣୀ ଅତି ପ୍ରାଚୀନ ଓଡ଼ିଆ ଗ୍ରନ୍ଥଗୁଡ଼ିକରେ ନାଥ ଧର୍ମର ଉଲ୍ଲେଖ ରହିଛି । ନାଥ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ 'ନ'-କାର ଦ୍ୱାରା ପରମ ତତ୍ତ୍ୱଙ୍କର ଅନାଦି ରୂପ ଓ 'ଥ'-କାର ଦ୍ୱାରା ତ୍ରିଭୁବନର ସ୍ଥିତିର ସୂଚନା ଦେଇଥାଏ । ସେହିପରି ଅନ୍ୟ ଏକ ଅର୍ଥ 'ନା' ଅର୍ଥ ନାଥବ୍ରହ୍ମ (ଯିଏ ମୋକ୍ଷଦାୟକ) 'ଥ' ଅର୍ଥ ଯିଏ ଅଜ୍ଞାନକୁ ଦୂର କରେ । ନାଥ ଧର୍ମ ସାଧାରଣତଃ ଏକ ଯୋଗଭିତ୍ତିକ ଧର୍ମ । ଏହାର ପ୍ରବର୍ତ୍ତକ ଓ ମୁଖ୍ୟ ପ୍ରଚାରକଗଣ 'ନାଥ' ଉପାଧି ବା ସଂଜ୍ଞା ଗ୍ରହଣ କରିଥାନ୍ତି । ନାଥ ଶବ୍ଦ ହେଉଛି ଗୋରେଖପନ୍ଥୀ ଯୋଗୀମାନଙ୍କର ଏକ ଉପାଧି ଏବଂ ଓଡ଼ିଶାରେ ନାଥ ଶବ୍ଦଟି ସାଧାରଣତଃ ଯୋଗୀ ବା ଯୋଗୀ ଜାତିକୁ ବୁଝାଇଥାଏ ।

ନାଥ ଧର୍ମର ପ୍ରାଚୀନତା ସମ୍ପର୍କରେ ଅନେକ ମତ ଦେଖିବାକୁ ମିଳିଥାଏ । ବୈଦିକ ସମୟରୁ ଏହି ଧର୍ମ ପ୍ରଚଳିତ ଥିଲା ଏବଂ କାଳକ୍ରମେ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ସଂସ୍ପର୍ଶରେ ଆସି ଏହାର ନୀତି ନିୟମ ସାଧନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି । ମେଘାସ୍ଥିନିସ୍‌ଙ୍କ ଭ୍ରମଣ ବୃତ୍ତାନ୍ତରେ ନାଥ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ ରହିଛି । ବୈଦିକ ଯୁଗରେ ନାଥମାନେ 'ବ୍ରାତ୍ୟ' ନାମରେ ଅଭିହିତ ହେଉଥିଲେ ପରବର୍ତ୍ତୀ ସମୟରେ ନାଥ ଓ ଯୋଗୀ ପ୍ରଭୃତି ନାମରେ ପରିଚିତ ହେଲେ । ଏହି ଧର୍ମ, ବ୍ରାତ୍ୟଭୂମି ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ଆଦି ସ୍ଥାନରେ ଲୋକପ୍ରିୟ ହୋଇଥିଲା । ଅଥର୍ବ ବେଦର ବ୍ରାତ୍ୟ କାଣ୍ଡରେ ନାଥ ଯୋଗୀ ପ୍ରସଙ୍ଗ ବର୍ଣ୍ଣିତ ରହିଛି । 'ମନୁସ୍ମୃତି'ରେ ବ୍ରାହ୍ମଣ ବଟୁର ଷୋଳବର୍ଷ ମଧ୍ୟରେ ଉପନୟନ ସଂସ୍କାର ନ ହେଲେ ବ୍ରାତ୍ୟ ନାମରେ ଅଭିହିତ ହୋଇଥାନ୍ତି । ବୈଦିକ ଯୁଗରେ ଏଇ ବ୍ରାତ୍ୟ ଶୈବମାନେ ପୁରାଣରେ ନାଥ ଓ ଉପନିଷରେ ଯୋଗୀ ନାମରେ ପରିଚିତ ହେଲେ । 'ବ୍ରହ୍ମ ବୈବର୍ତ୍ତ ପୁରାଣ'ରେ ମହାଦେବଙ୍କ କ୍ରୋଧାଗ୍ନିରୁ ଏକାଦଶ ରୁଦ୍ର ଓ ତାଙ୍କ ପତ୍ନୀମାନଙ୍କର ଜନ୍ମ ହୋଇଥିଲା । ସେମାନଙ୍କଠାରୁ ଶିବ ପାର୍ଷଦଙ୍କ ଜନ୍ମ । 'ସ୍କନ୍ଦ ପୁରାଣ', 'ବ୍ରହ୍ମାଣ୍ଡ ପୁରାଣ', 'ଶିବ ପୁରାଣ', 'ନାରଦ ପରିବ୍ରାଜକ' ଉପନିଷଦରେ ଗୋରକ୍ଷନାଥ ପ୍ରଭୃତି ନାଥ ଧର୍ମ ଆଚାର୍ଯ୍ୟଙ୍କ ନାମ ଉଲ୍ଲେଖ ରହିଅଛି । ପୁରାଣ ଓ ଉପନିଷଦ ସମୟରୁ ଏମାନେ ଯୋଗୀ ଭାବେ ଖ୍ୟାତ ଥିଲେ । ନାଥପନ୍ଥୀମାନଙ୍କର ଆରାଧ୍ୟ ଦେବ ହେଉଛନ୍ତି ଆଦିନାଥ ଶିବ । ସୁତରାଂ ଶୈବ ଧର୍ମର ଏକ ଶାଖା ରୂପେ ନାଥଧର୍ମକୁ ଗ୍ରହଣ କରାଯାଇଥାଏ । 'ଗୋରେଖ ସଂହିତା' ଅନୁସାରେ ଗୋରେଖନାଥ ହେଉଛନ୍ତି ନାଥଧର୍ମର ପ୍ରବର୍ତ୍ତକ ଏବଂ ଯୋଗୀ ଜାତି ତାଙ୍କଠାରୁ ସୃଷ୍ଟି ହୋଇଛି । ଭଗବାନଙ୍କର ଏକାଦଶ ଅବତାର ମଧ୍ୟରେ ମହାଯୋଗୀ ଅବତାର ପ୍ରଧାନ । ବିନ୍ଦୁନାଥ, ମୀନନାଥ, ଗୋରେଖନାଥ, ଛାୟାନାଥ, ସତ୍ୟନାଥ ପ୍ରଭୃତି ନାଥ ମତବାଦର ବିଶିଷ୍ଟ ମହାତ୍ମାଗଣ ମହାଯୋଗୀଙ୍କଠାରୁ ଜନ୍ମ ଲାଭ କରିଥିଲେ । ସିଦ୍ଧାଚାର୍ଯ୍ୟ ମୀନନାଥ ଓ ଗୋରେଖନାଥଙ୍କ ଦ୍ୱାରା ଖ୍ରୀ ୧୦ମ-୧୧ମ ଶତାବ୍ଦୀରେ ସମଗ୍ର ଭାରତରେ ନାଥ ଧର୍ମକୁ ଲୋକପ୍ରିୟ ଧର୍ମରେ ପରିଣତ କରିଥିଲେ । କେବଳ ଭାରତ ବର୍ଷରେ ନୁହେଁ, ବେଲୁଚିସ୍ତାନ, ନେପାଳ, ତିବ୍ବତ ଆଦି ଦେଶଗୁଡ଼ିକରେ ଏହି ଧର୍ମାବଲମ୍ବୀମାନେ ବସବାସ କରୁଥିଲେ ।

ଓଡ଼ିଶାର ନାଥ ଧର୍ମ ଇତିହାସରୁ ଜଣାଯାଏ ଗଙ୍ଗ ବଂଶ ରାଜା ଗଜପତି ଭାନୁଦେବଙ୍କ ପୁତ୍ର ଶୈଳେନ୍ଦ୍ର ଦେବ ଯୋଗ ସାଧନାରେ ସିଦ୍ଧିପ୍ରାପ୍ତ ହୋଇ ଶୈଳନାଥ ନାମରେ ପରିଚିତ ହେଲେ । ସେ ରାଜନଗରରେ ଏକ ମଠ ସ୍ଥାପନ କରିବା ସହିତ ଉମାକାନ୍ତେଶ୍ୱର ଓ ମତ୍ସ୍ୟେନ୍ଦ୍ରନାଥଙ୍କ ପଦ୍ମପାଣି ମୂର୍ତ୍ତି ସ୍ଥାପନ କରିଥିଲେ । ନାଥଧର୍ମର ବାରଟି ସମ୍ପ୍ରଦାୟ ମଧ୍ୟରୁ ସତ୍ୟନାଥୀ ଶାଖାର ପୀଠ ଭୁବନେଶ୍ୱର ଓ ପୁରୀଠାରେ ରହିଛି । ଓଡ଼ିଶାରେ ଥିବା ନାଥଧର୍ମ ପୀଠଗୁଡ଼ିକ ମଧ୍ୟରେ କପିଳାସ, ଆଳି, ମାଣତିରି, ଶିମୁଳିଆ, ତିର୍ତ୍ତୋଲର ଛପଡ଼ା ଗ୍ରାମର ଗୋରେଖ ଗାଦି, ଜଗତସିଂହପୁରର ହରିନାଥ ଗାଦି, କୁଳଣଗିରି (ରତ୍ନଗିରି ନିକଟରେ), କେୟାରବାଙ୍କ, କେନ୍ଦ୍ରାପଡ଼ାର ବିସ୍ୱତୀ, ଭୁବନେଶ୍ୱରର କପାଳି ମଠ, ପଦ୍ମପୁରର କାଳ ଭୈରବ ମଠ ଆଦି ଅନ୍ୟତମ । ନାଥପନ୍ଥୀ ଯୋଗୀମାନେ ଭିକ୍ଷାବୃତ୍ତି ସହିତ ବୈଦ୍ୟବୃତ୍ତି ମଧ୍ୟ କରିଥାନ୍ତି । ସବୁ ସମ୍ପ୍ରଦାୟର ନାଥ ଯୋଗୀମାନେ ଦୀକ୍ଷାଗ୍ରହଣ କରିଥାନ୍ତି । ଯେକୌଣସି ଜାତିର ଲୋକ ଦୀକ୍ଷା ଗ୍ରହଣ କରିପାରନ୍ତି । କର୍ଣ୍ଣରେ କୁଣ୍ଡଳ, ଶିଖା ଛେଦନ, ଦେହରେ ପାଉଁଶ ବୋଳି ନାଥ ଧର୍ମ ଗ୍ରହଣ କରିଥାନ୍ତି । ଅନେକ ଯୋଗୀ ଗୃହସ୍ଥାଶ୍ରମରେ ଜୀବନ ଧାରଣ କରିଥାନ୍ତି । ଗୃହସ୍ଥମାନଙ୍କର ଉପନୟନ, ବିବାହ ଓ ଅଶୌଚାଦି କର୍ମ ସାମବେଦ ମତରେ ପାଳିତ ହୋଇଥାଏ । ଏହି ଧର୍ମର ଉପାସ୍ୟ ନାଥ ସ୍ୱରୂପ ସଗୁଣ ଓ ନିର୍ଗୁଣତାର ଊର୍ଦ୍ଧ୍ୱରେ । ଯୋଗମାର୍ଗରେ ହିଁ ନାଥସ୍ୱରୂପଙ୍କର ଉପଲବ୍ଧି କରିହୁଏ । ନାଥପନ୍ଥୀ ଶୂନ୍ୟତତ୍ତ୍ୱ ବା ଶୂନ୍ୟ ସାଧନାକୁ ଗୁରୁତ୍ୱ ଦେବା ଫଳରେ ଯୋଗର ବିଭିନ୍ନ ସ୍ୱରୂପ ମଧ୍ୟରେ ହଠଯୋଗ ସହିତ ସପ୍ତାଙ୍ଗ, ଅଷ୍ଟାଙ୍ଗ ଯୋଗର ଗୁରୁତ୍ୱ ବଢ଼ିଲା । ଫଳରେ ଏହା ନାଥ ସାହିତ୍ୟର ପ୍ରମୁଖ ଅଂଶ ପାଲଟିଗଲା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଘଟ, ପରଚେ, ନିସ୍ୱତି ଯୋଗର ସାଧନା, କାୟାକଳ୍ପ ପ୍ରଭୃତି ଯୋଗତତ୍ତ୍ୱ ଏହି ଧର୍ମର ଆଧାର ପାଲଟିଗଲା । କବି ସଦାନନ୍ଦ ବ୍ରହ୍ମା 'ଲଳିତ ଲୋଚନା' କାବ୍ୟରେ ନାଥଯୋଗୀଙ୍କର କଠିନ ସାଧନାର ଚିତ୍ର ଦେଖିବାକୁ ମିଳିଥାଏ । ଏହି କଠୋର ସାଧନା ଦ୍ୱାରା ଚିତ୍ତ ସ୍ଥିର ହୁଏ ଓ ବୈରାଗ୍ୟଭାବ ଜାତ ହୋଇ ନାଥ ଯୋଗୀ କେନ୍ଦରାରେ ଝଙ୍କାର ତୋଳି ଗାଇଥାଏ:-

"ଭଜୁ କିନା ରାମ ନାମରେ ରାଜନ ଭଜୁ କିନା ରାମ ନାମ ।
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମ ॥
ସେହି କାଳ ଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ॥"

ନାଥ ଧର୍ମ ସଂପର୍କିତ ଅନେକ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ରହିଛି । 'ଶିଶୁ ବେଦ', 'ଅମରକୋଷ ଗୀତା', 'ଗୋରେକ୍ଷ ଗୀତା', 'ସପ୍ତାଙ୍ଗ ଯୋଗ','ଟୀକା ଗୋବିନ୍ଦ ଚନ୍ଦ୍ର', 'ରୁଦ୍ର ସୁଧାନିଧି' ପ୍ରଭୃତି ଗ୍ରନ୍ଥ ଅନ୍ୟତମ । ସେହିପରି ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଓ ଦ୍ୱାରିକା ଦାସଙ୍କ 'ପରଚେ ଗୀତା' ଗ୍ରନ୍ଥଗୁଡ଼ିକ ନାଥ ଧର୍ମ ଓ ଦର୍ଶନ ସମ୍ବଳିତ ।

ଓଡ଼ିଶାର ଧର୍ମ ଓ ସାହିତ୍ୟରେ ନାଥ ଧର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଧ୍ୟାପକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ନାଥ ଧର୍ମ ଉପରେ ଗବେଷଣା କରିଛନ୍ତି । ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ, ଡକ୍ଟର ବଂଶୀଧର ମହାନ୍ତି ପ୍ରମୁଖ ନାଥ ଧର୍ମ ବିଷୟରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସମାଜ ସଂସ୍କାର ଓ ସଦାଚାର ପ୍ରତିଷ୍ଠା ଉଦ୍ଦେଶ୍ୟରେ ନାଥ ଧର୍ମ ସୃଷ୍ଟି ହୋଇଥିଲା । ଆଜି ମଧ୍ୟ ଅଲାବୁ ପାତ୍ର ଓ କେନ୍ଦରାର ସ୍ୱରରେ ଗାଁ ଦାଣ୍ଡରେ ଏହି ଧର୍ମର ଜୟଗାନ ଦେଖିବାକୁ ମିଳେ । ■

ବେଗୁନିଆ ମହାବିଦ୍ୟାଳୟ
ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨

## ପରକୀୟା ପ୍ରୀତି ନେଲା ଜୀବନ

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା!

**ଜଳେଶ୍ୱର ବ୍ଲକ୍, ୨୧।୬(ସମିସ):** ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରିବା ଭଳି ଏକ ଘଟଣା ଜଳେଶ୍ୱର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।




ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ରମାକାନ୍ତ ଘୋଷ (୩୮)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଡିପିପୁର ଗ୍ରାମର ମାନସ ଘୋଷଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁଯାୟୀ, ରମାକାନ୍ତ ୧୦ ବର୍ଷ ତଳେ ଭୋଗରାଇ ବ୍ଲକ୍ ଜୟରାମାପୁର ଗ୍ରାମର ଜାହ୍ନବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଅଗ୍ରୱାଲ ଛକ ନିକଟରେ ଏକ ଚା' ଦୋକାନ କରିଥିବା ବେଳେ ରମାକାନ୍ତ ରାଜ୍ୟ ବାହାରେ କାମ କରୁଥିଲେ। କିଛି ଦିନ ତଳେ ରମାକାନ୍ତ ଗାଁକୁ ଆସିଥିଲେ। ଏହି ସମୟରେ ମାନସଙ୍କ ସହ ଜାହ୍ନବୀଙ୍କର ଅତ୍ୟଧିକ ମିଳାମିଶା ଦେଖି ସେ ସନ୍ଦେହ କରିଥିଲେ। ଏ ସଂପର୍କରେ ସେ ଜାହ୍ନବୀଙ୍କୁ ପ୍ରଶ୍ନ କରିବା ସହ ବିରୋଧ ମଧ୍ୟ କରିଥିଲେ। ଏଥିରେ ରାଗିଯାଇ ରମାକାନ୍ତଙ୍କୁ ସବୁଦିନ ପାଇଁ ବାଟରୁ ହଟାଇଦେବାକୁ ଜାହ୍ନବୀ ଯୋଜନା କରିଥିଲେ। ଏଥିରେ ପ୍ରେମିକ ମାନସ ତାଙ୍କୁ ସହାୟତା କରିଥିଲା। ଗତକାଲି ବିଳମ୍ବିତ ରାତିରେ ଉଭୟ ମାନସଙ୍କୁ ହତ୍ୟା କରିବା ପରେ ତାହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ରମାକାନ୍ତଙ୍କ ବେକରେ ଲୁଗା ଦେଇ ତାଙ୍କୁ ଘର ଭିତରେ ଟାଙ୍ଗି ଦେଇଥିଲେ। ତେବେ କୌଣସି ସୂତ୍ରରୁ ସେମାନଙ୍କର ଏ ଷଡ଼ଯନ୍ତ୍ର ସଂପର୍କରେ ଗ୍ରାମବାସୀମାନେ ଜାଣିବା ପରେ ସକାଳୁ ଆଜି ଦୁହିଁଙ୍କୁ ଅଟକ ରଖିଥିଲେ। ଅଲଗା ଅଲଗା ପଚରାଉଚରା କରିବାରୁ ଦୁହିଁଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା ଏବଂ ଏ ସଂପର୍କରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ମାନସଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା।

# ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀର ପ୍ରେମିକ ମୃତ

**ସେମିଳିଗୁଡ଼ା, ୨୧।୩(ସମିସ):** ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀର ପ୍ରେମିକ ମୃତ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅନ୍ତର୍ଗତ ମାନିଆ ପଞ୍ଚାୟତରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ଯୁବକ ହେଲେ, ଲୁଙ୍ଗୁରୀ ଗ୍ରାମର ଦେବେନ୍ଦ୍ର କୁନ୍ଦୁରିଆ(୩୫)। ପୁଲିସ୍ ଶବ ବ୍ୟବଚ୍ଛେଦ କରାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଛୁରାମାଡ଼ କରିଥିବା ଅଭିଯୁକ୍ତ କୁନୁ ଗଲୋରୀ ଥାନାରେ ଆତ୍ମସମର୍ପଣ କରିଛି।

ସୂଚନାନୁଯାୟୀ, ପତ୍ନୀ ଗୌରୀ ଗଲୋରୀ ଓ ଦୁଇ ପିଲାଙ୍କୁ ନେଇ କୁନୁଙ୍କୁ ହସଖୁସିର ସଂସାର। କୁନୁଙ୍କ ସହ ବନ୍ଧୁତା ଥିବାରୁ ଦେବେନ୍ଦ୍ର ତାଙ୍କ ଘରକୁ ଯିବା ଆସିବା

### ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ

କରୁଥିଲେ। ଏହା ଭିତରେ ଗୌରୀ ଓ ଦେବେନ୍ଦ୍ରଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି, ଗୌରୀ କୁନୁଙ୍କୁ ଛାଡ଼ି ଦେବେନ୍ଦ୍ରଙ୍କ ନିକଟକୁ ଚାଲି ଆସିଥିଲେ। କିନ୍ତୁ ଆପୋଷ ବୁଝାମଣାରେ କୁନୁ ପତ୍ନୀଙ୍କୁ ନିଜ ପାଖକୁ ଫେରାଇ ଆଣିଥିଲେ। ଏହି କଥାକୁ ନେଇ କୁନୁ ଓ ଦେବେନ୍ଦ୍ରଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। କିଛି ଦିନ ତଳେ ଗୌରୀ ପୁଣିଥରେ ଦେବେନ୍ଦ୍ର ପାଖକୁ ଚାଲି ଆସିବାରୁ କୁନୁ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଥିଲେ। ଗତ ଜୁନ୍ ୧୯ ରାତି ପ୍ରାୟ ୯ଟାରେ ଦେବେନ୍ଦ୍ର ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ ରାସ୍ତାରେ ବସିଥିବା ବେଳେ କୁନୁ ନିଜ ଦୁଇ ବନ୍ଧୁଙ୍କ ସହ ଏକ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ସେଠାରେ ଦେବେନ୍ଦ୍ରଙ୍କ ସାଙ୍ଗରେ ତାଙ୍କର ବଚସା ହୋଇଥିଲା। କିନ୍ତୁ ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ ଉଭୟଙ୍କୁ ବୁଝାସୁଝା କରି ସେଠାରୁ ପଠାଇ ଦେଇଥିଲେ। ତେବେ ଦେବେନ୍ଦ୍ର ଅଳ୍ପ ବାଟ ଚାଲିଚାଲି ଆସିବା ପରେ କୁନୁ ହଠାତ୍ ଏକ ଛୁରିରେ ଦେବେନ୍ଦ୍ରଙ୍କୁ



ପଛପଟୁ ଆକ୍ରମଣ କରିଥିଲେ। ଦେବେନ୍ଦ୍ର ପ୍ରାଣ ବିକଳରେ ଦୌଡ଼ିଥିଲେ ମଧ୍ୟ ଉତ୍କ୍ଷିପ୍ତ କୁନୁ ତାଙ୍କ ପେଟକୁ ବାରମ୍ବାର ଛୁରି ଭୁସିବାରୁ ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ପ୍ରଥମେ କୋରାପୁଟସ୍ଥିତ ଲକ୍ଷ୍ମଣନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଛୁରାମାଡ଼ ପରେ କୁନୁ ସେମିଳିଗୁଡ଼ା ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଦେବେନ୍ଦ୍ରଙ୍କ ସମ୍ପର୍କୀୟଙ୍କ ଏତଲା ଆଧାରରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବିଶାଖାପାଟଣାରୁ ମୃତଶରୀର ଶନିବାର ସନ୍ଧ୍ୟାରେ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି।

# ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଶିକ୍ଷକ ନିଲମ୍ବିତ

**କପ୍ତିପଦା, ୨୧।୬(ସମିସ):** କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ଶିକ୍ଷକ ଭବାନନ୍ଦ ନାଏକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଭବାନନ୍ଦ କପ୍ତିପଦା ବ୍ଲକ୍ ଅଧୀନ ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଖଣ୍ଡ ପୁଲିସ ଅଧିକାରୀ ଚିଠି ଲେଖି କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଫଳସ୍ୱରୂପ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ଗତ ୧୯ ତାରିଖରେ ଶିକ୍ଷକ ଶ୍ରୀ ନାଏକଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ କପ୍ତିପଦା ପୁଲିସ୍ ବିଭିନ୍ନ ପର୍ଯ୍ୟାୟରେ ୯ ଜଣଙ୍କୁ ଗିରଫ କରିଛି।

# କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ସହାୟତା

**ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶନିବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହଶହ ସଂଖ୍ୟାରେ ଆସିଥିବା ଓଡ଼ିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ୍ ଅଧୀନରେ ପ୍ରାୟ ୯ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର। ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ଼ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ୪୧କୋଟି ୧୭ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡ଼ା, ଟୋପି, ମଶାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି। ଏସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

# ଚଳନ୍ତା ବାଇକ୍‌ରେ ବ୍ୟବସାୟୀଙ୍କୁ ଗୁଳିମାଡ଼

**ଭଦ୍ରକ,୨୧।୬(ସମିସ):** ଭଦ୍ରକ ସହର ଚରମ୍ପା ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଲାମଲା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପାସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଦୁଇରାଉଣ୍ଡ ଗୁଳି ଫୁଟାଇଥିଲେ। ଫଳରେ



ବାଇକ୍‌ରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ରେଳଷ୍ଟେସନରେ ଅଟକିଗଲା ଲିଫ୍ଟ

# ଡେଇଁ ପଡିଲେ ଦିବ୍ୟାଙ୍ଗ

**ଭଦ୍ରକ,୨୧।୬ (ସମିସ):** ଅଧାରେ ଅଟକିଯିବାରୁ ଭିତରେ ଫସିଯିବା ଭୟରେ ଜଣେ ଦିବ୍ୟାଙ୍ଗ ଲିଫ୍ଟରୁ ଡେଇଁ ପଡ଼ି ଗୁରୁତର ହୋଇଛନ୍ତି। ଭଦ୍ରକ ରେଳଷ୍ଟେସନ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ସେ ହେଲେ, ଖଡ଼ଗପୁର ଅଞ୍ଚଳର ସୁକୁମାର



ସିଂ। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ସୁକୁମାର ଟ୍ରେନ୍‌ରେ ଭିକ୍ଷାବୃତ୍ତି କରନ୍ତି। ଆଜି ସେ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟାଫର୍ମକୁ ଯିବା ପାଇଁ ଲିଫ୍ଟରେ ଚଢ଼ିଥିଲେ। ମାତ୍ର ଲିଫ୍ଟଟି କିଛି ଉପରକୁ ଉଠିବା ପରେ ଅଟକି ଯାଇଥିଲା। ତେଣୁ ଲିଫ୍ଟରେ ଫସିଯିବା ଭୟରେ ସେ ରିପ୍ୟାରିଂ ଚାମ୍ବର୍ ଖୋଲି ଡେଇଁ ପଡ଼ିଥିଲେ। ରେଳବାଇ ତରଫରୁ ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମା' ଛେଉଣ୍ଡ ଦୁଇ ଶିଶୁଙ୍କୁ ନିର୍ଯାତନା

**ଭୁବନେଶ୍ୱର,୨୧।୬(ସମିସ):** ମା ଛେଉଣ୍ଡ ଦୁଇ ଶିଶୁଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ ଜେଜେମା ଏବଂ ବାପା। ଖାଇବାକୁ ନଦେବା ସହ କଥା କଥାରେ ମାଡ଼ ମାରୁଥିଲେ। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜିଜିପି କଲୋନୀରେ ଦେଖିବାକୁ ମିଳିଛି। ବୋହୂଙ୍କ ମୃତ୍ୟୁ ପରେ ଦୁଇ କୋମଳମତି ଶିଶୁଙ୍କୁ ଏଭଳି ନିର୍ଯାତନା ଦେଇଛନ୍ତି। ଏପରିକି ଜେଜେମା ଏବଂ ବାପା ମାଡ଼ ମାରି ଦୁଇ ଶିଶୁଙ୍କୁ

### ■ ଉଦ୍ଧାର କଲା ଚାଇଲ୍ଡ ଲାଇନ୍
### ■ ମା'ପୁଅଙ୍କୁ ଗିରଫ କଲା ପୁଲିସ

ଅଚେତ କରି ପକାଇଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ପୁଲିସ ଆସି ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଚାଇଲ୍ଡ ଲାଇନ୍ ସଦସ୍ୟମଙ୍କ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବାପା ଶରତ ପାତ୍ର ଏବଂ ଜୋତ୍ସ୍ନାରାଣୀ ପାତ୍ରଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ସଂଗୀନ ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ମାସକ ତଳେ ଦୁଇ ଶିଶୁଙ୍କ ମା'ର ମୃତ୍ୟୁ ପରେ ସବୁ କଥା ବାପା ଏବଂ ଜେଜେମାଆ ବୁଝୁଥିଲେ। ହେଲେ ମା' ମରିବା ପରେ ସେମାନଙ୍କର ଆରମ୍ଭ ହୋଇଥିଲା ନିର୍ଯାତନା। ଖାଇବାକୁ ନଦେଇ କାମ କରିବାକୁ କୁହନ୍ତି। ସେମାନେ ମନା କଲେ ମାଡ଼ ମାରୁଥିଲେ। ପଡ଼ୋଶୀ ଲୋକ ଶିଶୁ କାନ୍ଦିବାର ଶୁଣୁଥିଲେ ମଧ୍ୟ ଆକଟ କରାଯାଉଥିବା ଭାବି କିଛି କୁହନ୍ତି ନାହିଁ। ଆଜି ସେମାନଙ୍କୁ ମାଡ଼ ମରାଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖି ଚାଇଲ୍ଡ ଲାଇନ୍ ଏବଂ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୁଇ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଦୁହେଁ ଭାଇ-ଭଉଣୀ ହୋଇଥିବା ବେଳେ ପିଲା ଦୁହିଁଙ୍କ ଦେହସାରା ଦେଖିବାକୁ ମିଳିଛି କ୍ଷତ ଦାଗ। ମାଆ ଚାଲିଗଲା ପରେ ନୃଶଂସ ଜେଜେମାଆ ଦୁହିଁଙ୍କୁ ଅକଥନୀୟ ନିର୍ଯାତନା ଦେଇ ଏଭଳି ଅବସ୍ଥା କରିଛନ୍ତି ବୋଲି ଶିଶୁ କହିଛନ୍ତି। ୫ ଦିନ ହେଲା ଖାଇବାକୁ ନଦେବା ସହ ନିସ୍ତୁକ ଭାବେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ହସ୍ପିଟାଲରେ ଚିକିତ୍ସା କରାଯାଇ ଚାଇଲ୍ଡ ଲାଇନ୍ ନିଜ ପାଖରେ ରଖିଛି।

ମାସେ ତଳେ ୨ ଶିଶୁଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମାନସିକ ସ୍ଥିତି ହରାଇ ବସିଥିଲେ। ଫଳରେ ଜେଜେମା କୁନି କୁନି ପିଲାଙ୍କୁ ମାଡ଼ ମାରିବା ସହ ଘରେ ବନ୍ଦ କରି ରଖିଥିଲେ। ଏପରିକି ୫ ଦିନରୁ ଅଧିକ ହେବ ଖାଇବାକୁ ଦେଇ ନଥିଲେ। ସ୍ଥାନୀୟ ଲୋକେ କହିଛନ୍ତି ଯେ ଭଉଣୀ ସମ୍ପତ୍ତି ପାଇଁ ଭାଇକୁ ନିଜ ଇଙ୍ଗିତରେ ନଚାଉଥିଲେ।

## ଅବଶିଷ୍ଟାଂଶ...

### ନିବେଶକଙ୍କ ବିଶ୍ୱାସ...

୬ ଗିଗାୱାଟର ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୟୁନିଟରେ କମ୍ପାନୀ ଇନ୍‌ଗଟ, ୱେଫର୍ସ ସେଲ୍ ଏବଂ ସୋଲାର ମଡ୍ୟୁଲ ଉତ୍ପାଦନ କରିଥାନ୍ତା। ଏହି କମ୍ପାନୀ ସ୍ଥାପନ ହୋଇଥିଲେ ପ୍ରାୟ ୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାନ୍ତା। ଏହି ପ୍ରକଳ୍ପ ପାଇଁ ଥରେ ନୁହେଁ ଦୁଇଥର ଶିଳାନ୍ୟାସ ହୋଇଥିଲା। ଥରେ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିବା ବେଳେ କିଛି ସପ୍ତାହ ତଳେ ଢେଙ୍କାନାଳ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଦୁଇଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏହି କମ୍ପାନୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବ ଯୋଗୁଁ ଅନ୍ୟତ୍ର ଚାଲିଯିବାକୁ ନିଷ୍ପତ୍ତି ନେଇଛି। କାମ ବିଳମ୍ବ ହେଉଥିବାରୁ କମ୍ପାନୀର ଅଡିଟ କମିଟ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲା। ଏହ ପରାମର୍ଶ ଆଧାରରେ ଓଡ଼ିଶା ବଦଳରେ ଏହା ତାମିଲନାଡୁ ଓ ଗୁଜୁରାଟରେ ନିଜ ଶିଳ୍ପ ସ୍ଥାପନ କରିବ ବୋଲି କମ୍ପନୀ ପକ୍ଷରୁ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ ଓ ଏନ୍‌ଏସ୍‌ଇ)କୁ ଅବଗତ କରାଯାଇଛି।

ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ପ୍ରକଳ୍ପରୁ ଓହରିଯିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଥିଲା। ଏହାକୁ ନେଇ ଆଜି ବେଶ୍ ତତ୍ପରତାଫାନ ହେବା ପରେ କମ୍ପାନୀ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଥିବା କୁହାଯାଇଛି। ଆମେ ଓଡ଼ିଶା ଛାଡ଼ି ଯାଉନାହୁଁ। ଓଡ଼ିଶାରେ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆମେ ଆମ ପ୍ରତିଶ୍ରୁତିରେ ଦୃଢ଼ ରହିଛୁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ଦିନ ବ୍ୟବଧାନରେ କମ୍ପାନୀ ପକ୍ଷରୁ ଦୁଇ ଦୁଇଟି ପରସ୍ପର ବିରୋଧୀ ବିଜ୍ଞପ୍ତି ପ୍ରକାଶକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ କମ୍ପାନୀର ମତ ପରିବର୍ତ୍ତନ ପଛରେ ଚାପ ପଡ଼ିଥିବା ଶିଳ୍ପ ସମୀକ୍ଷକମାନେ ମତ ଦେଉଛନ୍ତି। ଗତକାଲି କମ୍ପାନୀ ସ୍ଥାନାନ୍ତର ସୂଚନା ଦେଇଥିବାବେଳେ ଗୋଟିଏ ଦିନ ମଧ୍ୟରେ କମ୍ପାନୀ ନିଜ ନିଷ୍ପତ୍ତିରୁ ଓହରିଯିବାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ପୂର୍ବରୁ ଆର୍ସେଲର ନିପ୍ପନ- ମିତ୍ତଲ ଓ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ସ୍ୱପ୍ନ ଧିରେ ଧିରେ ଘୁଞ୍ଚି ଘୁଞ୍ଚି ଯାଉଛି। ଏପରିକି ଆର୍ସେଲର-ମିତ୍ତଲ ପ୍ରକଳ୍ପ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ହେବା ଏକପ୍ରକାର ନିଶ୍ଚିତ କୁହାଯାଉଥିବା ବେଳେ ସେଠାରେ ଜମି ଅଧିଗ୍ରହଣ କାମ ଜାରି ରହିଛି। ସେହିପରି ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମଧ୍ୟ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇଥିବା ନେଇ କୁହାଯାଉଛି। ଏବେ ପୁଣି ଆଉ ଏକ ବଡ଼ ଶିଳ୍ପ ଓଡ଼ିଶାରୁ ଚାଲିଯିବା ନିମନ୍ତେ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ରାଜ୍ୟର ଶିଳ୍ପ ବାତାବରଣକୁ ପ୍ରଶ୍ନଘେରରେ ଠିଆ କରିଛି।

### ବାଲିଆପାଳରେ ସ୍ଥିତି...

ବ୍ଲକ୍‌ର ନଦୀତଟ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା ଆଦି ୮ଟି ପଞ୍ଚାୟତର ଅନ୍ୟୂନ ୨୦ହଜାର ଲୋକ ବନ୍ୟା ପାଣିଘେରରେ ରହିଛନ୍ତି। ସେଗୁଡ଼ିକ ମଧ୍ୟରୁ ଝଲଝଲିଆ, ଚଡ଼ପାଳପଡ଼ା, ପାଳଚମ୍ପେଇ, ଚଡ଼ ବଡ଼ାପାଳ, ମନୁନଗର, ରସଲପୁର, ଇକଡ଼ପାଳ, ତାଳପଦା ଆଦି ଗାଁ ସଂପୂର୍ଣ୍ଣ ଭାବେ ପାଣିଘେରରେ ରହିଛି। ଗତକାଲି ରାତିରୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ବନ୍ୟା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକମାନଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳ ଓ ପାଖ ସ୍କୁଲକୁ ଚାଲିଯିବା ପାଇଁ କୁହାଯାଇଥିଲା। ସେହିପରି, ବନ୍ୟା ଯୋଗୁଁ ପଞ୍ଚୁରୁଖୀ ଗ୍ରାମର ଏକ ବନ୍ଧ ଭାଙ୍ଗିଯିବା ଭଳି ସ୍ଥିତି ଦେଖାଦେଇଛି। ଗ୍ରାମବାସୀ ଉକ୍ତ ବନ୍ଧକୁ ଜଗି ରହିଛନ୍ତି। ସେହିପରି ବଡ଼ାପାଳ ଗ୍ରାମର ନିଆଶି ଜେନା, ରତିକାନ୍ତ ଜେନା, ତାଙ୍କ ସ୍ତ୍ରୀ, ବାବୁଲି ଜେନା ପ୍ରମୁଖ ସର୍ଦ୍ଦାର ସାହି ଏକ ଟାପୁକୁ ଗାଈ ଚରାଉବାକୁ ଯାଇଥିବା ବେଳେ ବନ୍ୟାପାଣି ଘେରରେ ରହିଯାଇଥିଲେ। ଆଜି ସେମାନଙ୍କୁ ଆଜି ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛି।

ଅପରପକ୍ଷେ, ବନ୍ୟା ଯୋଗୁଁ ଭୋଗରାଇ ବ୍ଲକ୍‌ର ସମସ୍ତ ତଳିଆ ଅଞ୍ଚଳ ବୁଡ଼ିଯାଇଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସେହିପରି ବନ୍ୟାର ପ୍ରଖର ସୁଅରେ ଆଜି ଜଣେ ଯୁବକ ଭାସି ଯାଇଛନ୍ତି। ସେ ହେଲେ, କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ନବକୃଷ୍ଣ ପିଲାରଙ୍କ ପୁଅ ଅପୁ। ଅପୁ ଆଜି ସକାଳେ ଜାମକୁଣ୍ଡା ଲକ୍ ନିକଟକୁ ସଉଦା ଆଣିବାକୁ ଯାଉଥିବା ବେଳେ ବନ୍ୟା ପାଣିରେ ଭାସି ଯାଇଥିଲେ। ଗାଁର ଯୁବକମାନେ ଡଙ୍ଗା ନେଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ହସ୍ତକ୍ଷେପ ପରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା। କିନ୍ତୁ ଖବର ଲେଖା ହେବା ସୁଦ୍ଧା ତାଙ୍କର ପତ୍ତା ମିଳିପାରିନାହିଁ।

ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ସୌମ୍ୟଦୀପ ଚକ୍ରବର୍ତ୍ତୀ, ମନ୍ମଥ କୁମାର ବାରିକ ପ୍ରମୁଖ ପାଣିଘେରରେ ଥିବା ଲୋକଙ୍କୁ ଭେଟିବା ସହ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସାହାଯ୍ୟ ଓ ସହାୟତା ପାଇଁ ପ୍ରଶାସନ ଲୋକଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚି ନ ଥିବାରୁ ବିଧାୟିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

### ନେଦାର ୨ ହଜାର...

ପାଇଁ ଓଡ୍ରାଫ ଟିମ୍, ଏନଡିଆରଏଫ ଟିମ୍ ଏବଂ ସାରସକଣା, ବାଙ୍ଗରିପୋଷି ଅଗ୍ନିଶମ ବାହିନୀ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ସଜାର ରହିଛନ୍ତି।

ସୂଚନାନୁଯାୟୀ, ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍ ଗେଟ୍ ଦେଇ ପ୍ରାୟ ୬ରୁ ୭ଲକ୍ଷ କ୍ୟୁସେକ ପାଣି ନିଷ୍କାସନ ହେଉଛି। ଏଭଳି ସ୍ଥିତିରେ ଜାମଶୋଳା ଘାଟରେ ସୁବର୍ଣ୍ଣରେଖା ଏବେ ବିପଦ ସଂକେତଠାରୁ ୪ ମିଟର ଉପରେ ରହିଛି। ବନ୍ୟାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଏବଂ ପୁଲିସକୁ ମୁତୟନ କରାଯାଇଛି। ଅନ୍ୟପକ୍ଷେ ଏହାର ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ନେତା କି ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ୨୪ରୁ ପୁଣି...

ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଥମେ ଓଡ଼ିଶା ଓ ପରେ ଝାଡ଼ଖଣ୍ଡରେ ଅଧିକ ବର୍ଷା କରାଇବ। ତେଣୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶନିବାର ସୋନପୁରରେ ୨୭, କଟକରେ ୨୧ ଓ ପାରାଦୀପରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।


**OFFICE OF THE PANCHAYAT SAMITI: KOLNARA**
DIST- RAYAGADA, PIN CODE-765017, ODISHA i-170
E-mail ID: ori-kolnara@nic.in

**INVITATION FOR BIDS (I.F.B)**
e-Procurement Notice
IDENTIFICATION No. PS- KOL No. 02 OF 2025-26

1. The Block Development Officer, Kolnara, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works: **03 (Three)**
3. Cost of Tender paper: **₹6000/- (Rupees Six Thousand)** only for each work
4. Class of Contractor: **"D & C" Class**
5. Date & Time of availability in website & receipt online: **From 11:00 Hrs of 26.06.2025 to 17:00 Hrs of 08.07.2025**
6. Date of opening of Technical Bid: **11:00 Hrs of 10.07.2025**
7. The Bidders have to participate in ONLINE bidding only. Further details can be seen from the State Govt. Portal website: **https://tendersodisha.gov.in**
8. Any Corrigendum/Addendum will be displayed in the website **https://tendersodisha.gov.in** only

Sd/- Block Development Officer
Kolnara

OIPR-19053/11/0002/2526



**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 20/06/2025. I, **Saraswati Sahu,** aged about 40 years, W/o- Subash Sahu, Permanent resident of At- Sukunabhata, P.O. Marlad, P.S. Titilagarh, Dist. Bolangir, (Odisha), Pincode No. 767066 now residing at the same place affirm that I have changed my minor daughter's name from **Babey Sahu** (old name) To **Beby Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Beby Sahu** (new name).
**Saraswati Sahu**

**AFFIDAVIT**
I, Gunanidhi Barik, father of Satyajiti Barik, residing at At: Balarampur Garh, PO: Balarampur Talagada, Sub-District: Dharmasala, District: Jajapur, Odisha – 755023, do hereby declare that I have changed the name of my minor son from Satyajiti Barik to Satyajit Barik. Henceforth, he shall be known as **Satyajit Barik** for all official and future purposes.

**AFFIDAVIT**
I Anju Rani Khatua, W/o- Kartik Khatua, resident of village/po , Gunaibasan Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No.2221/2025 that My son name as Manoj Khatua in his Birth Certificate, that wrongly mentioned as Monaj Khatua in Adhar. Manoj Khatua and Monaj Khatua is one & same person. Hence my son shall be known as **Manoj Khatua** for all future purpose.

**AFFIDAVIT**
By virtue of an affidavit before Executive Magistarte, Bargarh, I, Rajkishan Kuanr, S/o- Bisi Kuanr, R/o- Village- Debgarhtikra, Khandatha, Po.- Khandatha, Ps.- Sadar, Dist.- Bargarh, Odisha, declare that, my daughter will be known as & her name will be used as **Gunjan Kuanr, D/o- Rajkishan Kuanr (Father) & Rinki Kuanr (Mother)** for all purposes.

**AFFIDAVIT**
By virtue of an affidavit No. 738, dtd. 19.06.2025 before the Notary Public, Malkangiri, I, Debe Kabasi have changed my name and address from Debe Podiami, D/o- Podia Padiami, Vill- Karastaguda, Po- Thumusapalli, Ps/Dist.- Malkangiri to Debe Kabasi, W/o- Ganesh Kabasi, Vill- Nuaguda, Po/Ps.- Korukunda, Dist.- Malkangiri after my marriage. Henceforth I shall be known as Debe Kabasi, W/o- Ganesh Kabasi, resident of Vill- Nuaguda, Po/Ps- Korukunda, Dist.- Malkangiri, Odisha for all purposes.
**Sd/- Debe Kabasi**

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Priyanka Mahapatra, aged about 37 years, W/o- Niranjan Acharya, resident of Plot No-491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No- 496, dtd- 12/06/2025 that now onwards I shall be known as **PRIYANKA MOHAPATRA** for all future purposes.

**AFFIDAVIT**
I, Niranjan Nayak, aged about 40 years, H/o- Priyanka Mohapatra, resident of Plot No.491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No-498, dtd- 12/06/2025 that now onwards I shall be known as **NIRANJAN ACHARYA** for all future purposes.

**AFFIDAVIT**
I, Jaspreet Singh Wadhwa, aged about 45 years, S/o- Mahender Singh, resident of At- Plot No. TT-14, Civil Township, Po- Rourkela, Ps- Raghunathpali, Dist- Sundargarh, Odisha, Pin- 769004 declare by this affidavit No. A/19, dtd. 01/05/2025 that now onwards I shall be known as **JASPREET SINGH** for all future purposes.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

# ‘ଟୋଲ’ର ଅଭାବୀ ବିକ୍ରି, ଚିନ୍ତାରେ ଆଦିବାସୀ

ପଦ୍ମପୁର, ୨୧।୬(ସମିସ)



ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ନୟାଗଡ଼, ଗୁଲୁଗୁଡା, ଲିକିଟିପଦର, ଡୁମୁଲାପଦର ଗ୍ରାମାଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଅନେକ ପରିବାର ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ସେମାନଙ୍କ ଜୀବନଜୀବିକା ନିର୍ବାହ କରିଥାନ୍ତି। ସେମାନଙ୍କ ସାମାଜିକ, ସାଂସ୍କୃତିକ ଜୀବନ ପ୍ରବାହ ସହିତ ଲଘୁବନଜାତ ଦ୍ରବ୍ୟ ଅଙ୍ଗାଅଙ୍ଗୀ ଭାବରେ ଜଡିତ। ଏମାନେ ବର୍ଷର ୫/୬ମାସ ପର୍ଯ୍ୟନ୍ତ ଲଘୁ ବନଜାତ ଦ୍ରବ୍ୟ ଟୋଲ ସଂଗ୍ରହ କରିଥାନ୍ତି ଏବଂ ଏଥିପାଇଁ ସେମାନଙ୍କୁ ପ୍ରତିଦିନ ୧୦ରୁ ୧୨ ଘଣ୍ଟା କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ପ୍ରଚଣ୍ଡ ଖରାରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଟୋଲ ସଂଗ୍ରହ କରିବାକୁ ପଡ଼ିଥାଏ। ସେମାନଙ୍କ ବାର୍ଷିକ ଆୟରୁ ଶତକଡା ୪୦ରୁ ୫୦ଭାଗ ଆୟ ଏଥିରୁ ହିଁ ଆସିଥାଏ। ଏହି ଅଞ୍ଚଳର ପ୍ରାୟ ୭୫ଭାଗ ଲୋକ ଟୋଲ ସଂଗ୍ରହ କରୁଛନ୍ତି। ଟୋଲ ଭଳି ହରିଡ଼ା, ବାହାଡ଼ା, କୁସୁମ, ତେନ୍ତୁଳି ମଞ୍ଜି, ଆମ୍ବ ଟାକୁଆ ଆଦି ୬୮ ପ୍ରକାର ଲଘୁବନଜାତ ଦ୍ରବ୍ୟ ଜନଜାତି ସମ୍ପ୍ରଦାୟର ଲୋକେ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ତେବେ ଦୁଃଖର ବିଷୟ ଯେ ଲଘୁବନଜାତ ଦ୍ରବ୍ୟ, ପ୍ରକ୍ରିୟାକରଣ ଓ ବ୍ୟବସାୟ ନୀତି ପ୍ରଣୟନରେ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସଂଗ୍ରହକାରୀ ମାନେ ଦଲାଲ ଓ ବେପାରି ମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ସମ୍ପ୍ରତି ଟୋଲ ସଂଗ୍ରହ ପ୍ରକ୍ରିୟା ଜୋର୍‌ସୋରରେ ଚାଲିଥିବା ବେଳେ ସଂଗ୍ରହକାରୀ ମାନଙ୍କଠାରୁ ବେପାରି ଓ ଦଲାଲ ମାନେ ନିଜର ମନଇଚ୍ଛା ଦରରେ ଟୋଲ କିଣି ନେଉଛନ୍ତି।

ପଡୋଶୀ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ଟୋଲତେଲକୁ ଡିଜେଲର ବିକଳ୍ପ ରୂପେ ବ୍ୟବହାର କରୁଥିବାର ଜଣାପଡ଼ିଛି। ଓଡ଼ିଶା ସରକାର ନୀତି ପ୍ରଣୟନ କରି ଧାନ ସଂଗ୍ରହ ଭଳି ନିୟନ୍ତ୍ରିତ ମାର୍କେଟ କମିଟି ଜରିଆରେ ମାର୍କେଟୟାର୍ଡ ମାନଙ୍କରେ ଟୋଲ ଓ ଅନ୍ୟ ଲଘୁବନଜାତ ଦ୍ରବ୍ୟ କିଣାବିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଗତ ବର୍ଷ ଟୋଲ କେଜି ପ୍ରତି ୫୦ରୁ ୬୦ ଟଙ୍କାରେ ବାଧ ହୋଇ ବିକ୍ରି କରିଥିଲୁ ବୋଲି ନୂଆଗଡ଼ ଗ୍ରାମର ସୁମୀ ମାଝୀଙ୍କ ସହ ସଂଗ୍ରହକାରୀ ଲକ୍ଷ୍ମୀ ଶବର, ହରାବତୀ ଶବର କହିବା ସହ ପରିଶ୍ରମ ତୁଳନାରେ ଉପଯୁକ୍ତ ମୂଲ୍ୟ ମିଳୁ ନାହିଁ ବୋଲି କହିଥିଲେ। ଟୋଲ କେଜି ପ୍ରତି ୯୦ ରୁ ୧ଶହ ଟଙ୍କା ହେବା ଉଚିତ୍ ବୋଲି ସଂଗ୍ରହକାରୀ ଧନଞ୍ଜୟ ଶବର କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ୨୦୦୦ ମସିହା ମାର୍ଚ୍ଚ ୩୧ ତାରିଖ ଦିନ ପୂର୍ବତନ ରାଜ୍ୟ ସରକାର ଏକ ଆଦେଶନାମା ଜାରିକରି ଟୋଲ ଫଳ ସମେତ ୬୮ଟି ଲଘୁବନଜାତ ଦ୍ରବ୍ୟର କ୍ରୟବିକ୍ରୟ ଓ ନିୟନ୍ତ୍ରଣ ତଥା ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ପଞ୍ଚାୟତ ସମିତି ଉପରେ ନ୍ୟସ୍ତ କରିଛନ୍ତି। ନିୟମ ଅନୁଯାୟୀ ପ୍ରତିବର୍ଷ ସେପ୍ଟେମ୍ବର ମାସରେ ପଞ୍ଚାୟତ ସମିତିର ବୈଠକ ବସି ଲଘୁବନଜାତ ଦ୍ରବ୍ୟ ଗୁଡିକର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଅଫିସର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ମୂଲ୍ୟ ତାଲିକା ଲେଖାଯିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ନିୟମ କେବଳ କାଗଜକଲମରେ ହିଁ ଅଟକି ଯାଇଛି। ଯଦ୍ୱାରା ଅସାଧୁ ବ୍ୟବସାୟୀ ଏବଂ ଦଲାଲ ମାନେ ବେଧଡକରେ କମ୍ ମୂଲ୍ୟରେ ଟୋଲ କିଣି ନେଉଛନ୍ତି। ଏସବୁ କାରବାର ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ଜ୍ଞାତସାରରେ ଚାଲିଥିଲେ ମଧ୍ୟ ସେମାନେ ଜାଣି ନଜାଣିଲା ଭଳି ହାତବାନ୍ଧି ବସିଥିବାରୁ ସଂଗ୍ରହକାରୀମାନେ ଶୋଷଣର ଶିକାର ହେବାକୁ ବାଧ୍ୟ ହେଉଛନ୍ତି ବୋଲି ଆଦିବାସୀ ନେତା ତ୍ରିପତି ଗମାଙ୍ଗ କହିଛନ୍ତି। ଯଦି ପଞ୍ଚାୟତ ସମିତି କର୍ତ୍ତୃପକ୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରି ନ ଥିବେ ତା’ହେଲେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ବୈଠକ ଡାକି ମୂଲ୍ୟ ନିର୍ଦ୍ଧାରଣ କରି ପାରିବେ। କିନ୍ତୁ ଏହି ନିର୍ଦ୍ଦେଶ ମଧ୍ୟ ନାଳିଫିତାରେ ବନ୍ଧା ପଡ଼ିଛି। ରାଜ୍ୟ ସରକାର ଏଦିଗରେ ଦୃଷ୍ଟି ଦେଇ ଟୋଲ ତଥା ଅନ୍ୟ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ନୀତିର ଉପଯୁକ୍ତ ସଂଶୋଧନ କରିବା ସହିତ ପ୍ରକ୍ରିୟାକରଣ ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି ହେଉଛି।

## କୋରୁକୋଣ୍ଡାରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ




କୋରୁକୋଣ୍ଡା, ୨୧।୬(ସମିସ):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ ଆଜି ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ୍ ଅଚାନକ ଚଢ଼ଉ କରିଥିଲା। ୨ଦିନ ପୂର୍ବେ ଏକ୍ସପାଇରି କୋଲଡ୍ରିଂକ୍ସ ମାର୍କେଟରେ ବିକ୍ରି ହେଉଥିବା ନେଇ ଖବର ପ୍ରସାରଣ ପରେ ଆଜି ତତ୍ପରତା ଦେଖାଇଛି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ। ଆଜି ଏକ ଟିମ ମାଲକାନଗିରି ସଦର ଥାନା (କୋରୁକୋଣ୍ଡା)ର ସହଯୋଗରେ କୋରୁକୋଣ୍ଡା ସଦରରେ ରହିଥିବା ପ୍ରାୟ ୧୫ରୁ ଅଧିକ ଛୋଟ ବଡ଼ ଦୋକାନ ଗୁଡ଼ିକରେ ଚଢ଼ଉ କରିଥିଲା। ସମସ୍ତ ଦୋକାନରୁ ପ୍ରାୟ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କିଛି ଦୋକାନ ଗୁଡ଼ିକରେ ଏକ୍ସପାଇରି କୋଲଡ୍ରିଂକ୍ସ ବିକ୍ରି ହେଉଥିବା ବେଳେ ସେଗୁଡିକୁ ବାହାରକୁ କାଢି ସମ୍ପୂର୍ଣ ନଷ୍ଟ କରାଯାଇଥିବା ବେଳେ ଫାଷ୍ଟଫୁଡ୍ ଦୋକାନ ଗୁଡ଼ିକର ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଏଥିସହ ଗୋଟିଏ ଫାଷ୍ଟ ଫୁଡ୍ ଦୋକାନ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ ସିଲ କରାଯାଇଥିଲା। ତେବେ ବାରମ୍ବାର କୋରୁକୋଣ୍ଡା ସଦରରେ ଏପରି ନିମ୍ନ ମାନର ଖାଦ୍ୟ ବିକ୍ରି ସହ ଏକ୍ସପାଇରି ସାମଗ୍ରୀ ବିକ୍ରି ନେଇ ଅଭିଯୋଗ ହେଉଥିବା ବେଳେ ଆଜି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଏପରି ଅଚାନକ ଚଢ଼ାଉ କୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଆଜିର ଏହି ଚଢ଼ାଉ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ପ୍ରଭାଷ କୁମାର ସେଠୀଙ୍କ ସମେତ କୋରୁକୋଣ୍ଡା ପୁଲିସ ଏହି ଚଢ଼ଉରେ ସାମିଲ ଥିଲେ।

## ଲଙ୍ଗଳପାଖନା ଘାଟିରେ ପୁଣି ଦୁର୍ଘଟଣା
## ଓଲଟିଲା ମକାମଞ୍ଜି ବୋଝେଇ ଟ୍ରକ୍



ବୈପାରିଗୁଡ଼ା, ୨୧।୬(ସମିସ): ବୈପାରିଗୁଡା ଥାନା ଅନ୍ତର୍ଗତ ଲଙ୍ଗଳପାଖନା ଘାଟିରେ ପୁଣି ଏକ ଟ୍ରକ୍ ଦୁର୍ଘଟଣା। ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ସକାଳ ଏକ ମକାମଞ୍ଜି ବୋଝେଇ ଟ୍ରକ ନବରଙ୍ଗପୁର ଠାରୁ ଆନ୍ଧ୍ର ପ୍ରଦେଶ ଅଭିମୁଖେ ଯାଉଥିଲା। ତେବେ ରାଞ୍ଚି - ବିଜୟୱାଡା ୩୨୬ ନମ୍ବର ଜାତୀୟରାଜପଥର ଲଙ୍ଗଳପାଖନା ଘାଟିରେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ଟ୍ରକ୍। ଖବର ପାଇ ବୈପାରିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅତି ଗୁରୁତର ଯୋଗୁଁ ତାଙ୍କୁ ଜୟପୁର ମେଡିକାଲୁ ସ୍ଥାନାନ୍ତରିତ କରାଯାଇଛି। ଏ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବୈପାରୀଗୁଡା ପୁଲିସ ସୂଚନା ଦେଇଛି।

## ଚଢ଼ାଦରରେ ମଦ ବିକ୍ରିକୁ ନେଇ ଉତ୍ତେଜନା

ମାଥିଲି, ୨୧।୬(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମହୁକୁମା ବିଦେଶୀ ମଦ ଦକାନ ସମ୍ମୁଖରେ ଚଢ଼ା ଦରରେ ମଦ ବିକ୍ରିକୁ ନେଇ ସ୍ଥାନୀୟ ଲୋକଙ୍କ ଓ ବିଦେଶୀ ମଦ ଦୋକାନ କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ଓ ଏହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ବିଦେଶୀ ମଦ ଦୋକାନର କର୍ମଚାରୀମାନେ ଦୁଇ ପିଲା ଶିବ ଭୂମିଆ ଓ ଶ୍ୟାମ ଭୂମିଆଙ୍କୁ ରୁମ୍ ଭିତରେ ପଶାଇ ନିର୍ଘୁମ ପିଟୁଥିବା ବେଳେ କିଛି ଲୋକେ ଦେଖି ସେମାନଙ୍କ ପରିବାରକୁ ଖବର ଦେଇଥିଲେ। ହଠାତ୍ ସାହି ପିଲାମାନେ ପହଞ୍ଚିଥିଲେ। ସେତିକି ଭିତରେ ଦୁଇ ପିଲାଙ୍କ ହାତ, ଗୋଡ଼ ଓ ମୁଣ୍ଡରେ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ତେଣୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଉତ୍ତେଜନା ପ୍ରକାଶ ପାଇଥିଲା। ସେତିକି ବେଳେ ପୁଲିସ୍ ଏସ୍‌ଆଇ ପ୍ରଦୀପ କୁମାର ନାୟକ ପହଞ୍ଚି ବୁଝାସୁଝା କରିଥିଲେ। ଦିନକୁ ଦିନ ଲୋକେ ମଦପିଇ ଅକାଳରେ ଜୀବନ ହରାଉଛନ୍ତି। କିଏ ଭେଣ୍ଡିଆ ପୁଅକୁ ହରାଉଛି ତ କିଏ ନିଜ ସ୍ୱାମୀକୁ ହରାଇଛି। ମଦ ବିକ୍ରିକୁ ବିରୋଧ କଲେ ମାଡ଼ ଖାଉଛନ୍ତି। ଏନେଇ ଅବକାରୀ ବିଭାଗ ସବୁଜାଣି ଚୁପ୍ ବସିଛନ୍ତି। ଲୋକଙ୍କ ଠାରୁ ଚଢ଼ା ଦରରେ ମଦ ବିକିବା ପାଇଁ ଅବକାରୀ ବିଭାଗ ଓ ବିଦେଶୀ ମଦଦୋକାନ ମାଲିକ ମଧ୍ୟରେ ମଧୁଚନ୍ଦ୍ରିକା ଚାଲୁଥିବା ଅଞ୍ଚଳ ରେ ଚର୍ଚ୍ଚା ଜୋର୍ ଧରିଛି।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ
# ‘ବ୍ୟସ୍ତବହୁଳ ଜୀବନରେ ସୁସ୍ଥ ରହିବାକୁ ଯୋଗ ଜରୁରି’












### ରାୟଗଡ଼ା ଜିଲ୍ଲା

**ରାୟଗଡ଼ା, ୨୧।୬(ସମିସ):** ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ପାଳିତ ହୋଇଯାଇଛି। ବିକାଶ ମେଳା ମଞ୍ଚଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ନିହାର ରଞ୍ଜନ କହଁର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ରାୟଗଡ଼ା ବିଡ଼ିଓ ସୁଜିତ କୁମାର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହାକ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧକ୍ଷନ, ଓରମାସ ଡେପୁଟି ନିର୍ଦ୍ଦେଶକ ମନୋଜ କୁମାର ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସ୍ୱର୍ଣଲତା ରାଉତ, ପୌରନିର୍ବାହୀ ଅଧିକାରୀ କୁଲଦୀପ କୁମାର, ପିଏମ ଫାଇନାନ୍ସ ରଶ୍ମୀକାନ୍ତ ପରିଡ଼ା, ଏପିଡି ପ୍ରଭାତ ଲେଙ୍କାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ, ମହିଳା ମହାବିଦ୍ୟାଳୟ, ରାୟଗଡ଼ା ମହାବିଦ୍ୟାଳୟ, ଜିସିଡ଼ି ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଆଦିର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ। ଏଠାରେ ଯୋଗ ଗୁରୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଶିଖାଇଥିଲେ। ନିୟମିତ ଯୋଗ ଦ୍ୱାରା ସ୍ୱାସ୍ଥ୍ୟ ଭଲ ରୁହେ। ଆଜିର ବ୍ୟସ୍ତ ବହୁଳ ଜୀବନରେ ଜଣେ ସୁସ୍ଥ ରହିବାକୁ ହେଲେ ଯୋଗ କରିବା ଜରୁରୀ ବୋଲି ମୁଖ୍ୟ ଅତିଥି ଶ୍ରୀ ନାୟକ ମତ ପ୍ରକାଶ କରିଛନ୍ତି।

### ମୁନିଗୁଡ଼ା ଓ ଆମ୍ବଦଳା

**ମୁନିଗୁଡା:** ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହେଉଥିବା ବେଳେ ଅମ୍ବାଦଳାରେ ମଧ ଯୋଗ ଦିବସ ପାଳିତ ହୋଇଯାଇଛି। ଅମ୍ବାଦଳା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ସାମନ୍ତ ମହାବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ମିଳିତ ଭାବେ ଯୋଗ କରିଥିଲେ। ଅମ୍ବାଦଳା ଯୋଗ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ତ୍ରିନାଥ ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଶିକ୍ଷକ ଭାବେ ସରୋଜ ପଟ୍ଟନାୟକ ଓ ସହଯୋଗୀ ଶିକ୍ଷକ ଭାବେ ବିନୟ ପଣ୍ଡା ଯୋଗ ଦେଇଥିବା ବେଳେ ଧୀରେନ୍ଦ୍ର ପାଣିଗ୍ରାହୀ, ରାଜୁ ସିଂ, ରାଜା ଆଚାରୀ, ମୁନେସ ସାହୁ, ଯଦୁମଣି ଗୌଡ଼, ପରମେଶ୍ୱର ରାଓଙ୍କ ସମେତ ଗ୍ରାମର ସମସ୍ତ ବର୍ଗ ଓ ଯୁବ ପିଢ଼ି ଏବଂ ପୁଲିସ କର୍ମଚାରୀ ମାନେ ମିଳିତ ଭାବେ ଯୋଗଭ୍ୟାସ କରିଥିଲେ। ଅମ୍ବାଦଳା ବିଜେପି ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବିଜେପି ନେତା ଭିକାରୀ ନାହାକ, ରବୀନ୍ଦ୍ର ବିଶ୍ୱାଳ, ସୁରଜ ସୁନା, ଡମ୍ବୁର ହଂସ, ସୀମାଞ୍ଚଳ ପାତ୍ର, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ନରତମ ସୁନା ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

### ଆଇନସେବା ପ୍ରାଧିକରଣ

**ରାୟଗଡ଼ା:** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାୟଗଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଏବଂ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶନିବାର ରାୟଗଡ଼ା ସିଭିଲ କୋର୍ଟ୍ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ପୋକ୍ସ) ଶ୍ୱେତା ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ନା ମହାପାତ୍ର, ମହିଳା କୋର୍ଟର ବିଚାରପତି ଶ୍ରୀମତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ରାଣା ଘୋସ, ଉପଖଣ୍ଡୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବର୍ଷା ଦାସ, ରାୟଗଡ଼ା ବାର ଆସୋସିଏସନର ସମସ୍ତ ଆଇନଜୀବୀ, ରାୟଗଡ଼ା ଜିଲ୍ଲା ଅଦାଲତର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାୟଗଡ଼ା ଜିଲ୍ଲାର ସେଞ୍ଚୁରୀଆନ ପବ୍ଲିକ ସ୍କୁଲ, ରାୟଗଡ଼ା ଉପକାରାଗାର ଓ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହ, ରାୟଗଡ଼ା ପରିସରରେ ଯୋଗ ଦିବସ ପାଳିତ ହୋଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ମଧ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

### ରାୟଗଡ଼ା ମିଟ୍ସ

**ରାୟଗଡ଼ା:** ରାୟଗଡ଼ାର ମଝିଘରିଆଣି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ) କ୍ୟାମ୍ପସରେ ‘ଏକ ପୃଥିବୀ-ଏକ ସ୍ୱାସ୍ଥ୍ୟ’ ବିଷୟ ବସ୍ତୁ ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀମାନେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ଯୋଗ ପ୍ରୋଟୋକଲ୍ ଅନୁସାରେ ଯୋଗ ଅଭ୍ୟାସ କରିବା ପାଇଁ ଏକାଠି ହୋଇଥିଲେ। ମିଟ୍ସ ଗ୍ରୁପ୍ ଅଧୀନରେ ଥିବା ସମସ୍ତ ଅନୁଷ୍ଠାନ ଏଥିରେ ଭାଗ ନେଇଥିଲେ। ସକାଳ ଅଧିବେଶନ ସାମୂହିକ ପ୍ରାର୍ଥନା ସହିତ ଆରମ୍ଭ ହୋଇଥିଲା, ତା’ପରେ ଁ ଯୋଗ ଆସନ, ପ୍ରାଣାୟମ ଏବଂ ଧ୍ୟାନ କୌଶଳର ଏକ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା। ମିଟ୍ସ ରାୟଗଡ଼ାର ନିର୍ଦ୍ଦେଶକ ଡକ୍ଟର ସି.ଭି. ଗୋପୀନାଥ ଏବଂ ପ୍ରଫେସର ରାମାନୁଜ ନାୟକ, ଅଧ୍ୟକ୍ଷ, ବିଭାଗ ମୁଖ୍ୟ ଏବଂ ଅଧ୍ୟାପକମାନଙ୍କ ସହିତ ଅଧିବେଶନର ନେତୃତ୍ୱ ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସ୍ଥାପନ କରିଥିଲେ। ଏଥିରେ ସୁଶାନ୍ତ ପଣ୍ଡା, ଛାତ୍ରାବାସ ପରିଚାଳକ ଏବଂ ଜଣେ ତାଲିମପ୍ରାପ୍ତ ଦକ୍ଷତାର ସହିତ ମାର୍ଗଦର୍ଶନ କରିଥିଲେ। ମିଟ୍ସ ରାୟଗଡ଼ାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଏହାର ଶିକ୍ଷା ସମ୍ପ୍ରଦାୟ ମଧ୍ୟରେ ସୁସ୍ଥତା, ଏକତା ଏବଂ ଚେତନା ବୃଦ୍ଧି କରିବା ଦିଗରେ ଆଉ ଏକ ପଦକ୍ଷେପ ବୋଲି କୁହାଯାଇଛି।

### ଓଡ଼ିଶା ବାଳିକା ଏନ୍‌ସିସି ବାଟାଲିୟନ

**ରାୟଗଡ଼ା:** କମାଣ୍ଡିଂ ଅଫିସର କର୍ଣ୍ଣେଲ ରାକେଶ ବର୍ଥାୱାଲ୍‌ଙ୍କ ତତ୍ତ୍ୱାବଧାନରେ ୨ୟ ଓଡ଼ିଶା ବାଳିକା ଏନ୍‌ସିସି ବାଟାଲିୟନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଯାଇଛି। ଏଥିରେ ଯୋଗଗୁରୁ ରାଜେଶ ଆଚାର୍ଯ୍ୟ, ରାହୁଲ ସେନାପତି, କୈଳାଶ ପାଣିଗ୍ରାହୀ, ରବୀନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ। ବାଟାଲିୟନ ତରଫରୁ ସୁବେଦର୍ ମେଜର ରମନନ୍ଦ୍, ଏନ୍.ବେହେରା, ଜସ୍ୱିର୍ ଶିଙ୍ଗ, କ୍ରିସନ ଲାଲ୍, ଏନସିସି ଅଫିସର କ୍ୟାପଟେନ୍ ରୀତା ରାଣୀ ମିଶ୍ର, ପ୍ରମିଳା ମହାପାତ୍ର, ସିଟି ଓ ଇନ୍ଦୁମତି, ବନିତା, ସୁଜାତା ଉପସ୍ଥିତ ଥିଲେ। ଜିସିଆଇ ପ୍ରତିମା ମିଞ୍ଜ, ମିସ୍ ସୁନୀତା, ଡକ୍ଟର ରସା କୁମାରୀ ପଣ୍ଡା, ଚିନ୍ମୟୀ ପାଣିଗ୍ରାହୀ ଏବଂ ଦୁଇ ଶହରୁ ଅଧିକା କ୍ୟାଡେଟ୍ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ଏକ ଟ୍ରେକିଙ୍ଗ କାର୍ଯ୍ୟକ୍ରମ ର ମହିଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ନୃସିଂହ ବେହେରା ଓ ଏନ୍‌ଏସ୍‌ଏସପିଓ ରଘୁନାଥ ଭୁଇ ଉପସ୍ଥିତ ଥିଲେ।

### ବେଦାନ୍ତ ଆଲୁମିନା ପ୍ରକଳ୍ପ

**ମୁନିଗୁଡା:** ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ସୀମାନ୍ତ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ପ୍ରକଳ୍ପ ପରିସରରେ ଆଇପିଆରସିଏଲ, ବେଦାନ୍ତ ଏବଂ ଟିଟିଆଇପିଏଲ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଚାରା ରୋପଣ କରାଯାଇଛି। ବେଦାନ୍ତ ଆଲୁମିନା ପ୍ରକଳ୍ପ ଏଏମ ଅମିତ କୁମାରଙ୍କ ସହ ସେମାନଙ୍କ ସମସ୍ତ କର୍ମଚାରୀ, ଆଇପିଆରସିଏଲର ଆରସିଏମ ବିଜୟ କୁମାର ଓ ତାଙ୍କ ଟିମ, ଟିଟିଆଇପିଏଲ କମ୍ପାନୀର ଡିଜିଏମଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବା ସହ ଲାଞ୍ଜିଗଡ଼ ସାଇଟ୍ ବେଦାନ୍ତ ଆଲୁମିନା ପ୍ରକଳ୍ପ ପରିସରରେ ଚାରା ରୋପଣ କରିଥିଲେ।

### ଅଙ୍କୁର ଫାଉଣ୍ଡେସନ

**ରାୟଗଡ଼ା:** ଅଙ୍କୁର ଫାଉଣ୍ଡେସନ ତରଫରୁ ପୋଷ୍ୟ ଗ୍ରାମ ଆଡ଼ପଡିଗୁଡା ଓ ନୁଆଁକୁଶ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥଲେ। ଅଙ୍କୁର ଫାଉଣ୍ଡେସନର ସଭ୍ୟ ଶିବ ପ୍ରସାଦ ମିଶ୍ର ଓ ରାଜେନ୍ଦ୍ର ଦ୍ୱିବେଦୀ ଯୋଗର ଉପକାରିତା ବିଷୟରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ମନ୍ମଥ କାଦ୍ରାକ ଓ ତ୍ରିନାଥ ଟୋଇକା ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ ଯୋଗ ଶିଖାଇଥିଲେ। ଓଡ଼ିଆ ଭାଷା, ସଂସ୍କୃତି ଓ ପର୍ବପର୍ବାଣୀ ପାଳନ ସହ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ଶରୀରର ସୁରକ୍ଷା ପାଇଁ ଯୋଗର ଆବଶ୍ୟକତା ରହିଛି ଓ ଏହାର ପ୍ରଚାର ଓ ପ୍ରସାର ପାଇଁ ଅଙ୍କୁର ଫାଉଣ୍ଡେସନ ପ୍ରୟାସ ଜାରି ରଖିଛି ବୋଲି ମ୍ୟାନେଜିଙ୍ଗ ଡାଇରେକ୍ଟର ଶ୍ରୀମତୀ ଚିନ୍ମୟୀ ପଣ୍ଡା ପ୍ରକାଶ କରିଛନ୍ତି।

### ୱାର୍କର୍ସ କ୍ଲବ୍

ରାୟଗଡ଼ା: ୱାକର୍ସ କ୍ଲବ୍ ରାୟଗଡ଼ା ଆନୁକୂଲ୍ୟରେ କ୍ଲବର ଉପଦେଷ୍ଟା ସତ୍ୟବାଦୀ ପତି ଏବଂ ବରିଷ୍ଠ ସଭ୍ୟ ଅଭିମନ୍ୟୁ ନାୟକ ଓ ରମେଶ ଗୁଲାନୀଙ୍କ ଉପସ୍ଥିରେ ସଭାପତି ଦାଶରଥି ରାଜଗୁରୁଙ୍କ ଅଧ୍ୟକ୍ଷତାରେ ୱାକର୍ସ କ୍ଲବ୍ ନିକଟସ୍ଥ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ଟି ଜୟରାମ ବିଭିନ୍ନ ପ୍ରକାର ଯୋଗ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ କୁନ୍ଦନ କୁମାର ସିହ୍ନା ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ରାୟଗଡ଼ାର ମହିଳା ୱାକର୍ସ କ୍ଲବ୍, ଫ୍ରେଣ୍ଡସ ୱାକର୍ସ କ୍ଲବ୍, ଜି ସି ଡ଼ି ୱାକର୍ସ କ୍ଲବ୍, ସାଇପ୍ରିୟା ୱାକର୍ସ କ୍ଲବ୍, ଯୁବ ୱାକର୍ସ କ୍ଲବ୍, ଲାଫ୍ଟର୍ସ କ୍ଲବ୍, ବରିଷ୍ଠ ନାଗରିକ କଲ୍ୟାଣ ସଙ୍ଘ, ଶିଶୁ ମନ୍ଦିର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହରର ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶିବିରରେ ଯୋଗା ଗୁରୁ ଟି ଜୟରାମ ଓ ଆର୍ତ୍ତତ୍ରାଣ ମହାନ୍ତିଙ୍କୁ ଏ ଅବସରରେ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ସଭ୍ୟ ଡଃ ଡି କେ ମହାନ୍ତି ସ୍ୱାଗତ ଓ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋପାଳ ଜୈନ, ଡାଲି ରାଜୁ ବାସିନା, ପ୍ରତାପ ଚନ୍ଦ୍ର ବାଉରୀ, ଜଳନ୍ଧର ପୁସିକା, ଶଙ୍କର୍ଷଣ ମଙ୍ଗରାଜ, ଲାଲ ବିହାରୀ ଲେଙ୍କା, ହରିଶ୍ଚନ୍ଦ୍ର ସବର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀଉଗ୍ରତାରା ବିଦ୍ୟାଳୟ

**ଜେକେପୁର:** ରାୟଗଡ଼ା ଜିଲ୍ଲା କୁମତାଲପେଟା ସ୍ଥିତ ଶ୍ରୀ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ଅଧ୍ୟକ୍ଷ ନିତ୍ୟାନନ୍ଦ ଦାସ ସଭାପତିତ୍ୱ କରି ଯୋଗର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ମୁଖ୍ୟ ଅତିଥି ତଥା ଆର୍ଟ ଅଫ ଲିଭିଙ୍ଗର ଯୋଗ ଗୁରୁ ବି. ଜୟକିଷ୍ଟ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଯୋଗ ବିଷୟରେ ବର୍ଣ୍ଣନା କରିବା ସହିତ ଯୋଗ ଶିକ୍ଷା ଦେଇଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇ ଯୋଗ ଅଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଡଃ. ଭବାନୀଶଙ୍କର ଦାଶ ପରିଚାଳନା କରିଥିଲେ। ଆନନ୍ଦ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱୟଂଶାସିତ ମହାବିଦ୍ୟାଳୟ

**ରାୟଗଡ଼ା:** ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଯୋଗ ପ୍ରଶିକ୍ଷିକା ଡ. ସରସ୍ୱତୀ ରାୟ ଯୋଗର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ହରିତ୍ ଯୋଗ ପର୍ଯ୍ୟାୟରେ ରାୟଗଡ଼ା ସହକାରୀ ଜଙ୍ଗଲ ସଂରକ୍ଷଣକାରୀ ସତୀଶ କୁମାର ଧାଡୁଆଙ୍କ ସହାୟତାରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଯୋଗ କ୍ଲବ୍, ଏନ୍‌ସିସି, ଏନ୍‌ଏସ୍‌ଏସ, ଓ ରେଡ୍‌କ୍ରସ୍ ଦ୍ୱାରା ସଫଳତାର ସହ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପି.ଅରୁଣ କୁମାର, ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, ଏମ ଶ୍ରୀନିବାସ ଆଚାରି, ସୁବ୍ରତ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଭବେସ ମହାନ୍ତି, ମୋନାଲିସା ପାଣିଗ୍ରାହୀ ଓ ତୃପ୍ତିମୟୀ ଭୋଇ ସହଯୋଗ କରିଥିଲେ।”

### ସେୱା ପେପର ମିଲ୍ କର୍ମଚାରୀଙ୍କୁ ବକେୟା ପ୍ରଦାନ ଦାବି

# ଜିଲ୍ଲାପାଳଙ୍କୁ ଭେଟିଲେ ଦୁଇ କର୍ମଚାରୀ ସଂଘ

ଜୟପୁର/କୋରାପୁଟ, ୨୧।୬(ସମିସ)



କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଗାଗନାପୁରସ୍ଥିତ ସେୱା ପେପର ମିଲର ଉତ୍ପାଦନ ଗତ ୧୧ ମାସ ହେଲାଣି ବନ୍ଦ ରହିଛି। ତେଣୁ ଏହାକୁ ତୁରନ୍ତ ଉତ୍ପାଦନକ୍ଷମ କରିବା ସହ କର୍ମଚାରୀ ମାନଙ୍କ ବକୟା ରହିଥିବା ଗତ ୧୦ ମାସର ଦରମା ପ୍ରଦାନ ନେଇ ଏକ ଦାବିପତ୍ର କୋରାପୁଟ ଠାରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ବିଲ୍ଟ ସେୱା ପେପର ମିଲ କର୍ମଚାରୀ ସଂଘ (ପ୍ରଥମ ସଂଘ) ଏବଂ ବାଲାରପୁର ଇଣ୍ଡଷ୍ଟ୍ରୀ ଏମ୍ପ୍ଲୋଇଜ ୟୁନିୟନ (୨ୟ ସଂଘ)ର କର୍ମକର୍ତ୍ତା ଏବଂ କର୍ମଚାରୀ ମାନେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ କୋରାପୁଟଠାରେ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କୁ ସାକ୍ଷାତ କରିବା ସହ ତୁରନ୍ତ ପେପରମିଲକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। କିନ୍ତୁ କାର୍ଯ୍ୟକ୍ଷମ ପୂର୍ବରୁ ପେପରମିଲ କର୍ମଚାରୀ ମାନେ ଗତ ୧୦ ମାସର ଦରମା ଏବଂ ଅନ୍ୟାନ୍ୟ ଭତ୍ତା ତୁରନ୍ତ ପ୍ରଦାନ କରିବା ନେଇ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେ ଗ୍ରହଣ କରିବାକୁ ଦାବି କରାଯାଇଛି।

ଗତ ୨୦୧୭ ମସିହା ଠାରୁ ୨୦୨୦ ମସିହା ପର୍ଯ୍ୟନ୍ତ ପେପର ମିଲ ପକ୍ଷରୁ ପ୍ରାୟ ୧୭ ମାସର ଦରମ କର୍ମଚାରୀଙ୍କୁ ପ୍ରଦାନ କରାଯାଇନାହିଁ। ସେହିପରି ଗତ ୨୦୨୪ ଜୁଲାଇ ମାସରୁ ଉତ୍ପାଦନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲେ ସୁଦ୍ଧା କର୍ମଚାରୀ ମାନେ ପ୍ରତ୍ୟେକ ଦିନ କାରଖାନାକୁ ଯାଇ ଏହାର ରକ୍ଷଣାବେକ୍ଷଣ କରୁଛନ୍ତି। କିନ୍ତୁ ଗତ ଅଗଷ୍ଟ ମାସରୁ ଆଜି ପର୍ଯ୍ୟନ୍ତ ୧୦ ମାସର ଦରମା ପ୍ରଦାନ କରାଯାଇନାହିଁ। ଚଳିତ ମାସରେ ଅର୍ଥ ଲଗାଣକାରୀ ସଂସ୍ଥା ଜୟପୁର କାଗଜକଳ ପରିଦର୍ଶନ କରିବା ସହ ଅର୍ଥଲଗାଣ ନେଇ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଛି। ତେଣୁ ପେପରମିଲ କାର୍ଯ୍ୟକ୍ଷମକୁ ସ୍ୱାଗତ କରାଯାଉଛି। କିନ୍ତୁ ଏହା ପୂର୍ବରୁ ବକୟା ଦରମ ପ୍ରଦାନ କରିବାକୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିନେଇ ଜିଲ୍ଲାପାଳ ଶ୍ରୀ ଭାସନ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଏବଂ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ବେଳେ ପେପର ମିଲ ପରିଚାଳନା ନେଇ ରାଜ୍ୟ ମୁଖ୍ୟଶାସନ ସଚିବଙ୍କ ନେତୃତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ଏହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଉତ୍ପାଦନକ୍ଷମ ନେଇ ସମସ୍ତ ବ୍ୟବସ୍ଥା ଜାରି ରହିଛି। ତେଣୁ ସମସ୍ତଙ୍କ ସହଯୋଗରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ଏବଂ କର୍ମଚାରୀଙ୍କ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଦୁଇଟି ସଂଘର ସାଧାରଣ ସମ୍ପାଦକ ପ୍ରଦୀପ ପାଣ୍ଡିଆ, ସରୋଜ ସୁଆର, ବଂଶୀଧର ମହାକୁଡ ଏବଂ ଅନ୍ୟାନ୍ୟ ସଂଘ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ, ଆଇସିଡିଏସ୍ ବିଭାଗର ମିଳିତ ସମୀକ୍ଷା କଲେ ଜିଲ୍ଲାପାଳ



କୋରାପୁଟ, ୨୧।୬ (ସମିସ): ସ୍ଥାନୀୟ ଡିଏନ୍‌କେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ୱାସ୍ଥ୍ୟ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗର ମିଳିତ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବୀନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟତଃ ଗ୍ରାମାଞ୍ଚଳ ଗୁଡିକରେ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ଏଏନ୍‌ଏମ କେନ୍ଦ୍ର ଗୁଡ଼ିକର ଭିତ୍ତିଭୂମି ବିକାଶ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଓ ଶୂନ୍ୟ ଶିଶୁ ମାତୃ ମୃତ୍ୟୁହାର କରିବା ଦିଗରେ ଗୁରୁତ୍ୱ ଦିଆ।ଇଛି। ଆସନ୍ତା ବର୍ଷା ଋତୁରେ ଗ୍ରାମାଞ୍ଚଳରେ ଯେଉଁଳି ପ୍ରତ୍ୟେକ ଔଷଧ ମହଜୁଦ ରଖି ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି ଓ ଆଶା ସମନ୍ୱୟ ରକ୍ଷା କରି କର୍ତ୍ତବ୍ୟ ପାଳନ କରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ନିଜ ପ୍ରଚେଷ୍ଟାରେ ଜିଲ୍ଲାରେ ଆରମ୍ଭ କରିଥିବା ଜନ୍ମଶ୍ରୀ ଯୋଜନା କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ଅନ୍ୟ ପକ୍ଷରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ଗୁରୁତ୍ୱ ଦେଇ ଜିଲ୍ଲାରେ ଆଉ କିଛି ଅଧିକ ମା' ଘର ସ୍ଥାପିତ କରି ଯୋଗାଯୋଗ ସମସ୍ୟା ଥିବା ଅଞ୍ଚଳର ଗର୍ଭବତୀ ମାନଙ୍କୁ ପ୍ରସବ ସମୟ ପୂର୍ବରୁ ରଖିବାକୁ ଗୁରୁତ୍ୱ ଦିଆଯାଇଛି। ସମୀକ୍ଷା ବୈଠକରେ ସମସ୍ତ ମେଡ଼ିକାଲ ଅଫିସର, ସିଡିପିଓ, ବିପିଏମ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ















ଜୟପୁର, ୨୧।୬(ସମିସ)

କୋରାପୁଟ ଜିଲ୍ଲା ଜୟପୁର ସହରରେ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏକାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆଜି ସକାଳ ୬ଟା ଠାରୁ ଜୟନଗରସ୍ଥିତ ଚିତ୍ତବିନୋଦନ ପାର୍କ ଠାରେ ପତଞ୍ଜଳି ଯୋଗ ସମିତିର ସହାୟତାରେ ଯୋଗାସନ ସହ ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜୟପୁର ବିଡିଓ ଶକ୍ତି ମହାପାତ୍ର, ପୌର ଉପାଧ୍ୟକ୍ଷା ବି. ସୁନିତା, କାଉନ୍‌ସିଲର, ସରକାରୀ, ପୌର କର୍ମଚାରୀ ଏବଂ ସାଧାରଣ ଜନତା ଉପସ୍ଥିତ ରହିବା ସହିତ 'ଯୋଗ' କରିଥିଲେ। ଏହିପରି କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବାହିନୀପତି, ଉପଜିଲ୍ଲାପାଳ କୁମାରୀ ରେଡ୍ଡି, ପୌରାଧ୍ୟକ୍ଷ ଶ୍ରୀ ମହାନ୍ତି ପ୍ରମୁଖ ଅତିଥି ମାନେ ଯୋଗ ଓ ବ୍ୟାୟମ କରିଥିବା ଶିବିରାର୍ଥୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପତଞ୍ଜଳି ଯୋଗ ସମିତ ପକ୍ଷରୁ ସ୍ଥାନୀୟ ବରିଷ୍ଠ ଯୋଗ ପ୍ରଶିକ୍ଷକ ଅମ୍ବିକା ପାଣିଗ୍ରାହୀ, ଜାନକୀ ପାଣିଗ୍ରାହୀ, ମଞ୍ଜୁଳା ପାତ୍ର, ଜ୍ୟୋତ୍ସ୍ନା ପଟ୍ଟନାୟକ ଏବଂ ବିନାୟକ ଜେନା ସମସ୍ତ ଉପସ୍ଥିତ ଶିବିରାର୍ଥୀଙ୍କୁ ଯୋଗାସନ ପ୍ରଶିକ୍ଷଣ ଦେଇଥିଲେ। କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିସରରେ ଅର୍ନ୍ତଜାତୀୟ ଯୋଗ ଦିବସର ଅବସରରେ ବ୍ୟାଙ୍କ ପରିଚାଳନା ସଭାପତି ଇଶ୍ୱର ପାଣିଗ୍ରାହୀ, ନିର୍ଦ୍ଦେଶକ ରମାକାନ୍ତ ରାଉଳ, ସମ୍ପାଦକ ଅତୁଲ୍ୟ ମଲ୍ଲିକ, ମନୋଜ ଦାଶ ପ୍ରମୁଖ ଉପସ୍ଥିତ ରହି ଯୋଗାସନ ସହ ଏହି ଦିବସ ପାଳନ କରିଥିଲେ। ପ୍ରଶିକ୍ଷକ ଭାବେ ସୁବ୍ରତ ପଣ୍ଡା ପ୍ରଶିକ୍ଷଣ ଏବଂ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ରଣ୍ଡାପାଲ୍ଲୀସ୍ଥିତ ଜୟପୁର କଲେଜ ଅଫ ଫାର୍ମାସୀ କଲେଜଠାରେ ମୁଖ୍ୟ ଅତିଥି ଭାବେ ଯୋଗ ଶିକ୍ଷକ ନୀଳକଣ୍ଠ ମାଝି ଯୋଗଦେଇ ଯୋଗାସନ ସହ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କଲେଜର ନିର୍ଦ୍ଦେଶିକା ଡଃ. ପ୍ରିୟମ୍ବଦା ଷଡଙ୍ଗୀ, ଅଧ୍ୟକ୍ଷ ଡଃ.ସତ୍ୟବ୍ରତ ଜେନାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଥିଲା। ସେହିପରି ସ୍ଥାନୀୟ ବିଭିନ ମହାବିଦ୍ୟାଳୟ, ମଡର୍ଣ୍ଣ ଇଂଲିଶ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଶାରଦା ବିହାର ଏବଂ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚନ୍ଦନବାଡ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି।

## କୋରାପୁଟ ଜିଲ୍ଲା

**କୋରାପୁଟ:** କୋରାପୁଟ ସଦର ମହକୁମା ସ୍ଥିତ ପୁଲିସ ପ୍ୟାରେଡ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଯୋଗଦେଇ ପ୍ରତ୍ୟେକ ଦିନ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଏସପି ରୋହିତ ବର୍ମା, ଆଇଏଏସ ପ୍ରୋବେସନେରୀ ସନ୍ତୋଷ କୁମାର ପାତ୍ର, କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ। କୋରାପୁଟ ସହରର କେନ୍ଦ୍ରୀୟ ବିଦ୍ୟାଳୟ, ଚନ୍ଦନ ପୋଖରୀ, ସରସ୍ୱତୀ ଶିଶୁ ମନ୍ଦିର, ଆଦର୍ଶ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଓଏସଏପି, ଟାଉନ୍ ହଲ ଓ ଜେଲ ଆଦି ସ୍ଥାନ ମାନଙ୍କରେ ଯୋଗ ଦିବସ ପାଳନ କରାଯାଇଛି। ଯୋଗ ଶିକ୍ଷକ ପ୍ରହଲ୍ଲାଦ ସାହୁ, ଦୁଷ୍ମନ୍ତ କୁମାର ପରିଡ଼ା, ସୁବାସ କୁମାର ସ୍ୱାଇଁ ଓ ବିଭୂ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନନ୍ଦପୁର କଲେଜ ଅଧ୍ୟାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ।

## ଏରୋନଟିକ୍‌ସ ଡିଏଭି ହାଇସ୍କୁଲ

**ସୁନାବେଡ଼ା:** ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଏରୋନଟିକ୍‌ସ ଡିଏଭି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ବସନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଅଭୟ ସାହୁ ଏବଂ କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ଯୋଗ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶାହେଦା ପରୱିନ, କବିତା ବିଶ୍ୱାଳ ଏବଂ ଶିକ୍ଷକ ସନ୍ଦୀପ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ନିଧି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍‌ଡୋର ଷ୍ଟାଡିୟମ

**ଉମରକୋଟ:** ଯୋଗ ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷ ର ଇନଡୋର ଷ୍ଟାଡିୟମ ଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ପ୍ରଦୀପ ଆରୟା ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ପୌର ଅଧ୍ୟକ୍ଷା ରାଧାଭତ୍ରା, କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ, ତହସିଲଦାର ମେଗବାନ ବାଘ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ଗୁରୁ କୃପା କଲେଜର ଛାତ୍ରଛାତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ, ବିଜୁପଟ୍ଟନାୟକ ଷ୍ଟାଡିୟମର ଛାତ୍ରଛାତ୍ରୀ, ଉମରକୋଟ ର ସଚେତନ ନାଗରିକ ଓ ପୌର କର୍ମଚାରୀ ମାନେ ଭାଗନେଇଥିଲେ।

## ଏକଲବ୍ୟ ବିଦ୍ୟାଳୟ

**ପଟ୍ଟାଙ୍ଗି:** କୁନ୍ଦୁଲି ପଞ୍ଚାୟତ ଅନ୍ତର୍ଗତ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଣବ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ପ୍ରଶିକ୍ଷକ ଆଚାର୍ଯ୍ୟ ସୁବ୍ରତ ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗାସନ, ପ୍ରାଣାୟାମ ଓ ବିଭିନ୍ନ ବ୍ୟାୟାମ ପ୍ରଦର୍ଶନ କରିଥିଲେ। ମାଆଙ୍କ ନାମରେ ଗଛ ଟିଏ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯିବା ସହ ଛାତ୍ରଛାତ୍ରୀ ମାନେ ନିକଟସ୍ଥ କନ୍ଧପୁଙ୍ଗାର ଗ୍ରାମରେ ଯୋଗ ସମ୍ପର୍କରେ ସଚେତନ କରିଥିଲେ। ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ପଣ୍ଡା ଓ ଅଙ୍ଗରାଜ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

## ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ପଟ୍ଟାଙ୍ଗି:** ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ ୨୦୨୫ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମକୃଷ୍ଣ ସାମଲଙ୍କ ଦ୍ୱାରା ଉକ୍ତ ଶିବିରକୁ ଉଦ୍‌ଘାଟନ କରାଯାଇଥିଲା। ପୂର୍ବତନ କ୍ରୀଡ଼ା ଶିକ୍ଷକ ସୁକାନ୍ତ କୁମାର ରାଉତରା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ଅନ୍ୟ କର୍ମଚାରୀ ମାନେ ଶିବିରରେ ଭାଗ ନେଇଥିଲେ। ଆୟୋଜକ ସଞ୍ଜୟ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଷାଗୁମୁଡ଼ା ବ୍ଲକ ଅଞ୍ଚଳ

**କୋଷାଗୁମୁଡା:** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ପରିସର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସ୍ଥାନୀୟ କୋଷାଗୁମୁଡା ହାଇସ୍କୁଲ ଠାରେ ପଞ୍ଚାୟତ ସମିତି, ଗୋଷ୍ଠୀ ଶିକ୍ଷା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ଥାନୀୟ ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟ ଗୁଡ଼ିକର ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ, ଭାଜପା କର୍ମୀ, ଯୁବବର୍ଗ, ଯୋଗ ଶିବିରର ମହିଳା ସଦସ୍ୟ, ଶିଶୁ ମନ୍ଦିରର ଶତାଧିକ ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା, ବିଦ୍ୟାଳୟ ପରିଚାଳନା କମିଟି ସହିତ ସମାଜସେବୀ, ସରକାରୀ କର୍ମଚାରୀଙ୍କ ସହ ବ୍ଲକ କର୍ମଚାରୀ ଅଂଶଗ୍ରହଣ କରି ଯୋଗ ଦିବସ ପାଳନ କରିଛନ୍ତି। ଶେଷରେ ତହସିଲଦାର ତୁଳାରାମ ମୁଦୁଲି, ବିଇଓ ସୁପ୍ରିୟା ନାୟକ, ଉର୍ମିଳା ମହାପାତ୍ର, ମମିତା ଦଳେଇ ପ୍ରମୁଖ ଯୋଗର ଆବଶ୍ୟକତା ଉପରେ କହିଥିଲେ। ଶେଷରେ ଉପସ୍ଥିତ ସଦସ୍ୟ ସଦସ୍ୟା ମାନଙ୍କୁ କଞ୍ଚା ମୁଗ, ବୁଟ, ଗୁଡ଼ ଓ ଫଳ ରସ ପିଇବାକୁ ଦେଇଥିଲେ।

## ଏରୋନଟିକ୍ସ ମହାବିଦ୍ୟାଳୟ

**ସୁନାବେଡ଼ା:** ହାଲ ସହରାଞ୍ଚ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଓ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡର ନିର୍ଦ୍ଦେଶ କ୍ରମେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ୟୁନିଟର ମିଳିତ ସହଯୋଗରେ ଯୋଗ ଦିବସକୁ ମହାବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ଅଧ୍ୟକ୍ଷା ଡ. ଅନସୂୟା ନନ୍ଦ ଯୋଗ ଦିବସ ସଭାକୁ ଉଦ୍‌ଘାଟନ କରିଥିଲେ। ଯୋଗଗୁରୁ ଚିନ୍ମୟୀ ପଣ୍ଡା ଓ ରୁଚିକା ମାଣିଆ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଆସନ ଓ ପ୍ରାଣାୟାମ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଯୋଗଦିବସ ପାଳନ ଅବସରରେ ଏନଏସଏସର ସଂଯୋଜକ ଡ. ସସ୍ମିତା ମହାପାତ୍ର ଓ ୱାଇଆରସିର କାଉନ୍‌ସିଲର ଡ.ଶାନ୍ତନୁ ନାୟକଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସର ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏନ୍‌ଏସ୍‌ଏସ୍ ଓ ୱାଇଆରସିର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗେ ବରିଷ୍ଠ ପ୍ରାଧ୍ୟାପକ ଡ. ସଞ୍ଜୟ ପୁରୋହିତ, ଗୌରୀ ଶଙ୍କର ରଥ, ହିରନ୍ମୟୀ ତ୍ରିପାଠୀ, ସଞ୍ଜୟ ଲେଙ୍କା, ବିଶ୍ୱଜିତା ପାଢ଼ୀ, ପ୍ରଜ୍ଞା ଦେବହୂତି ଦାସ, ଚିନ୍ମୟୀ ସାହୁ, ସ୍ମୃତି ରଞ୍ଜନ ରାଉତ, ଦିଲୀପ ସାମଲ, ଶ୍ୱେତା ସୁମନ ଗିରି, ମଦନ ହରିଜନ, ମଗ୍ନେଶ୍ୱର ନାଗ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବର୍ମା ପ୍ରାଥମିକ ବିଦ୍ୟାଳୟ

**ସୁନାବେଡ଼ା:** ସୁନାବେଡ଼ା -୩ ସ୍ଥିତ ବର୍ମା ପ୍ରାଥମିକ ବିଦ୍ୟାଳୟ ଠାରେ କାର୍ଯ୍ୟକ୍ରମରେ ମିଗ୍ ୪ କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀ ହେମନ୍ତ କୁମାର ପାଇକରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଯୋଗର ଉପାଦେୟତା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଞ୍ଚଳିକ ସାଧନକର୍ମୀ ସ୍ନେହଲତା ଦାଶ ଓ ସମାଜସେବୀ ତିଲୋଚନ ବେହେରା ପ୍ରାଣାୟମ ଏବଂ ଯୋଗର ବିଭିନ୍ନ ଆସନର ଉପକାରିତା ବିଷୟରେ ବୁଝାଇଥିଲେ। ଯୋଗ ଗୁରୁ ଭାବେ ଶୁଭମ୍ ମହାରଣା ଏବଂ ସହଯୋଗୀ ଗୋବିନ୍ଦ ପାତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗ ପ୍ରଶିକ୍ଷଣ ଦେବା ସହିତ ତା'ର ଉପକାରିତା ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହ ଶିକ୍ଷୟିତ୍ରୀ ନମିତା ମଞ୍ଜରୀ ନାୟକ ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବୋରିଗୁମ୍ମା:** ସ୍ଥାନୀୟ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦାଶରଥି ଗୌଡ଼ଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ. ପ୍ରଦୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା ତଥା ମୁଖ୍ୟ ପରିଚାଳକ ଭାବେ ଯୋଗ ଦେଇଥିଲେ। ଅଶୋକ କୁମାର ପଣ୍ଡା ଓ ଗୌରୀ ପ୍ରସାଦ ପଢ଼ାଲ, କ୍ରୀଡ଼ା ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଶିବିରରେ ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଯୋଗ ଅଭ୍ୟାସ କରିଥିଲେ।

## ସେମିଳିଗୁଡା ମହାବିଦ୍ୟାଳୟ

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡାରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ସେମିଳିଗୁଡା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ୱାଇଆର୍‌ସିର ମିଳିତ ଉଦ୍ୟମରେ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂରାଜୀ ଅଧ୍ୟାପକ ଶିବାଶିଷ ପଟ୍ଟନାୟକ ଅତିଥି ମାନଙ୍କର ପରିଚୟ ଦେବା ସହିତ ଯୋଗର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ସିଂହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସୁନାବେଡ଼ା ହାଲସ୍ଥିତ ଇଞ୍ଜିନ ଡିଭିଜନର ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀ ଓ ଆର୍ଟ ଅଫ୍ ଲିଭିଙ୍ଗର ଯୋଗ ପ୍ରଶିକ୍ଷକ ଦିନେଶ ମହନ୍ତ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅନ୍ୟ ନିମନ୍ତ୍ରିତ ଅତିଥି ଭାବେ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସେମିଳିଗୁଡା ଓ ସୁନାବେଡ଼ା ଶାଖା ପ୍ରଭାରି ରୁବି ଗୁରୁମା ଓ ସଂଯୁକ୍ତା ଗୁରୁମା ମଣିଷ ଜୀବନରେ ଧ୍ୟାନ ଓ ଆଧ୍ୟାତ୍ମିକ ଚେତନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଡକ୍ଟର ଝାନ୍ସି ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଭୟ ମହିଳା ଓ ପୁରୁଷ ବିଭାଗର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସ୍ନିଗଧା ପଟ୍ଟନାୟକ ଓ ଡକ୍ଟର ରମେଶ କୁମାର ମଲ୍ଲିକ ଆୟୋଜନ କରିଥିଲେ। ହରିତ୍ ଯୋଗ ମାଧ୍ୟମରେ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ହରପ୍ରସାଦ ପତି, ପ୍ରେମାନନ୍ଦ ରାଉତ, ଡକ୍ଟର ଗୀତା ପଟ୍ଟନାୟକ, ଡକ୍ଟର ଅଲେଖ ପଣ୍ଡା, ସୁରେଶ ପାଇକରାୟ, ବବିତା ମିଶ୍ର, ଲଳିତା ପ୍ରଧାନ, ରୋନାଲି ନାୟକ, ଦିଗେଶ୍ୱରୀ ଶିଖା, ନିରଞ୍ଜନ ପୋଢ, ବିନୋଦ ଲେଙ୍କା, ଚନ୍ଦନ ପ୍ରସାଦ, ବିଜୟ ଦାସ ପଙ୍ଗି, ସତ୍ୟନାରାୟଣ ମିଶ୍ର, ଲଡୁକିଶୋର ଗଡଡ, ରୁଦ୍ୟ ମୁକ୍ତା, ଗଙ୍ଗା କୁଳଦୀପିଆ, ମନୁ ସିଂ ଓ ହରି ସିରିକା ପ୍ରମୁଖ ଉପସ୍ଥିତ ଥିଲେ। ପାଖଝୋଲା ଗ୍ରାମପଞ୍ଚାୟତର ଉପର ମାନିଆ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ଠାରେ କାଯ୍ୟକର୍ମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ ନେତୃତ୍ୱରେ ଆୟୋଜିତ କାଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ, ସୀମାଞ୍ଚଳ ବାରିକ, ବସନ୍ତ କୁମାର ବେହେରା, ଭ୍ରମରବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହି ପରି ରାଜପୁଟରେ ସରପଞ୍ଚ ପୀତାମ୍ବର କିର୍ଷଣୀ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେମିଳିଗୁଡା ସିତମ୍ ଇଞ୍ଜିନିୟରିଂ କଲେଜରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ କୃଷ୍ଣ ସିଂଙ୍କ ନେତୃତ୍ୱରେ ସମସ୍ତେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନନ୍ଦପୁର ବ୍ଲକ ଅଞ୍ଚଳ

**ନନ୍ଦପୁର:** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ପୁରପଲ୍ଲୀ ଠାରୁ ଆରମ୍ଭ କରି ୨୩ ଗ୍ରାମ ପଞ୍ଚାୟତ ସହ ବ୍ଲକ ସଦର ମହକୁମାରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଆହ୍ୱାନ କ୍ରମେ ନନ୍ଦପୁର ସଦର ମହକୁମାର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ଯୋଗ ଦିବସ ପାଳନ ହୋଇଛି। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଯୋଗ ଦେଇ ଯୋଗ ଅଭ୍ୟାସ କରିଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଯାଇଛି।

## ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କତା

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ମୌସୁମୀ ଦ୍ରୁତଗତିରେ ଉତ୍ତର ଭାରତରେ ବ୍ୟାପୀବାରେ ଲାଗିଛି। ଶୁକ୍ରବାର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର କିଛି ସ୍ଥାନରେ ମୌସୁମୀ ପହଞ୍ଚିଛି। ସାରା ଦେଶରେ ମୌସୁମୀ ତା'ର ଏଣ୍ଟ୍ରି ମାରିସାରିଛି। ଏବେ କେବଳ ଦିଲ୍ଲୀ, ହାରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବରେ ମୌସୁମୀ ପହଞ୍ଚିବା ବାକି ରହିଛି। ରାଜସ୍ଥାନର ୫୦ ପ୍ରତିଶତ ସ୍ଥାନରେ ମୌସୁମୀ ପହଞ୍ଚି ସାରିଛି। ଦେଶର ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଅଗାମୀ ଗୋଟିଏ ଦିନ ମଧ୍ୟରେ ହିମାଚଳ, ଉତ୍ତରାଖଣ୍ଡ, ଗୁଜରାଟ, ବିହାର, ଆସାମ, ମେଘାଳୟ, ହାରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କୋଙ୍କଣ- ଗୋଆରେ ବର୍ଷା ହେବାର ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜସ୍ଥାନ, ପଞ୍ଜାବ, ତେଲଙ୍ଗାନା, ଝାଡଖଣ୍ଡ, ଛତିଶଗଡ଼, ଓଡ଼ିଶା, କର୍ଣ୍ଣାଟକ ଉପକୂଳବର୍ତ୍ତୀ ସ୍ଥାନ, ବେଙ୍ଗଲ, ସିକିମ, କେରଳ ଓ ମଧ୍ୟ ପ୍ରଦେଶ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କହିଛି।

## ଶାହରୁଖଙ୍କ ବାସଭବନରେ ଫରେଷ୍ଟ ବିଭାଗର ଯାଞ୍ଚ୍

ମୁମ୍ବାଇ, ୨୧।୬(ଏଜେନ୍ସି): ସ୍ଥାନୀୟ ବାନ୍ଦ୍ରାର ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ବଙ୍ଗଳା 'ମନ୍ନତ'ରେ ବ୍ରିହାନମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ (ବିଏମ୍‌ସି) ଓ ଫରେଷ୍ଟ ବିଭାଗ ଯାଞ୍ଚ୍ କରିଛି। କୋଷ୍ଟାଲ ରେଗୁଲେସନ ଜୋନ (ସିଆରଜେଡ୍) ନିୟମର ଉଲ୍ଲଂଘନ ହୋଇଥିବା ନେଇ ଶୁକ୍ରବାର ଏହି ଯାଞ୍ଚ୍ ହୋଇଛି। ବିନା ଅନୁମତିରେ ଏହି ବଙ୍ଗଳାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇଛି କି ନା ସେ ନେଇ ଯାଞ୍ଚ କରାଯାଇଥିଲା ବୋଲି ବିଏମ୍‌ସି ଓ ଫରେଷ୍ଟ ବିଭାଗରେ ଅଧିକରୀମାନେ କହିଛନ୍ତି। ୨୭, ୦୦୦ ବର୍ଗଫୁଟ୍ ଏରିଆରେ ଥିବା ଏହି ବଙ୍ଗଳାରେ ପୁନର୍ଗଠନ କାର୍ଯ୍ୟ ଚାଲୁ ରହିଛି। ୬ ମହଲା ବିଶିଷ୍ଟ ଏହି ବଙ୍ଗଳାରେ ଦୁଇ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରେ ଆଉ ଦୁଇଟି ମହଲା ସାମିଲ କରାଯିବାର ଯୋଜନା ରହିଛି। ଏଥିପାଇଁ ଶାହାରୁଖଙ୍କ ସମେତ ପତ୍ନୀ ଗୌରୀ ଓ ୩ ସନ୍ତାନ ଆର୍ଯ୍ୟନ, ସୁହାନା, ଅବରାମ ଅସ୍ଥାୟୀ ଭାବେ ମନ୍ନତଠାରୁ ୧୦ ମିନିଟ ଦୂର ଖାରରେ ଏକ ଡୁପ୍ଲେକ୍ସରେ ରହୁଛନ୍ତି। ଶାହରୁଖ ଏହି ବଙ୍ଗଳାକୁ ୨୦୦୧ରେ କ୍ରୟ କରିଥିଲେ। ତେବେ ୧୯୧୪ରୁ ମନ୍ନତର ଏକ ଐତିହାସିକ ପରମ୍ପରା ରହିଆସିଛି।

## ଚଳନ୍ତା ଟ୍ରେନ୍‌ରେ ଯୁବକକୁ ପିଟିପିଟି ହତ୍ୟା

ବାଗପତ, ୨୧।୬(ଏଜେନ୍ସି): ୟୁପିରେ ବାଗପତରେ ଚଳନ୍ତା ଟ୍ରେନ୍‌ରେ ଜଣେ ଯୁବକକୁ ପିଟି ପିଟି ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ସାହରାନପୁର- ଦିଲ୍ଲୀ ପାସେଞ୍ଜର ଟ୍ରେନ୍‌ରେ ବାଗପତ ଆସୁଥିଲେ। ଫଖରପୁର ଷ୍ଟେସନ ନିକଟରେ ସିଟ୍‌ରେ ବସିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ୧୫ରୁ ୨୦ଜଣ ଲୋକ ସାଥି ହୋଇ ଯୁବକଙ୍କୁ ଗୋଇଠା, ମୁଥ ମାରିବା ସହ ବେଲ୍ଟରେ ପିଟିଥିଲେ। ବାଗପତଠାରୁ ୧୦ କିମି ଦୂରରେ ଥିବା ଖେକଡ଼ା ଷ୍ଟେସନରେ ଟ୍ରେନ ରହିବା ପରେ ଅଭିଯୁକ୍ତମାନେ ଓହ୍ଲାଇ ପଳାଇଯାଇଥିଲେ। ଟ୍ରେନ୍‌ରେ ଯାଉଥିବା ଯୁବକଙ୍କ ଜଣେ ବନ୍ଧୁ ଜିଆରିପି ଓ ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ନାମ ହେଉଛି ଦୀପକ ଓ ସେ ଦିଲ୍ଲୀରେ ଚାକିରି କରୁଥିଲେ। ସେ ଦିଲ୍ଲୀ ବାଗପତସ୍ଥିତ ନିଜ ଘରକୁ ଯାଉଥିଲେ। ଶୁକ୍ରବାର ଏହି ଘଟଣା ଘଟିଥିଲେ ମଧ୍ୟ ଶନିବାର ଏହାର ଭିଡିଓ ସାମ୍ନାକୁ ଆସିଛି।

## ବେଲୁନ୍ ଦୁର୍ଘଟଣାରେ ୮ ମୃତ

ସାଓ ପାଓଲୋ, ୨୧।୬(ଏଜେନ୍ସି): ବ୍ରାଜିଲ୍‌ରେ ହଟ୍ ଏୟାର ବେଲୁନ୍ ଦୁର୍ଘଟଣାରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆକାଶରେ ଉଡୁଥିବା ବେଳେ ଏହି ବେଲୁନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ବେଲୁନରେ ସେତେବେଳେ ୨୧ଜଣ ଲୋକ ଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ମୃତ୍ୟୁବରଣ କରିଛନ୍ତି। ନିଆଁ ଲାଗିବା ପରେ ବେଲୁଟି ସିଧା ତଳକୁ ଖସି ମାଟିରେ ପଡ଼ିଯାଇଥିଲା।

# ଇରାନରେ ଭୂକମ୍ପ ନା ବିସ୍ଫୋରଣ?

ତେଲ ଆଭିଭ, ୨୧।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତିର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଯୁଦ୍ଧ ବନ୍ଦ ପାଇଁ ଜେନେଭାରେ ୟୁରୋପୀୟ ଦେଶଗୁଡିକ କରିଥିବା ବୈଠକରେ କୌଣସି ଠୋସ୍ ଫଳାଫଳ ବାହାରି ପାରି ନ ଥିବାବେଳେ ଦୁଇ ରାଷ୍ଟ୍ର ପରସ୍ପର ବିରୋଧରେ ଆକ୍ରମଣକୁ ଜୋରଦାର କରିଛନ୍ତି। ଏପରି ସମୟରେ ଇରାନରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଦ୍ୱାରା ଏହି ଭୂକମ୍ପ ଆସିଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବୃଦ୍ଧି ପାଇଛି ବୋଲି କୁହାଯାଉଛି।

ଯୁଦ୍ଧର ନବମ ଦିନରେ ତେଲ ଆଭିଭ ସମେତ ଅନେକ ସହର ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ବର୍ଷା କରିଥିବାବେଳେ ଇସ୍ରାଏଲ ସେନା (ଆଇଡିଏଫ) ଏହାର ଜବାବରେ ପରମାଣୁ ଠିକଣାକୁ ନିଶାଣ କରିଛି। ଆଜି ସକାଳେ ଆଇଡିଏଫ୍‌ର ୫୦ରୁ ଅଧିକ ଲଢୁଆ ବିମାନ ଇରାନର ଇସ୍‌ଫାହନ ପରମାଣୁ ପ୍ରତିଷ୍ଠାନରେ ବୋମା ମାଡ଼ କରିଛି। ତେବେ ଏହି ଆକ୍ରମଣ ପରେ କୌଣସି ରାସାୟନିକ ଲିକ୍ କିମ୍ବା ବିକିରଣ ହୋଇଥିବାର ସୂଚନା ମିଳିନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାରେ ୟୁରାନିୟମ ଠୁଳ କରି ରଖାଯାଉଛି। ନ୍ୟୁକ୍ଲିୟର ଫୁଏଲ ଫାବ୍ରିକେସନ ପ୍ଲାଣ୍ଟ ମଧ୍ୟ ରହିଛି। ପରମାଣୁ ଠିକଣାରେ ଆକ୍ରମଣ ସହିତ ଇରାନର ଆଉ ଜଣେ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କରିଛି। ଶୁକ୍ରବାର ତେହରାନର ଏକ ଆପାର୍ଟମେଣ୍ଟକୁ ନିଶାଣ କରି ଆଇଡିଏଫ ସୁଇସାଇଡ ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ବୈଜ୍ଞାନିକ ଇସାର ତବାତବାଇ-କମସେହ ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ଇରାନର ୧୧ ପରମାଣୁ

- ଇରାନ ପରମାଣୁ ପରୀକ୍ଷା କରିଥିବା ନେଇ ଚର୍ଚ୍ଚା ବଢ଼ିଲା
- ତିନି ଉତ୍ତରାଧିକାରୀଙ୍କୁ ମନୋନୀତ କଲେ ଖାମନେଇ

ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କଲାଣି। ସେହିପରି ଆଜି ଇରାନ ସେନାର ୩ କମାଣ୍ଡର ଏବଂ ୪ ଯବାନଙ୍କୁ ହତ୍ୟା କରିଥିବା ଇସ୍ରାଏଲ ଦାବି କରିଛି।

ଆକ୍ରମଣ ଦ୍ୱାରା ଇରାନର ପରମାଣୁ କାର୍ଯ୍ୟକ୍ରମ ୩ ବର୍ଷ ପଛକୁ ପଳାଇଛି ବୋଲି ଇସ୍ରାଏଲ ଦାବି କରୁଛି। ମାତ୍ର ଏପରି ସମୟରେ ଇରାନର ସେମନାନ୍ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଶୁକ୍ରବାର ରାତିରେ ହୋଇଥିବା ୫.୧ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ର ୧୦ କିମି ଗଭୀରତାରେ ଥିଲା ବୋଲି କୁହାଯାଉଛି। ଇରାନ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାରୁ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା ବୋଲି ଚର୍ଚ୍ଚା ହେଉଛି। କାରଣ ଇରାନର ସେମନାନ ସ୍ପେସ୍ ସେଣ୍ଟର ଏବଂ ସେମନାନ ମିସାଇଲ କମ୍ପ୍ଲେକ୍ସ ଥିବା ସହର ନିକଟରେ ଏହି ଭୂକମ୍ପ ହୋଇଛି। ଇରାନ



ସେନା ଦ୍ୱାରା ଏହା ପରିଚାଳିତ ହେଉଛି। ଏହାକୁ ଲାଗି ଫରଦୋ ଏବଂ ନତାଞ୍ଜ ପରମାଣୁ କେନ୍ଦ୍ର ମଧ୍ୟ ରହିଛି। ୟୁରୋପ ଶାନ୍ତି ଆଲୋଚନା ପ୍ରୟାସ ଜାରି ରଖିଥିବାବେଳେ ପରମାଣୁ କାର୍ଯ୍ୟକ୍ରମ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏପରି ସମୟରେ ହୋଇଥିବା ଭୂକମ୍ପକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ିବ ବୋଲି କୁହାଯାଉଛି। କିଛି ବିଶେଷଜ୍ଞ ମଧ୍ୟ ପରମାଣୁ ପରୀକ୍ଷଣ ଆଶଙ୍କା କରିଛନ୍ତି। ଭୂତଳରେ ପରମାଣୁ ଅସ୍ତ୍ରର ବିସ୍ଫୋରଣ ଯୋଗୁଁ ସୃଷ୍ଟି ହୋଇଥିବା 'ଟେକ୍‌ଟୋନିକ ଷ୍ଟ୍ରେସ୍' ପାଇଁ ଭୂକମ୍ପ ଆସିଥିବ ବୋଲି ବିଶେଷଜ୍ଞ କହୁଛନ୍ତି। ଆଉ କିଛି ରିପୋର୍ଟରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଭୂକମ୍ପ ଆସିଥିଲା ବୋଲି କୁହାଯାଉଛି। ଏହା ମଧ୍ୟରେ ଆମେରିକାର ୬ଟି ବି-୨ ଷ୍ଟିଲ୍‌ଥ ବମ୍ବର ମିସୋରିର ନୌସେନା ଘାଟୀରୁ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା ମାଇକ୍ରୋନେସିଆ ଦ୍ୱୀପର ଗୁଆମକୁ ଉଡ଼ାଣ ଭରିଛି। ଏହି ଲଢୁଆ ବିମାନ ବଙ୍କର ବଷ୍ଟର ବୋମା ନେଇ ଯାଉଥିବା କୁହାଯାଉଛି। ପୂର୍ବରୁ ଏହି ବୋମା ଇସ୍ରାଏଲ ମାଗିଥିଲା। ତେଣୁ ଏହା ଇସ୍ରାଏଲକୁ ଦିଆଯାଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିଜ ଉତ୍ତରାଧିକାରୀ ପାଇଁ ୩ ଜଣଙ୍କୁ ମନୋନୀତ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଖାମନେଇଙ୍କ ପୁଅ ମୋଜତବାର ନାମ ନାହିଁ। ପୂର୍ବରୁ ଖାମନେଇଙ୍କ ପୁଅ ହିଁ ତାଙ୍କ ଉତ୍ତରାଧିକାରୀ ହୋଇବେ ବୋଲି କୁହାଯାଉଥିଲା।

## ଇରାନ୍‌ରୁ ଫେରିଲେଣି ୮୨୭ ଭାରତୀୟ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଭାରତ ସରକାରଙ୍କ ଅପରେସନ ସିନ୍ଧୁ ଜରିଆରେ ମୋଟ ଉପରେ ୮୨୭ ଜଣ ଭାରତ ଫେରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨୯୦ ଜଣ ଭାରତୀୟ ନାଗରିକ ସ୍ୱଦେଶ ଫେରିଛନ୍ତି। ସେହିପରି ଶନିବାର ସଂଧ୍ୟା ୪ଟା ୩୦ରେ ଆଉ ୩୧୦ ଜଣ ଭାରତୀୟ ନାଗରିକ ଦିଲ୍ଲୀରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କଶ୍ମୀରର ଛାତ୍ର। ଏହାକୁ ବାଦ୍ ଦେଲେ ଆଉକିଛି ନାଗରିକ ଦିଲ୍ଲୀ, ହାରିୟାଣା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୨୭ଜଣ ଭାରତୀୟ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଶୁକ୍ରବାର ରାତିରେ ଦୁଇଟି ପର୍ଯ୍ୟାୟରେ ୪୦୭ ଭାରତୀୟ ଫେରିଛନ୍ତି। ରାତି ୧୦.୩୦ରେ ୧୯୦ ଜଣ କଶ୍ମୀର ଛାତ୍ର ସମେତ ୨୯୦ ନାଗରିକ ଫେରିଥିଲେ। ସେହିପରି ରାତି ୩ଟା ଆସି ପହଞ୍ଚିଥିବା ବିମାନରେ ୧୧୭ ଜଣ ଭାରତ ଫେରିଥିଲେ। ଏହାପୂର୍ବରୁ ଜୁନ୍ ୧୯ରେ ୧୧୦ ଜଣ ଛାତ୍ର ଆର୍ମେନିଆ ଓ ଦୋହା ବାଟ ଦେଇ ଭାରତ ପହଞ୍ଚିଥିଲେ। ଶନିବାର ସନ୍ଧ୍ୟାରେ ଆଉଏକ ବିମାନ କିଛି ଭାରତୀୟଙ୍କୁ ଆଣିବାର କାର୍ଯ୍ୟକ୍ରମ ରହିଛି। ଇରାନରୁ ଦିଲ୍ଲୀ ପହଞ୍ଚିବା ପରେ ଏହି ଯାତ୍ରୀମାନେ 'ବନ୍ଦେ ମାତରମ' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇଥିଲେ ଓ କିଛି ଲୋକ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ସେମାନଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଆଉ କେତେକ ଲୋକ ମାଟିକୁ ମୁଣ୍ଡିଆ ମାରିଥିଲେ। ଭାରତରେ ପହଞ୍ଚିବା ପରେ ଆମକୁ ଶାନ୍ତି ମିଳିଛି ବୋଲି ଏମାନେ ଏଠାରେ ପହଞ୍ଚିବା ପରେ କହିଛନ୍ତି।

## ଇସ୍ରାଏଲ୍ ଆକ୍ରମଣକୁ ଭାରତ ନିନ୍ଦା କରୁ: ସୋନିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଏଥିରେ ଭାରତର ଭୂମିକା ନେଇ ମୁହଁ ଖୋଲିଛନ୍ତି। ଏହି ଯୁଦ୍ଧ ଶନିବାର ୯ମ ଦିନରେ ପହଞ୍ଚିଛି। ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସେ ଖୋଲାଖୋଲି ଭାବେ ନିନ୍ଦା କରିଛନ୍ତି। ଏକ ଦୈନିକ ଖବରକାଗଜରେ ସ୍ତମ୍ଭ ଲେଖି ସେ ଏ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।



ଇସ୍ରାଏଲ ନିଜେ ଏକ ପରମାଣୁ ଶକ୍ତି ଭାବେ ପ୍ରତିଷ୍ଠା ହାସଲ କରିଛି। କିନ୍ତୁ ପରମାଣୁ ଅସ୍ତ୍ର ତିଆରି କରିବା ଅଭିଯୋଗରେ ଇରାନ୍ ଉପରେ ଅନ୍ୟାୟ ଭାବେ ଆକ୍ରମଣ କରାଯାଉଛି। ଏହା ଇସ୍ରାଏଲ୍ ଦୋ ମୁହାଁ ନୀତିକୁ ସୂଚାଉଛି ବୋଲି ସେ କହିଛନ୍ତି। ପୁଣି ଇରାନ ଭାରତର ପୁରଣା ବନ୍ଧୁ। ଏବେ ଯୁଦ୍ଧ ଚାଲିଥିବା ବେଳେ ଭାରତର ନୀରବତା ଚିନ୍ତା ସୃଷ୍ଟି କରୁଛି। ଗାଜାରେ ଚାଲିଥିବା ଧ୍ୱଂସ ଓ ଇରାନ୍‌ରେ ହେଉଥିବା ଆକ୍ରମଣ ନେଇ ଭାରତ ତା'ର ଅଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ଏବେ ମଧ୍ୟ ବହୁତ ବିଳମ୍ବ ହୋଇନାହିଁ ଓ ଯଥେଷ୍ଟ ସମୟ ରହିଛି। ଭାରତ ଏ ନେଇ ଦୃଢ଼ ଭାବେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିବା ଉଚିତ। ଇରାନ ଏକାଧିକବାର ଭାରତକୁ ବିଭିନ୍ନ କ୍ଷେତ୍ରରେ ସମର୍ଥନ କରିଆସିଛି। ଗାଜାରେ ଏବେ ୫୫, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ଏବେ ସେଠାରେ ଭୋକରେ ଲୋକ ମରିବା ଆରମ୍ଭ କଲେଣି। ତେଣୁ ଇରାନ ସମର୍ଥନରେ ଭାରତକୁ ଏବେ ଖୋଲାଖୋଲ ମନ୍ତବ୍ୟ ଦେବା ଉଚିତ ବୋଲି ସୋନିଆ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି।

ଇସ୍ରାଏଲ ଇରାନ ଉପରେ ଏକତରଫା ଓ ନିର୍ମମ ଭାବେ ଆକ୍ରମଣ କରିଛି। ଇସ୍ରାଏଲ ଇରାନର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିଛି। ଏହା ବେଆଇନ ଓ ଆଞ୍ଚଳିକ ଶାନ୍ତିପ୍ରତି ବିପଦ ସୃଷ୍ଟି କରିଛି। ଇରାନ ଉପରେ ଚାଲିଥିବା ଆକ୍ରମଣକୁ କଂଗ୍ରେସ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱରେ ଇସ୍ରାଏଲ୍ କେବଳ ଆତଙ୍କ, ଅଶାନ୍ତି ବୃଦ୍ଧି କରିଛି ଓ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠା ନେଇ ତାଙ୍କ ପ୍ରତିବଦ୍ଧତାରୁ ଓହରିଯାଇଛନ୍ତି। ଏପରି ସ୍ଥଳେ ପଶ୍ଚିମ ଏସିଆରେ କିପରି ଶାନ୍ତି ପ୍ରତିଷ୍ଠା ହେବ ସେ ନେଇ କୁଟନୈତିକ ପ୍ରୟାସ ଭାରତ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି।

## ପୁଣି ନିର୍ବାଚନ କମିସନ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ମତଦାନ କେନ୍ଦ୍ରରେ ହେଉଥିବା ୱେବକାଷ୍ଟିଂର ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯିବ ନାହିଁ ବୋଲି ଭାରତର ନିର୍ବାଚନ କମିସନ (ଇସିଆଇ) ସ୍ପଷ୍ଟ କରିଦେଇଛନ୍ତି। ଏହାକୁ ସାର୍ବଜନୀନ କଲେ ଭୋଟରଙ୍କ ପ୍ରତି ବିପଦ ସୃଷ୍ଟି ହେବ। ଏହାଦ୍ୱାରା ଭୋଟର ଏବଂ ଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ। ଭୋଟ ଦେଉଥିବା ଏବଂ ନ ଦେଉଥିବା ବ୍ୟକ୍ତି ଉଭୟେ ଅସାମାଜିକଙ୍କ ଚାପ, ଭେଦଭାବ ଏବଂ ଧମକର ଶିକାର ହୋଇପାରନ୍ତି। ଏହା ସହିତ ସିସିଟିଭି ଫୁଟେଜ ସାର୍ବଜନୀନ କଲେ ଜନପ୍ରତିନିଧି ନିୟମରେ ଥିବା ବ୍ୟବସ୍ଥା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମଧ୍ୟ ଉଲ୍ଲଘଂନ ହେବ। ତେବେ ଏହି ସବୁ ଭିଡିଓ ଅନ୍ତରୀଣ ପର୍ଯ୍ୟବେକ୍ଷଣ ପାଇଁ ଉଦ୍ଦିଷ୍ଟ ଥାଏ। କିନ୍ତୁ ନିର୍ବାଚନ ସମ୍ବନ୍ଧିତ ଶୁଣାଣି ସମୟରେ ଯଦି କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ଏହାକୁ ସେୟାର କରାଯିବ ବୋଲି ଇସିଆଇଙ୍କ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଜବାବ ଦିଆଯାଇଛି।

ଉଦାହରଣ ଦେଇ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଯଦି କୌଣସି ରାଜନୈତିକ ଦଳକୁ ଏକ ବୁଥ୍‌ରେ କମ୍ ଭୋଟ ମିଳେ ତେବେ ସେହି ଦଳ ସିସିଟିଭି ଫୁଟେଜ ଆଧାରରେ କିଏ ଭୋଟ ଦେଇଛି ଏବଂ କିଏ ଦେଇନି ତାହା ସହଜରେ ଚିହ୍ନଟ କରିଦେବ। ଏହା ପରେ ଭୋଟ ଦେଇ ନ ଥିବା ଲୋକଙ୍କୁ ସମସ୍ୟାରେ ପକାଯାଇପାରେ। ଏହା ପୂର୍ବରୁ ଗତ ମାସରେ



- ମତଦାନ କେନ୍ଦ୍ରର ଫୁଟେଜ ସାର୍ବଜନୀନ କରିହେବନି: ନିର୍ବାଚନ କମିସନର
- ଯିଏ ଜବାବ ଦେବା କଥା ସିଏ ପ୍ରମାଣ ନଷ୍ଟ କରୁଛନ୍ତି : ରାହୁଲ

ନିର୍ବାଚନ ପ୍ରକ୍ରିୟାରେ ୪୫ ଦିନ ପରେ ୱେବକାଷ୍ଟିଂ ଏବଂ ଭିଡିଓ ଫୁଟେଜକୁ ନଷ୍ଟ କରିବା ପାଇଁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ଅବଧି ଭିତରେ କେହି ଫଳାଫଳକୁ କୋର୍ଟରେ ବିରୋଧ କରିନାହାନ୍ତି ତେବେ ତାହାକୁ ନଷ୍ଟ କରିବାକୁ କହିଥିଲେ।

ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକା ମାଗିଲେ ମେସିନ-ରିଡାବୁଲ ଫର୍ମାଟ ଦେବନାହିଁ ବୋଲି କହୁଛନ୍ତି। ଆଇନ ବଦଳାଇ ସିସିଟିଭି ଫୁଟେଜକୁ ଛପାଇ ଦେଉଛନ୍ତି। ଏବେ ନିର୍ବାଚନର ଫଟୋ ଏବଂ ଭିଡିଓକୁ ବର୍ଷେ ନୁହେଁ, ବରଂ ୪୫ ଦିନରେ ନଷ୍ଟ କରିଦେବେ। ଯାହାଠାରୁ ଜବାବ ଚାହୁଁଥିଲୁ ସେ ପ୍ରମାଣ ନଷ୍ଟ କରୁଛନ୍ତି। ମ୍ୟାଚ୍ ଫିକ୍ସ ହୋଇଯାଇଛି ବୋଲି ସ୍ପଷ୍ଟ ଦେଖାଯାଉଛି। ଫିକ୍ସ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିପଦ। ଏହା ପରେ ନିର୍ବାଚନ କମିଶନଙ୍କ ଜବାବ ଆସିଥିଲା। ଏହାକୁ ଉତ୍ତର ଦେଇ ରାହୁଲ କହିଥିଲେ ଯେ ସାମ୍ବିଧାନିକ ସଂସ୍ଥା ଭାବେ ଗୁରୁତର ପ୍ରଶ୍ନର ଉତ୍ତର ଏଭଳି ଭାବେ ଦିଆଯାଏ ନାହିଁ। ଯଦି କିଛି ଲୁଚାଇବାକୁ ନାହିଁ ତେବେ ମୋ ପ୍ରଶ୍ନର ଉତ୍ତର ଦେଇ ପ୍ରମାଣ ରଖନ୍ତୁ ବୋଲି ରାହୁଲ କହିଥିଲେ।

## ଅଘଟଣରୁ ବର୍ତ୍ତିଲା ଆଉ ଏକ ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପାଖାପାଖି ଗୋଟିଏ ସପ୍ତାହ ପରେ ଆଉଏକ ବିମାନର ପାଇଲଟ୍ ମେଡେ କଲ୍ କରିଛନ୍ତି। ଗୌହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଏହି ଇମର୍ଜେନ୍ସି କଲ୍ କରିଥିଲେ। ଜୁନ୍ ୧୯ରେ ଏହି ଘଟଣା ଘଟିଛି। ବିମାନରେ ଇନ୍ଧନ କମ୍ ଥିବା ଜାଣିପାରି ପାଇଲଟ ଏୟାର ଟ୍ରାଫ୍ କଣ୍ଟ୍ରୋଲ (ଏଟିସି) କୁ କଲ୍ କରିଥିଲେ। ବିମାନରେ ପାଇଲଟଙ୍କ ଜରୁରୀକାଳୀନ କଲ୍‌କୁ ମେଡେ କୁହାଯାଇଥାଏ।





- ସରିଗଲା ଇନ୍ଧନ, ପାଇଲଟ୍‌ଙ୍କ ମେଡେ କଲ୍
- ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ଫଳରେ ଏହି ବିମାନକୁ ତୁରନ୍ତ ବେଙ୍ଗାଲୁରୁ ଏୟାରପୋର୍ଟରେ ଅବତରଣ କରାଯାଇଥିଲା। ଗୌହାଟୀରୁ ଟେକ୍‌ଅଫ୍ କରିବା ପରେ ଏହି ବିମାନରେ ଇନ୍ଧନ ପର୍ଯ୍ୟାପ୍ତ ପରିମାଣର ନଥିଲା ବୋଲି ପାଇଲଟ୍ ଜାଣିବାକୁ ପାଇଥିଲେ। ଫଳରେ ବିମାନକୁ ଚେନ୍ନାଇ ବଦଳରେ ବେଙ୍ଗାଲୁରୁ ଯାଇଥିଲା। ଏହି ବିମାନରେ ୧୬୮ ଜଣ ଯାତ୍ରୀ ଥିଲେ। ବେଙ୍ଗାଲୁରୁ ବିମାନ ବନ୍ଦରରେ ଇନ୍ଧନ ଭରିବା ପରେ ଏହି ବିମାନ ଚେନ୍ନାଇ ଯାତ୍ରା କରିଥିଲା। ଏହି ପାଇଲଟ୍‌ଙ୍କୁ ବର୍ତ୍ତମାନ ପାଇଁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଉଲ୍ଲେଖଥାଉ କି, ମେଡେ ହେଉଛି ଏକ ଫ୍ରେଞ୍ଚ୍ ଶବ୍ଦ। ଏହାର ଅର୍ଥ ମୋତେ ବଞ୍ଚାଅ ବା ରକ୍ଷାକର।

## ଅହମଦାବାଦ୍ ଦୁର୍ଘଟଣା : ତିନି ଅଧିକାରୀଙ୍କୁ ହଟାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏକ କଡ଼ା ପଦକ୍ଷେପ ନେଇଛି। ଡିଜିସିଏ ଏୟାର ଇଣ୍ଡିଆର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଡିଜିସିଏ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୂଡା ସିଂ, କ୍ରୁ ଶେଡଲିଂ କରୁଥିବା ଚିଫ୍ ମ୍ୟାନେଜର ପିଙ୍କି ମିତ୍ତଲ ଓ କ୍ରୁ ଶେଡ୍‌ଲିଂ ପ୍ଲାନିଂ କରୁଥିବା ପାୟଲ ଆରୋଡାଙ୍କୁ ଦାୟିତ୍ୱରୁ ହଟାଇଛି। ଆଭିଏସନ ସେଫ୍ଟି ପ୍ରୋଟୋକଲର ଗମ୍ଭୀର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ଡିଜିସିଏର ନିର୍ଦ୍ଦେଶକୁ ଯଥାଶୀଘ୍ର ଲାଗୁ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏବେ କମ୍ପାନୀର ଚିଫ୍ ଅପରେସନାଲ ଅଧିକାରୀ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ ଅପରେସନ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି। ଶୁକ୍ରବାର ଏହି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ଜୁନ୍ ୧୨ରେ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିବା ଏଆଇ-୧୭୧ ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଫଳରେ ବିମାନ ଏକ ମେଡିକାଲ କଲେଜ ହଷ୍ଟେଲ୍ ଛାତରେ ମାଡ଼ ହୋଇଥିଲା। ଏଥିରେ ମୋଟ୍ ଉପରେ ୨୭୦ଜଣ ଲୋକ ପ୍ରାଣ ହରାଇଥିଲେ।

# ଟ୍ରମ୍ପଙ୍କୁ ନୋବେଲ ପାଇଁ ପାକ୍ ଯୁକ୍ତି ପଛର ରହସ୍ୟ

ଇସଲାମାବାଦ, ୨୧।୬: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚଳିତ ବର୍ଷ ଲାଗି ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛି ପାକିସ୍ତାନ। ପାକିସ୍ତାନ ଏଭଳି ଦାବି କରୁଥିବାରୁ ଏହାର ସେନା ଅଧ୍ୟକ୍ଷ ଜେନେରାଲ ଅସିମ ମୁନିରଙ୍କୁ ହ୍ୱାଇଟ୍ ହାଉସ୍ ଡାକି ଟ୍ରମ୍ପ ମଧ୍ୟାହ୍ନ ଭୋଜନର ଆୟୋଜନ କରିବା ମଧ୍ୟ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମେ ଟ୍ରମ୍ପଙ୍କ ସପକ୍ଷରେ ଏଭଳି ଯୁକ୍ତି ରଖିଥିଲେ ଜେନେରାଲ ମୁନିର। ଏହାପରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଯୁକ୍ତି କରିଛନ୍ତି। ଆଜି ପାକିସ୍ତାନ ସରକାର ଆଉ ଗୋଟିଏ ପାଦ ଆଗକୁ ଯାଇ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଦିଆଯାଉ ବୋଲି ସୁପାରିସ କରିଛନ୍ତି।

ଏହାକୁ ନେଇ ପାକିସ୍ତାନ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନର ଅନେକ ପୂର୍ବତନ କୁଟନୀତିଜ୍ଞ ଏବଂ ସାମାଜିକ କର୍ମୀ ସରକାରଙ୍କର ଏଭଳି ଆଭିମୁଖ୍ୟର ତୀବ୍ର ସମାଲୋଚନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଗାଜାରେ ଇସ୍ରାଏଲ ଗଣହତ୍ୟା ଚଳାଇଛି ଏବଂ ଏହାକୁ ଟ୍ରମ୍ପ ଖୋଲାଖୋଲି ସମର୍ଥନ କରୁଛନ୍ତି। ପୂର୍ବରୁ ଗାଜା ନରସଂହାରକୁ ନିନ୍ଦା କରିଥିବା ପାକିସ୍ତାନ କିଭଳି ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୁକ୍ତି କରୁଛି। ପୁଣି ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ମଧ୍ୟ ଟ୍ରମ୍ପ କେବଳ ସମର୍ଥନ କରୁନାହାନ୍ତି, ଇରାନ ଉପରେ ଆମେରିକା ଆକ୍ରମଣ କରିବ ବୋଲି କହୁଛନ୍ତି। ହିଂସା ଓ ନରସଂହାରରେ ବିଶ୍ୱାସ କରୁଥିବା ଜଣେ ରାଷ୍ଟ୍ର ନେତାଙ୍କୁ ନୋବେଲ ପୁରସ୍କାର ପାଇଁ ପାକିସ୍ତାନ ପ୍ରସ୍ତାବ ଦେବା ନିନ୍ଦନୀୟ ବୋଲି ସେମାନେ କହିଛନ୍ତି। ପୂର୍ବତନ କୂଟନୀତିଜ୍ଞ ତଥା ସାମାଜିକ କର୍ମୀ ମଲିହା ଲୋଧି ଏବଂ ସିନେଟର ଅଲ୍ଲମା ରଜା ନସିରଙ୍କ ସମେତ ଅନେକ ସାମାଜିକ କର୍ମୀ ଏଭଳି ମତ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱ ବିଦେଶ ନୀତି ବିଶେଷଜ୍ଞ



ଡେରେକ୍ ଗ୍ରସମ୍ୟାନ୍ କହିଛନ୍ତି ଯେ ବିଶ୍ୱ ଦରବାରରେ ପାକିସ୍ତାନର ଯାହା କିଛି ସମ୍ମାନ ଥିଲା, ତାହା ଏଭଳି ନୋବେଲ ଦାବି ଯୋଗୁଁ କ୍ଷୁଣ୍ଣ ହୋଇଛି।

ଅନ୍ୟପକ୍ଷରେ ପାକିସ୍ତାନ ସରକାରଙ୍କର ଯୁକ୍ତି ହେଉଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ମିଳିବା ଉଚିତ। ଟ୍ରମ୍ପ ମଧ୍ୟ ବାରମ୍ବାର କହି ଆସୁଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସେ ଅସ୍ତ୍ରବିରତି କରାଇଥିଲେ। କିନ୍ତୁ ସେ ଶ୍ରେୟ ନେବାକୁ ଚାହାନ୍ତି। ଅନ୍ୟପକ୍ଷରେ ଭାରତ ସରକାର କହିଆସୁଛନ୍ତି ଯେ ଅସ୍ତ୍ରବିରତିରେ ତାଙ୍କର କୌଣସି ଭୂମିକା ନାହିଁ। ପାକିସ୍ତାନୀ ସେନା ଅନୁରୋଧ କରିବାରୁ ଭାରତ ଅପେରସନ ସିନ୍ଦୂରକୁ ଅଟକାଇଛି। ତଥାପି ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଶ୍ରେୟ ନିଜ ଉପରକୁ ନେବା ଏବଂ ତାଙ୍କୁ ପାକିସ୍ତାନ ପ୍ରଶଂସା କରିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ କୁଟନୈତିକମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଅନେକ ବିଦେଶ ନୀତି ବିଶାରଦଙ୍କ ମତେରେ ପାକିସ୍ତାନର ଏଭଳି ଟ୍ରମ୍ପ ପ୍ରଶଂସା ପଛରେ ଭିନ୍ନ ଉଦ୍ଦେଶ୍ୟ ରହିଛି ଏବଂ ତାହା ହେଉଛି କଶ୍ମୀର ପ୍ରସଙ୍ଗ। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପରେ ଟ୍ରମ୍ପ କହିଥିଲେ ଯେ କଶ୍ମୀର ବିବାଦର ସମାଧାନ କ୍ଷେତ୍ରରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ଟ୍ରମ୍ପଙ୍କ ଏହି ପ୍ରସ୍ତାବ କଶ୍ମୀର ବିବାଦକୁ ବିଶ୍ୱ ସ୍ତରକୁ ନେବାରେ ପାକିସ୍ତାନକୁ ଖୋରାକ ଯୋଗାଇଛି। ତେଣୁ ଭାରତକୁ ଅଡୁଆରେ ପକାଇବା ଲାଗି ପାକିସ୍ତାନ ଏହାକୁ ସୁବର୍ଣ୍ଣ ସୁଯୋଗ ବୋଲି ଧରିନେଇଛି। କେବଳ କଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବା ଲାଗି ଟ୍ରମ୍ପଙ୍କୁ ନୋବେଲ ପାଇଁ ସୁପାରିସ କରିବା ପଛରେ ଏହା ହେଉଛି ପାକିସ୍ତାନର ଅସଲି ଚାଲ ବୋଲି ସେମାନେ ମତ ଦେଇଛନ୍ତି।

# ନଡ଼ିଆ ଷଢ଼େଇର କାରିଗର ଉଦ୍ୟୋଗୀ ମାରିଆ

ନଡ଼ିଆକୁ ଶୁଭ ଫଳ ବୋଲି କୁହାଯାଏ । ଏହାର ପ୍ରତ୍ୟେକ ଅଂଶର ଗୁରୁତ୍ୱ ରହିଛି । ସେହିପରି ନଡ଼ିଆ କତାରୁ ପାପୋଛ, ଘର ସାଜଉପକରଣ ଆଦି ପ୍ରସ୍ତୁତ କରାଯାଏ । ହେଲେ ଅଧିକାଂଶ ଲୋକେ ନଡ଼ିଆକୁ ବ୍ୟବହାର କରି ସାରିବା ପରେ ଏହାର ଷଢ଼େଇକୁ ଆବର୍ଜନା ତଥା ଅଦରକାରୀ କହି ଏଣେତେଣେ ଫୋପାଡ଼ି ଦିଅନ୍ତି, କିନ୍ତୁ ଏହି ଅଦରକାରୀ ଷଢ଼େଇକୁ ସଂଗ୍ରହ କରି ସେଥିରୁ ଭଳିକି ଭଳି ଘରକରଣା ଜିନିଷ ପ୍ରସ୍ତୁତ କରି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି, କେରଳର ମାରିଆ କୁରିୟାକୋସ । ସେ ଏହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାର ଦେଇଛନ୍ତି ।






### ବ୍ୟବସାୟ ପ୍ରତି ଆଗ୍ରହ

ମାରିଆ କୁରିଆକୋସ କେରଳ ତ୍ରିଶୂରରେ ରୁହନ୍ତି । ସେ ୨୦୧୬ ମସିହାରେ ଅର୍ଥଶାସ୍ତ୍ରରେ ସ୍ନାତକ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ । ପାଠପଢ଼ା ପରେ ସେ ଏକ କର୍ପୋରେଟ୍ କମ୍ପାନୀରେ ଚାକିରି କରୁଥିଲେ; କିନ୍ତୁ ଚାକିରିରେ ତାଙ୍କୁ ସନ୍ତୋଷ ମିଳି ନ ଥିଲା । ସେ କିଛି ଭିନ୍ନ ତଥା ନୂଆ କରିବାକୁ ଚାହୁଁଥିଲେ । ଏଥିପାଇଁ ୨୦୧୯ ମସିହାରେ ଚାକିରି ଛାଡ଼ି ସେ ବ୍ୟବସାୟ କରିବାକୁ ଭାବିଥିଲେ । ଏ ନେଇ ବହୁ ଗବେଷଣା କରିଥିଲେ । ତ୍ରିଶୂରରେ ନଡ଼ିଆ ତେଲ ପ୍ରସ୍ତୁତ ହେଉଥିବା ମିଲକୁ ସେ ବୁଲିବାକୁ ଯାଇଥିଲେ । ସେଠାରେ ନଡ଼ିଆରୁ ତେଲ ପ୍ରସ୍ତୁତ ପରେ ପଡ଼ି ରହୁଥିବା ଷଢ଼େଇକୁ ସେ ଦେଖିଥିଲେ । ସେହି ଷଢ଼େଇକୁ ଉପଯୋଗ କରି ସେଥିରୁ ଘରକରଣା ସହ ଘରସଜ୍ଜା ଉପକରଣ ତିଆରି କରିବାକୁ ସ୍ଥିର କରିଥିଲେ ।

### ୨୦୧୯ ରେ ଆରମ୍ଭ 'ଥେଙ୍ଗା କୋକୋ'

ମଲୟାଲମରେ ଥେଙ୍ଗା ଶବ୍ଦର ଅର୍ଥ ନଡ଼ିଆ । ମାରିଆ କୁରିଆକୋସ ୨୦୧୯ ମସିହାରେ 'ଥେଙ୍ଗା କୋକୋ' ନାମରେ ଏକ ବ୍ୟବସାୟ ଆରମ୍ଭ କରିଥିଲେ । ଏଥିରେ ସେ ନଡ଼ିଆ ଷଢ଼େଇକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ । ପରବର୍ତ୍ତୀ ସମୟରେ ବହୁ ପରୀକ୍ଷା ନିରୀକ୍ଷା କରି ସେ ଷଢ଼େଇକୁ ଉପଯୋଗ କରି ରୋଷେଇ ସମାଗ୍ରୀ ଯଥା - କପ୍, ପିଠାଖଡ଼ିକା, ଡଙ୍କି, ଗିନା,ଥାଳି ଆଦି ପ୍ରସ୍ତୁତ କରିଥିଲେ । ଏଥିସହ ଗୃହ ସାଜପୋକରଣ ଫୁଲଦାନି, ଧୂପକାଠି ଦାନୀ, କଳସ, ମହମବତୀ, ଝୁମର୍ ଆଦି ଭଳିକି ଭଳି ଜିନିଷ ତିଆରି କରିଥିଲେ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହି ଜିନିଷର ଚାହିଦା ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ସେ ଅନ୍ୟ ମହିଳାଙ୍କୁ ନିୟୋଜିତ କରି ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

### ପ୍ରାକୃତିକ ଜିନିଷରେ ତିଆରି


ମାରିଆ ନଡ଼ିଆ ଷଢ଼େଇରୁ ନିର୍ମିତ ଉତ୍ପାଦଗୁଡ଼ିକରେ କୌଣସି ରାସାୟନିକ ଜିନିଷ ବ୍ୟବହାର କରୁ ନ ଥିଲେ । ସେ କେବଳ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ଏହି ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଷଢ଼େଇ ନିର୍ମିତ ଜିନିଷରେ ଚମକ ଆଣିବା ପାଇଁ ସେ ନଡ଼ିଆ ତେଲ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ଜିନିଷ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦିଶିଥାଏ । ସେ ପ୍ରଥମେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲେ । ଦେଖୁ ଦେଖୁ ବ୍ୟବସାୟ ବୃଦ୍ଧି ହେଲା । ଏବେ ଥେଙ୍ଗା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ପାଲଟିଛି ।

### ବିଦେଶରେ ରହିଛି ଚାହିଦା

ନଡ଼ିଆ ଷଢ଼େଇରୁ ନିର୍ମିତ ଜିନିଷ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି । ସ୍ପେନ୍, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଭଳି ଦେଶରେ ଏହି ବ୍ୟବସାୟ ଲୋକପ୍ରିୟ ହୋଇଛି । ଏବେ ଏହି କମ୍ପାନୀରେ ୪୦ରୁ ଅଧିକ ମହିଳା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି।

# ଚଷମା ପିନ୍ଧୁଥିଲେ, ଏପରି କରନ୍ତୁ ମେକ୍‌ଅପ୍

ଅନେକ ମହିଳା ଆଖିକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ତଥା ଷ୍ଟାଇଲ୍ ପାଇଁ ଚଷମା ପିନ୍ଧିଥାନ୍ତି । ଅବଶ୍ୟ ଏହା ବ୍ୟକ୍ତିତ୍ୱକୁ ସୁନ୍ଦର କରିଥାଏ । ତେବେ ଚଷମା ପିନ୍ଧୁଥିବା ମହିଳାମାନେ ମେକ୍‌ଅପ୍ କରିବା ସମୟରେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।



### ଭ୍ରୂଲତା ପ୍ରତି ଧ୍ୟାନ ଦିଅନ୍ତୁ

ଭ୍ରୂଲତାରେ ପେନ୍‌ସିଲ୍ କିମ୍ବା ପାଉଡର୍ ଲଗାଇ ଏକ ଆକାର ଦିଅନ୍ତୁ । ଏହା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆଖିକୁ ଆକର୍ଷଣୀୟ କରିଥାଏ ।

### ମ୍ୟାଟ୍ ଫାଉଣ୍ଡେସନ୍

ସାଧାରଣତଃ ଚଷମା ଲଗାଇଲେ ଏହା ନାକ ପାଖରେ ଅଟକି ଥାଏ । ଏହାଦ୍ୱାରା ଫାଉଣ୍ଡେସନ୍, କନ୍‌ସିଲର୍ ବାହାରି ଯିବାର ଆଶଙ୍କା ଥାଏ । ତେଣୁ ଏହାକୁ ରୋକିବା ପାଇଁ ହାଲୁକା ମ୍ୟାଟ୍ ଫାଉଣ୍ଡେସନ୍ ଲଗାଇପାରିବେ ।

### ଆଖି ହାଇଲାଇଟ୍

ସେହିପରି ଚଷମା ଫ୍ରେମ୍ ଅନୁଯାୟୀ ଆଖି ମେକ୍‌ଅପ୍ କରିବା ଭଲ । ଫ୍ରେମ୍ ପତଳା ଥିଲେ ପତଳା ସେପ୍‌ରେ ଆଇ ଲାଇନର୍ ଲଗାନ୍ତୁ । ସେହିପରି ମୋଟା ଫ୍ରେମ୍ ଥିଲେ, ମୋଟା ଆଇଲାଇନର୍ ଲଗାଇପାରିବେ । ଏହା ଦ୍ୱାରା ଆଖି ବଡ଼ ଓ ସୁନ୍ଦର ଦିଶିଥାଏ ।

### ବୋଲ୍ଡ ଲିପ୍‌ଷ୍ଟିକ୍

ଆଖି ମେକ୍‌ଅପ୍ କରିବାକୁ ଚାହୁଁ ନ ଥିଲେ, ଓଠରେ ବୋଲ୍ଡ ଲିପ୍‌ଷ୍ଟିକ୍ ଲଗାଇପାରିବେ । ଏହା ଦ୍ୱାରା ଲୁକ୍ ବାଲାନ୍ସ ହୋଇଥାଏ ।

### ପ୍ରାଇମର୍ ସେଟିଙ୍ଗ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ପାଇଁ ଆଖି ପ୍ରାଇମର୍ ତଥା ସେଟିଙ୍ଗ ସ୍ପ୍ରେ ବ୍ୟବହାର କରିପାରିବେ ।

# କକ୍‌ଟେଲ୍ ରିଙ୍ଗ୍

ମହିଳାମାନେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି । ସମୟନୁସାରେ ଏଥିରେ ଭିନ୍ନତା ଦେଖିବାକୁ ମିଳିଥାଏ । ସେହିପରି ଏବେ ଟ୍ରେଣ୍ଡରେ ରହିଛି କକ୍‌ଟେଲ୍ ରିଙ୍ଗ୍ । ଏଥିରେ ଉଭୟ ଆଧୁନିକ ଓ ପାରମ୍ପରିକ ଟଚ୍ ରହିଛି । ଏବର ମହିଳାଙ୍କ ମଧ୍ୟରେ ଏହି ରିଙ୍ଗ୍‌ର ଖୁବ୍ ଚାହିଦା ରହିଛି । ଜାଣିବା ସେ ବିଷୟରେ...



- ବର୍ତ୍ତମାନ ସମୟରେ କକ୍‌ଟେଲ୍ ରିଙ୍ଗ୍ ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହା ବଜେଟ୍ ଅନୁସାରେ ଭିନ୍ନ ଡିଜାଇନର ମିଳିଥାଏ । ନିଜ ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ, ଏହି ରିଙ୍ଗ୍ ପିନ୍ଧିପାରିବେ ।
- ସେହିପରି ରୟାଲ୍ କକ୍‌ଟେଲ୍ ରିଙ୍ଗ୍ ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ମାନିଥାଏ । ସେହିପରି କାଜୁଆଲ୍ ଆଉଟ୍‌ଫିଟ୍‌ରେ ଏହାକୁ କ୍ୟାରି କଲେ ଏକ ବୋଲ୍ଡ ଲୁକ୍ ମିଳିଥାଏ ।
- ଟ୍ରାଇବାଲ୍ କକ୍‌ଟେଲ୍ ରିଙ୍ଗ୍‌କୁ ସମସ୍ତେ ପିନ୍ଧିପାରିବେ । କାଜୁଆଲ୍ ଲୁକ୍‌କୁ ଏହି ଡିଜାଇନ୍ ଭଲ ମାନିଥାଏ । ଅଫିସିଆଲ୍ ଲୁକ୍‌ରେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ ।

# ଶୁଷ୍କ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୁଷ୍କ ତଥା ରୁକ୍ଷ ତ୍ୱଚାକୁ ସତେଜ କରିବା ପାଇଁ ମହିଳାମାନେ ଟୋନର୍ ଲଗାଇଥାନ୍ତି । କିନ୍ତୁ ବଜାରରେ ମିଳୁଥିବା ଟୋନର୍‌ରେ ବହୁ ରସାୟନିକ ଉପାଦାନ ରହିଥାଏ । ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଚାହିଁଲେ ଘରେ ଥିବା ପ୍ରାକୃତିକ ଜିନିଷକୁ ଉପଯୋଗ କରି ଟୋନର୍ ପ୍ରସ୍ତୁତ କରିପାରିବେ । ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିବା ସହ ଚମକ ଆଣିଥାଏ । ଜାଣିବା ସେ ବିଷୟରେ...

### ଗୋଲାପ ଜଳ ଓ ଗ୍ଲିସେରିନ୍

ଗୋଲାପଜଳ ତ୍ୱଚାକୁ ଥଣ୍ଡା ରଖୁଥିବା ବେଳେ, ଗ୍ଲିସେରିନ୍ ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ । ତେଣୁ ଏହାକୁ ମିଶାଇ ଟୋନର୍ ପ୍ରସ୍ତୁତ କରିପାରିବେ । ଏଥିପାଇଁ ଗୋଟିଏ ପାତ୍ରରେ ତିନିଚାମଚ ଗୋଲାପଜଳ ଓ ଏକ ଚାମଚ ଗ୍ଲିସେରିନ୍ ମିଶାଇ ଏକ ବୋତଲରେ ରଖନ୍ତୁ । ଏହାକୁ ମୁହଁ ଧୋଇବା ପରେ ଲଗାନ୍ତୁ ।

### କାକୁଡ଼ି – ଆଲୋଭେରା

କାକୁଡ଼ି, ଆଲୋଭେରା ତ୍ୱଚାକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହି ଟୋନର ପ୍ରସ୍ତୁତ କରିବା ପାଇଁ ଫାଳେ କାକୁଡ଼ିକୁ ଗ୍ରେଟେଡ୍ କରି ସେଥିରେ ଦୁଇଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ତ୍ୱଚାରେ ଲଗାନ୍ତୁ ।




### ଗ୍ରୀନ୍-ଟି ଓ ନିମ୍ବ ପତ୍ର

ଗ୍ରୀନ୍- ଟିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ସେହିପରି ନିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ । ତେଣୁ ଗୋଟିଏ ପାତ୍ରରେ ପାଣିଦେଇ ସେଥିରେ ଗ୍ରୀନ୍ ଟି ଓ ନିମ୍ବପତ୍ର ପକାଇ ଫୁଟାନ୍ତୁ । ଥଣ୍ଡା ହୋଇଯିବା ପରେ ଗୋଟିଏ ବୋତଲକୁ ଢାଳି ଦିଅନ୍ତୁ । ଏହାକୁ ପ୍ରତିଦିନ ତ୍ୱଚାରେ ଲଗାନ୍ତୁ ।



# ଶରୀର ଦୁର୍ଗନ୍ଧ ଦୂର କରନ୍ତୁ...

ବର୍ଷାଦିନେ ଆର୍ଦ୍ରତା ଯୋଗୁଁ ଝାଳ ଅଧିକ ବୋହିଥାଏ । ଫଳରେ ଦେହରୁ ଦୁର୍ଗନ୍ଧ ବାହାରେ । ତେବେ ଏହି ଝାଳ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ କେତେକ ଘରୋଇ ଉପାୟକୁ ଆପଣାଇପାରିବେ ।



- ଶରୀର ଦୁର୍ଗନ୍ଧ ଦୂର କରିବାର ସୁବଠୁ ଭଲ ଉପାୟ ହେଉଛି, ଗୋଲାପ ଜଳ । ଗୋଧାଇବା ପାଣିରେ ଗୋଲାପ ଜଳ ମିଶାନ୍ତୁ । ଏହା ଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହେବ ।
- ଶରୀରର ଯେଉଁ ଅଂଶରୁ ଦୁର୍ଗନ୍ଧ ଆସୁଛି, ସେହି ସ୍ଥାନରେ ଆଳୁକୁ ବ୍ୟବହାର କରିପାରିବେ । ଆଳୁକୁ କାଟି ଶରୀର ଦୁର୍ଗନ୍ଧ ହେଉଥିବା ସ୍ଥାନରେ ଘଷିଲେ ସମସ୍ୟା ଦୂର ହୁଏ ।
- ଗାଧୋଇବା ପାଣିରେ ଫିଟିକିରି ମିଶାଇପାରିବେ । ଏଥିରେ କିଛି ପୋଦିନା ପତ୍ର ମଧ୍ୟ ବାଟି ପକାଇପାରିବେ ।
- ଗୋଲାପ ଜଳରେ ଟି-ଟ୍ରି ଅଏଲ୍ ମିଶାଇ କାଖରେ ଲଗାଇଲେ ଦୁର୍ଗନ୍ଧ ବାହାରି ନ ଥାଏ ।
- ସେହିପରି ବେକିଂ ସୋଡାରେ ପାଣି ମିଶାଇ ସେଥିରେ ଲେମ୍ବୁ ରସ ମିଶାନ୍ତୁ । ଦଶ ମିନିଟ୍ ପର୍ଯ୍ୟନ୍ତ କାଖରେ ଲଗାଇ ଧୋଇ ଦିଅନ୍ତୁ । ଝାଳ ଦୁର୍ଗନ୍ଧ ଦୂର ହେବ ।

# ଅର୍ଗାନିକ ହେୟାର୍ କଲର୍‌ର ଫାଇଦା



ଅଧିକାଂଶ ମହିଳା ବଜାରର ମିଳୁଥିବା ରଙ୍ଗକୁ ବ୍ୟବହାର କରି ହେୟାର୍ କଲର୍ କରିଥାନ୍ତି । ହେଲେ ଏଥିରେ ଅଧିକ ମାତ୍ରାରେ ଆମୋନିଆ, ପେରକ୍ସାଇଡ୍ ଭଳି ରସାୟନ ରହିଥାଏ । ଯାହା କେଶକୁ ଦୁର୍ବଳ ଓ ରୁକ୍ଷ କରିଥାଏ ; କିନ୍ତୁ ପ୍ରାକୃତିକ ରଙ୍ଗରେ କୌଣସି ପ୍ରକାର ରସାୟନ ନଥାଏ । ଏହା କେଶକୁ ମଜଭୁତ କରି କେଶଝଡ଼ା ରୋକିଥାଏ ।

- ପ୍ରାକୃତିକ ରଙ୍ଗରେ ଅଁଳା, ମେହେନ୍ଦୀ ଭଳି ତତ୍ତ୍ୱ ରହିଥାଏ । ଏହା କେଶକୁ ରଙ୍ଗିନ୍ କରିବା ସହ ପୋଷଣ ଦେଇଥାଏ । ଏହା ଦ୍ୱାରା କେଶ ମଜଭୂତ ରହିଥାଏ ।
- ରସାୟନିକ ରଙ୍ଗ ଦ୍ୱାରା ଅନେକ ସମୟରେ କେଶମୂଳ କୁଣ୍ଡାଇ ହୋଇଥାଏ; କିନ୍ତୁ ପ୍ରାକୃତିକ ରଙ୍ଗ ନରମ ହୋଇଥାଏ । ଏହା କେଶମୂଳକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।
- ଏହା କହରା କେଶରେ ପ୍ରାକୃତିକ ଚମକ ଆଣିଥାଏ । ଏହା କେଶକୁ ଘନକଳା ଓ ମଜଭୂତ କରିଥାଏ ।
- ପ୍ରାକୃତିକ ରଙ୍ଗ ସର୍ବଦା ପରିବେଶ ଅନୁକୂଳ ହୋଇଥାଏ । ତେଣୁ ଏହା କେଶକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

# ଅଣ୍ଡା କୋର୍‌ମା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ସିଝା ଅଣ୍ଡା - ଚାରୋଟି, କଟା ପିଆଜ - ଏକ କପ୍, ଅଦାରସୁଣ ପେଷ୍ଟ -ଏକ ଚାମଚ, କାଜୁ - ଚାରି, ପାଞ୍ଚଟି, ଦହି - ଅଧା କପ୍, ହଳଦୀ ଗୁଣ୍ଡ - ଏକ ଚାମଚ, ଲଙ୍କା ଗୁଣ୍ଡ - ଏକ ଚାମଚ, ଜିରା ଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ- ଏକ ଚମଚା, ଗରମମସଲା- ଏକ ଚାମଚ, ଡାଲଚିନି - ଛୋଟ ଖଣ୍ଡେ, ଜିରା - ଅଳ୍ପ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଏହାପରେ କଟା ପିଆଜ ଦେଇ ଭାଜନ୍ତୁ । ପିଆଜ ନାଲି ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ଜାର୍‌ରେ ପିଆଜ, କାଜୁ, କଞ୍ଚାଲଙ୍କା, ଦହି ଦେଇ ବାଟନ୍ତୁ । ଏହାପରେ ଚୁଲାରେ କଡ଼େଇ ବସେଇ ତେଲ ଦେଇ ହଳଦୀ, ଲଙ୍କା ଗୁଣ୍ଡ ପକାଇ ସିଝାଅଣ୍ଡା ଭାଜନ୍ତୁ । ଭାଜି ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ସେହି କଡ଼େଇରେ ଅଳ୍ପ ତେଲ ଦେଇ ଡାଲଚିନି, ଜିରା, ଅଦାରସୁଣ ପେଷ୍ଟ ପକାଇ ଲଙ୍କା, ହଳଦୀ, ଜିରା ଗୁଣ୍ଡ ପକାନ୍ତୁ । ଏହାପରେ ବାଟି ରଖିଥିବା ମସଲା ଦେଇ କଷନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଆବଶ୍ୟକ ଅନୁସାରେ ଲୁଣ ମିଶାଇ କିଛି ସମୟ ଘୋଡ଼ାଇ ଦିଅନ୍ତୁ । ଏହାପରେ ଭଜା ଅଣ୍ଡା ଦେଇ ଅଳ୍ପ ସମୟ ଘୋଡ଼େଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଅଣ୍ଡା କୋର୍‌ମା' ।



■ ୯ ବର୍ଷରୁ କମ୍ ଜାତୀୟ ଚେସ୍

# ଓଡ଼ିଶାର ସାତ୍ତ୍ୱିକ ଚାମ୍ପିଅନ



ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶାର କୁନି ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଓପନ୍ ଚେସ୍ ପ୍ରତିଯୋଗିତାର ୩୮ତମ ସଂସ୍କରଣରେ ସାତ୍ତ୍ୱିକ ଟାଇଟଲ୍ ଜିତିଛନ୍ତି। ସେ ୧୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖନୀୟ କଥା ହେଉଛି, ସାତ୍ତ୍ୱିକ ଏଥିପୂର୍ବରୁ ୨୦୨୪ରେ ଇଟାଲୀରେ ଅନୁଷ୍ଠିତ ୮ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନସିପ୍‌ରେ ରୌପ୍ୟ ସଫଳତା ପାଇଥିଲେ। ବର୍ତ୍ତମାନ ତାଙ୍କର ରେଟିଂ ୧୮୭୫ ରହିଛି। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି ତାଙ୍କ ବାପା ସମ୍ବିତ ସ୍ୱାଇଁ, ମାଆ ସୋନମ ସ୍ୱାଇଁ ଓ ସାନ ଭାଇ ରିତ୍ୱିକଙ୍କ ସମେତ ପରିବାରରେ ଖୁସିର ଲହରି ଖେଳିଯାଇଛି।

# ଭାରତୀୟ ପୁରୁଷ ଓ ମହିଳା ହକିର ପରାଜୟ ଧାରା ଜାରି

ଆଣ୍ଟୱର୍ପ, ୨୧।୬ (ଏଜେନ୍ସି): ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୟୁରୋପ୍ ଗସ୍ତରେ ପରାଜୟ ଧାରା ଜାରି ରଖିଛନ୍ତି। ଶନିବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବେଲ୍‌ଜିୟମ ନିକଟରୁ ପରାଜୟର ସମ୍ମୁଖୀନ ହୋଇଥିଲେ। ୟୁରୋପ୍ ପର୍ଯ୍ୟାୟରେ ଭାରତୀୟ ପୁରୁଷ ଦଳର ଏହା କ୍ରମାଗତ ୭ମ ପରାଜୟ ଥିଲା। ସେହିଭଳି ମହିଳା ଦଳ କ୍ରମାଗତ ୫ଟି ମ୍ୟାଚରେ ହାରିଛି। ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ବିଭାଗରେ ଶନିବାର ରାତିରେ ଭାରତ ୩-୬ ଗୋଲ୍‌ରେ ବେଲ୍‌ଜିୟମ ନିକଟରୁ ମ୍ୟାଚ୍ ହାରିଯାଇଥିଲା। ଭାରତ ପକ୍ଷରୁ ଅମିତ୍ ରୋହିଦାସ, ମନଦୀପ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଚଳିତ ପ୍ରୋ ଲିଗ୍‌ରେ ଭାରତର ଏହା ୧୫ତମ ମ୍ୟାଚରୁ ୧୦ମ ପରାଜୟ ଥିଲା। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ମଧ୍ୟ ୧-୫ ଗୋଲ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଚଳିତ ୟୁରୋପ ଲେଗ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ୫ମ ପରାଜୟ। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ନିକଟରୁ ଦୁଇଥର ଲେଖାଏ ପରାସ୍ତ ହୋଇଥିଲା।

# କିଟ୍‌ରେ ଯୋଗଦିବସ ପାଳିତ



ଭୁବନେଶ୍ୱର, ୨୧।୬ (ସମିସ): ଏଗାରତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଯୋଗର ଉପକାରିତା ଉପରେ ମତ ରଖିଥିଲେ। ଏଥିସହ ନିରନ୍ତର ଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍‌ର ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ ସାଇନ୍ସର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

ଲିଡ୍ସ ଟେଷ୍ଟ ୨ୟ ଦିନ

# ପନ୍ତଙ୍କ ଶତକ ସତ୍ତ୍ୱେ ଭାରତ ୪୭୧ରେ ସୀମିତ

ଲିଡ୍ସ, ୨୧।୬ (ଏଜେନ୍ସି):

ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦ୍ୱିତୀୟ ଦିବସରେ ୱିକେଟ୍‌କିପର ଋଷଭ ପନ୍ତ ଦମ୍‌ଦାର ଶତକୀୟ ପାଳି ଖେଳିବାରୁ ଭାରତର ସ୍କୋର ୪୫୦ ରନ ଅତିକ୍ରମ କରିଥିଲା। ଭାରତୀୟ ପାଳିରେ ଏହା ୩ୟ ଶତକ ଥିଲା। ପୂର୍ବରୁ ପ୍ରଥମ ଦିବସରେ ଅଧିନାୟକ ଶୁବମନ ଗିଲ୍ ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ ରନର ଶତକୀୟ ପାଳି ଖେଳିଥିଲେ।

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଶେଷ ଖବର ସୁଦ୍ଧା ୩୭ ଓଭରରେ ଦୁଇ ୱିକେଟ୍ ହରାଇ ୧୫୧ ରନ ସଂଗ୍ରହ କରିଛି। ଓଲି ପୋପ୍ ୬୯ ଓ ଜୋ ରୁଟ୍ ୧୩ ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ପାଳିର ପ୍ରଥମ ଓଭରରେ ଓପନର୍ ଜାକ୍ କ୍ରଲୀ ୪ ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ବେନ୍ ଡକେଟ ୬୨ ରନ୍ କରି ବୁମରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଇଂଲଣ୍ଡ ଆହୁରି ୩୨୦ ରନ୍ ପଛରେ ରହିଛି।



ଚାରୋଟି ଲେଖାଏଁ ୱିକେଟ୍ ନେଇଥିବା ଇଂଲଣ୍ଡର ଜୋଶ ଟଙ୍ଗ୍ ଓ ବେନ୍ ଷ୍ଟୋକ୍

## ୪୧ ରନରେ ଶେଷ ୭ ୱିକେଟ୍

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ଶନିବାର ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ଗିଲ୍ ୧୨୭ ଓ ପନ୍ତ ୬୫ ରନରୁ ଆଜି ସକାଳେ ସତର୍କତାର ସହ ବ୍ୟାଟିଂ କରିଥିଲେ। ତେବେ ଅଧିନାୟକ ଗିଲ୍ ନିଜ ସ୍କୋରରେ ଆଉ ୨୦ ରନ ଯୋଡ଼ି ସ୍ପିନର ସୋଏବ ବସିରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ୧୪୭ ରନର ପାଳିରେ ସେ ୧୯ ଚୌକା ଓ ଗୋଟିଏ ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ପନ୍ତଙ୍କ ସହ ୪ର୍ଥ ୱିକେଟ୍‌ରେ ଗିଲ୍ ୨୦୯ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା କରୁନ ନାୟାର ସମ୍ପୂର୍ଣ୍ଣ ନିରାଶ କରିଥିଲେ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା କରୁନ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍‌ଙ୍କ ବଲରେ ପାଭିଲିୟନ ଫେରିଥିଲେ। ସେହିଭଳି ପରେ ପରେ ପନ୍ତ ମଧ୍ୟ ୧୩୪ ରନ କରି ଦ୍ରୁତ ବୋଲର ଜୋଶ ଟଙ୍ଗ୍‌ଙ୍କ ପ୍ରଥମ ଶିକାର ବନିଥିଲେ। ପନ୍ତ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ୬ ଛକା ମାରିଥିଲେ। ଏହାପରେ ଭାରତୀୟ ନିମ୍ନକ୍ରମର ବ୍ୟାଟିଂ ବିଫଳତା ଯୋଗୁ ଦଳ ୪୭୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୧୧, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୧ ରନ ଲେଖାଏ କରିଥିବାବେଳେ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଷ୍ଟୋକ୍ ଓ ଟଙ୍ଗ ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏକଦା ୪୩୦ ରନରେ ୩ ୱିକେଟ୍ ହରାଇଥିବା ଭାରତ ପରବର୍ତ୍ତୀ ୪୧ ରନରେ ଶେଷ ୭ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ୫୦୦ ରନ ଅତିକ୍ରମ କରିବାର ସୁଯୋଗକୁ ଦଳ ହାତଛଡ଼ା କରିଥିଲା। ସେହିଭଳି ଟେଷ୍ଟ ମ୍ୟାଚର ଗୋଟିଏ ପାଳିରେ ୩ଟି ଶତକ ସହ ସର୍ବନିମ୍ନ ଦଳୀୟ ସ୍କୋର କରିବାରେ ଏହା ଏକ ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୩ଜଣ ବ୍ୟାଟର୍‌ଙ୍କ ଶତକ ସତ୍ତ୍ୱେ ୪୭୫ ରନରେ ସୀମିତ ରହିଥିଲା।

### ୧୪୮ ବର୍ଷ ଟେଷ୍ଟ ଇତିହାସରେ ପ୍ରଥମ

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଭାରତୀୟ ପାଳିରେ ୩ଟି ଶତକ ଦେଖିବାକୁ ମିଳିଥିଲା। ଅଧିନାୟକ ଗିଲ୍ ସର୍ବାଧିକ ୧୪୭ ରନ କରିଥିବାବେଳେ ଉପ-ଅଧିନାୟକ ଋଷଭ ପନ୍ତ ୧୩୪ ରନର ପାଳି ଖେଳିଥିଲେ। ସେହିଭଳି ଓପନର୍ ଯଶସ୍ୱୀ ଜୟସ୍ୱାଲ ମଧ୍ୟ ୧୦୧ ରନ କରିଥିଲେ। ତେବେ ଟେଷ୍ଟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଲାଗି ଏକବିରଳ ଘଟଣା ଦେଖିବାକୁ ମିଳିଛି। ଟେଷ୍ଟ କ୍ରିକେଟ୍‌ରେ ପ୍ରଥମଥର ଲାଗି ଅଧିନାୟକ ଓ ଉପ-ଅଧିନାୟକ ଭାବେ ପଦାର୍ପଣ କରି ପ୍ରଥମ ପାଳିରେ ଶତକ ହାସଲ କରିବାରେ ଉଭୟ ଗିଲ୍ ଓ ପନ୍ତ ପ୍ରଥମ ଅଧିନାୟକ ଓ ଉପ-ଅଧିନାୟକ ଯୋଡ଼ି ହୋଇଛନ୍ତି। ଗିଲ୍ ଓ ପନ୍ତ ପ୍ରଥମଥର ଲାଗି ଯଥାକ୍ରମେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଓ ଉପ-ଅଧିନାୟକ ଭାର ଏହି ଟେଷ୍ଟରେ ସମ୍ଭାଳିଛନ୍ତି।

# ଶତକରେ ଧୋନିଙ୍କୁ ଟପିଲେ ଋଷଭ



ଶତକୀୟ ପାଳି ଅବସରରେ ଭାରତୀୟ ୱିକେଟ୍‌କିପର ଋଷଭ ପନ୍ତ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ପନ୍ତଙ୍କ ଏହା ୭ମ ଶତକ ଥିଲା। ଏଥିସହ ଭାରତୀୟ ୱିକେଟ୍‌କିପର ଭାବେ ଟେଷ୍ଟରେ ସର୍ବାଧିକ ଶତକ ଅର୍ଜନ କରିବାର ପନ୍ତ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ପଛରେ ପକାଇ ଦେଇଛନ୍ତି। ଧୋନି ୯୦ ଟେଷ୍ଟ ଖେଳି ୬ ଶତକ ଓ ୩୩ ଅର୍ଦ୍ଧଶତକ ହାସଲ କରିଥିଲେ। ପନ୍ତ କିନ୍ତୁ ନିଜର ୪୪ତମ ଟେଷ୍ଟ ମ୍ୟାଚରେ ୭ମ ଶତକ ଅର୍ଜନ କରିଛନ୍ତି। ଏଥିସହ ସେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ଭାରତୀୟ ୱିକେଟ୍‌କିପର ହୋଇଛନ୍ତି। ଏହି ତାଲିକାରେ ପନ୍ତ ଓ ଧୋନିଙ୍କ ପଛକୁ ଋଦ୍ଧିମାନ ଶାହ (୩ଟି ଶତକ) ୩ୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ୱିକେଟ୍‌କିପର ଭାବେ ଅଷ୍ଟ୍ରେଲିଆର ଆଦାମ ଗିଲ୍‌କ୍ରିଷ୍ଟ ଶୀର୍ଷରେ ରହିଛନ୍ତି। ସେ ୧୭ଟି ଟେଷ୍ଟ ଶତକ ହାସଲ କରିଥିଲେ। ଆଣ୍ଡି ଫ୍ଲାୱାର (୧୨), ଲିସ୍ ଆମିସ୍ (୮), ଏବି ଡି ଭିଲର୍ସ (୭), ମ୍ୟାଟ୍ ପ୍ରାୟର (୭), କୁମାର ସାଙ୍ଗାକାରା (୭), ବିଜେ ୱାଟଲିଂ (୭) ଓ ପନ୍ତ (୭) ତାଲିକାରେ ପଛକୁ ସ୍ଥାନ ପାଇଛନ୍ତି।

# ଜୁନ ୨୩ରେ ଆଇଓସି ପାଳନ କରିବ 'ଲେଟ୍ସ ମୁଭ୍'

ଭୁବନେଶ୍ୱର, ୨୧।୬ (ସମିସ): ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ରିଲାଏନ୍ସ ଫାଉଣ୍ଡେସନ ସହ ସହଭାଗୀତାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ବିଶ୍ୱସ୍ତରୀୟ ଅଭିଯାନ 'ଲେଟ୍ସ ମୁଭ' ଜୁନ ୨୩ରେ ଭାରତରେ ପାଳିତ ହେବ। ଏହି ଦିନ ଅଲିମ୍ପିକ ଦିବସ ପଡୁଥିବାବେଳେ ଲେଟ୍ସ ମୁଭର ନୂତନ ସଂସ୍କରଣ 'ଲେଟ୍ସ ମୁଭ +୧' ସାରା ଦେଶରେ ପାଳନ କରାଯିବ। ସାରା ଦେଶର ଲୋକମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି ପାଇଁ କ୍ରୀଡ଼ାର ଶକ୍ତିକୁ ଅନୁଭବ କରିବା ଏବର୍ଷର ବିଷୟବସ୍ତୁ ରହିଛି। ଅଲିମ୍ପିକ ମୂଲ୍ୟବୋଧର ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଅଂଶ ଭାବରେ ସାରା ଦେଶର ସ୍କୁଲଗୁଡ଼ିକୁ ଏହି ଆନ୍ଦୋଳନରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ୧୪୫୦ ସ୍କୁଲର ପିଲା ଏଥିରେ ଭାଗନେଇ ଅଲିମ୍ପିଆନ ତଥା ପ୍ରସିଦ୍ଧ ତୀରନ୍ଦାଜ ଅତନୁ ଦାସ ଓ ଦୀପିକା କୁମାରୀଙ୍କ ସହ ଭାବବିନିମୟ କରିବାର ସୁଯୋଗ ପାଇବେ। ସେହିଭଳି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ରହିଥିବା ଓଡ଼ିଶା, ଆସାମ, ଚଣ୍ଡିଗଡ଼ରେ ଏଥର ୧୨ ନିୟୁତରୁ ଊର୍ଦ୍ଧ୍ୱ ସ୍କୁଲ ପିଲା ଭାଗନେବେ ବୋଲି ଆଶା କରାଯାଉଛି। ଏହି ଅବସରରେ ୨୦୦୮ ବେଜିଂ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା କହିଛନ୍ତି, 'ଚଣ୍ଡିଗଡ଼, ଓଡ଼ିଶା ଓ ଆସାମରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭାରତରେ ପ୍ରଥମଥର 'ଲେଟ୍ସ ମୁଭ' ଅଭିଯାନ ମାଧ୍ୟମରେ ଆମେ ଲକ୍ଷ୍ୟ ରଖିଛୁ କ୍ରୀଡ଼ା ଜରିଆରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା, ଉନ୍ନତି ଓ ସଶକ୍ତକରିପାରିବୁ।




# ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ନୀରଜଙ୍କ ବାଜିମାତ୍

## ୮୮.୧୬ମିଟର ସହ ବର୍ଷର ପ୍ରଥମ ମେଜର୍ ଟାଇଟଲ୍

ପ୍ୟାରିସ୍,୨୧।୬(ଏଜେନ୍ସି): ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ବାଜି ମାରିଛନ୍ତି। ୨୭ ବର୍ଷୀୟ ନୀରଜ ପ୍ରଥମ ରାଉଣ୍ଡରେ ୮୮.୧୬ ମିଟର ଜାଭେଲିନ୍ ଫିଙ୍ଗି ବିଜୟ ସୁନିଶ୍ଚିତ କରିଥିଲେ। ସେ ଜର୍ମାନୀର ଜିଲିଆନ ୱେବରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ୱେବେର ୮୭.୮୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ବ୍ରାଜିଲର ଲୁଇଜ୍ ମୌରିସିଓ ଡି ସିଲ୍‌ଭା ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ମେ ୧୬ରେ ଅନୁଷ୍ଠିତ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟରରେ ପ୍ରଥମଥର ପାଇଁ ୯୦ମି ପାର କରିଥିଲେ। ଏଥିରେ ସେ ୯୦.୨୩ ମିଟର ଥ୍ରୋ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୱେବର ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ଏବେ ପ୍ୟାରିସରେ ୱେବରଙ୍କଠାରୁ ନୀରଜ ମଧୁର ପ୍ରତିଶୋଧ ନେଇଛନ୍ତି। ଏଥିସହ ସେ ଚଳିତ ବର୍ଷ ପ୍ରଥମଥର ପାଇଁ କୌଣସି ମେଜର ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପୁଣି ଗତ ଦୁଇବର୍ଷ ମଧ୍ୟରେ ନୀରଜ ପ୍ରଥମଥର ପାଇଁ ଡାଏମଣ୍ଡ ଲିଗ୍‌ରେ ବିଜୟ ହାସଲ କରିଛନ୍ତି।



### ୩ଟି ପ୍ରୟାସ ଫାଉଲ ଥିଲା

ପ୍ୟାରିସ୍‌ରେ ୬ଟି ଥ୍ରୋରୁ ନୀରଜଙ୍କ ୩ଟି ଫାଉଲ୍ ଥିଲା। ସେ ପ୍ରଥମ ଥ୍ରୋରେ ହିଁ ୮୮.୧୬ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ୮୫.୧୦ ମିଟର ଥ୍ରୋ କରିଥିଲେ। ଏହାପରେ ତୃତୀୟ, ଚତୁର୍ଥ ଓ ୫ମ ରାଉଣ୍ଡ ଥ୍ରୋ ଫାଉଲ ଥିଲା। ଅନ୍ତିମ ତଥା ଷଷ୍ଠ ପ୍ରୟାସରେ ସେ ୮୨.୮୯ ମିଟର ଥ୍ରୋ କରିଥିଲେ। ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ୨୦୨୨ରେ ସେ ଚାମ୍ପିଅନ, ୨୦୨୩ ଓ ୨୦୨୪ରେ ରନର୍ସଅପ୍ ହୋଇଥିଲେ। ବେଙ୍ଗାଲୁରୁରେ ଜୁଲାଇ ୫ରେ ଆୟୋଜନ ହେବାକୁ ଯାଉଥିବା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ସେ ଅଂଶଗ୍ରହଣ କରିବେ।

ଗଲ୍‌ରେ ସାଣ୍ଟୋଙ୍କ ଦ୍ୱିତୀୟ ଶତକ

# ମାଥ୍ୟୁସଙ୍କ ବିଦାୟୀ ଟେଷ୍ଟ ଅମୀମାଂସିତ

ଗଲ୍,୨୧।୬(ଏଜେନ୍ସି):

ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ରହିଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୫୩. ୪ ଓଭରରେ ୪୯୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୩୧.୨ ଓଭରରେ ୪୮୫ ରନକରି ଆଉଟ ହୋଇ ୧୦ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ପଞ୍ଚମ ଦିବସରେ ୮୭ ଓଭରରେ ୬ ୱିକେଟ ହରାଇ ୨୮୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୨୯୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ମ୍ୟାଚ୍ ଶେଷ ହେବା ବେଳକୁ ୩୨ ଓଭରରେ ୪ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। କାମିନ୍ଦୁ ମେଣ୍ଡିସ୍ ଓ ଅଧିନାୟକ ଧନଞ୍ଜୟ ଡିସିଲ୍‌ଭା ୧୨ ଲେଖାଏ ରନ୍ କରି ଅପରାଜିତ ରହିଥିଲେ। ଓପନର ପଥୁମ ନିଶାଙ୍କା ୨୪ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବାଂଲାଦେଶର ତାଇଜୁଲ ଇସ୍‌ଲାମ ୩ ୱିକେଟ ନେଇଥିଲେ। ବର୍ଷା ଯୋଗୁ ୫ମ ଦିବସର ଖେଳ ବାଧାପ୍ରାପ୍ତ ହୋଇଥଲା। ପ୍ରଥମ ଇନିଂସରେ ୧୪୮ ଓ ଦ୍ୱିତୀୟରେ ଅପରାଜିତ ୧୨୫ ରନର ଶତକୀୟ ପାଳି ଖେଳିଥିବା ବାଂଲାଦେଶ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସିରିଜ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୨୫ ତାରିଖରୁ କଲମ୍ବୋରେ ଆରମ୍ଭ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ଟି-୨୦ ସିରିଜ ଖେଳାଯିବ।






ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଏହି ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ହେବ ବୋଲି ୩୮ ବର୍ଷୀୟ ମାଥ୍ୟୁସ ପୂର୍ବରୁ ଘୋଷଣା କରିଥିଲେ। ଶନିବାର ସେ ଶ୍ରୀଲଙ୍କାର ୨ୟ ପାଳିରେ ୪୫ ବଲ୍ ସାମ୍ନା କରି ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ବିଦାୟୀ ପାଳିରେ ନିରାଶ କରିଥିଲେ ମଧ୍ୟ ମାଥ୍ୟୁସ ପ୍ୟାଭିଲିୟନ ଫେରିବାବେଳେ ଘରୋଇ ଦର୍ଶକଙ୍କ ସାମ୍ନାରେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ସମୟରେ ଫିଲ୍ଡରେ ଥିବା ବାଂଲାଦେଶ ଖେଳାଳିମାନେ ମାଥ୍ୟୁସଙ୍କ ନିକଟରୁ ଆସି ତାଙ୍କ ସହ ହାତ ମିଳାଇ ବିଦାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗଲ୍ ଷ୍ଟାଡିୟମରେ ହିଁ ୨୦୦୯ରେ ପାକିସ୍ତାନ ବିପକ୍ଷରେ ଖେଳି ମାଥ୍ୟୁସ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ୧୧୮ ଟେଷ୍ଟ ମ୍ୟାଚ୍ ଖେଳି ସେ ୪୪.୪୦ ହାରରେ ୮୨୧୪ ରନ କରିଛନ୍ତି। ଯେଉଁଥିରେ ୧୬ ଶତକ ଓ ୪୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ମଧ୍ୟ ୩୩ ୱିକେଟ୍ ନେଇଛନ୍ତି।

■ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଭୁବନେଶ୍ୱର-ଏ ଓ କଟକ-ଏ ଫାଇନାଲ ଆଜି

କଟକ,୨୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱର-ଏ ଓ କଟକ-ଏ ପ୍ରବେଶ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ରବିବାର ଫାଇନାଲ ମୁକାବିଲା ହେବ। ଶନିବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ଼ ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର-ଏ ୬ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଦଳ ୧୨୧ ରନରେ ଅଲଆଉଟ ହୋଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ସର୍ବାଧିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ଓମ ବେହେରାଙ୍କୁ ୬ଟି ୱିକେଟ ମିଳିଥିଲା। ତେବେ ୧୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ସୁନ୍ଦରଗଡ଼ ୨୨.୨ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ୬୫ ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ଭୁବନେଶ୍ୱର-ଏକୁ ବିଜୟୀ ଘୋଷିତ କରାଯାଇଛି।



ଓମ ବେହେରା



ପ୍ରଜ୍ଞା କୁମାର ପତ୍ରି

୧୫ ରନ ବ୍ୟୟ କରି ୩ ୱିକେଟ ସଫଳତା ପାଇଥିବା ବିଜୟୀ ଦଳର ପ୍ରଜ୍ଞା କୁମାର ପତ୍ରିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ଓ ଭୁବନେଶ୍ୱର-ବି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ନକଆଉଟ ପର୍ଯ୍ୟାୟ ପଏଣ୍ଟ ଆଧାରରେ କଟକ-ଏ'କୁ ବିଜୟୀ ଘୋଷିତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS